

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୮୨ ● ୧୯ ଅପ୍ରେଲ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-82 ● 19th April 2024, Friday ● Bhubaneswar

Licensed to post without pre-payment of postage No- BN-60/22-24

## ସରିଲା ପ୍ରଥମ ପର୍ଯ୍ୟାୟ ପ୍ରଚାର: ୧୦୨ ଆସନରେ ଆଜି ଭୋଟ୍

**ନୂଆଦିଲ୍ଲୀ, ୧୮।୪**

ଲୋକସଭା ନିର୍ବାଚନ-୨୦୨୪ର ପ୍ରଥମ ପର୍ଯ୍ୟାୟ ଭୋଟ ପାଇଁ ଗୁରୁବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଶୁକ୍ରବାର ୨୧ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ୧୦୨ଟି ଲୋକସଭା ଆସନରେ ଭୋଟ୍ ଗ୍ରହଣ ହେବ।

ପ୍ରଥମ ପର୍ଯ୍ୟାୟରେ ଅରୁଣାଚଳ ପ୍ରଦେଶର ୨ଟି ଆସନ, ଆସାମର ୫ଟି ଆସନ, ବିହାରର ୪ଟି ଆସନ, ଛତିଶଗଡ଼ର ଗୋଟିଏ ଆସନ, ମଧ୍ୟପ୍ରଦେଶର ୬ଟି ଆସନ, ମହାରାଷ୍ଟ୍ରର ୫ଟି ଆସନ, ମଣିପୁରର ୨ଟି ଆସନ, ମେଘାଳୟର ୨ ଆସନ, ମିଜୋରାମ, ନାଗାଲ୍ୟାଣ୍ଡ, ପୁଡୁଚେରି, ସିକ୍କିମ ଏବଂ ଲକ୍ଷାଦ୍ୱୀପର ଗୋଟିଏ ଲେଖାଏଁ ଆସନ, ରାଜସ୍ଥାନର ୧୨ଟି ଆସନ, ତାମିଲନାଡୁର ସମସ୍ତ ୩୯ଟି ଆସନରେ ମତଦାନ ହେବ।



ସେହିଭଳି ଉତ୍ତର ପ୍ରଦେଶର ୮ଟି ନିର୍ବାଚନ ମଣ୍ଡଳୀରେ ପ୍ରଥମ ପର୍ଯ୍ୟାୟରେ ମତଦାନ ହେବାକୁ ଥିବା ବେଳେ ପଶ୍ଚିମବଙ୍ଗର ୩ଟି ଆସନ, ଆଣ୍ଡାମାନ ଏବଂ ନିକୋବରର ଗୋଟିଏ ଆସନ, ଜମ୍ମୁ-କଶ୍ମୀରର ଗୋଟିଏ ଆସନ ଏବଂ ତ୍ରିପୁରାର ଗୋଟିଏ ଆସନ ପାଇଁ ଭୋଟ୍ ଗ୍ରହଣ ହେବ। ଭୋଟ୍ ଗ୍ରହଣ ସୁରୁଖୁରୁରେ ସମ୍ପାଦନ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି ଏବଂ ସମସ୍ତ ସମ୍ବେଦନଶୀଳ ବୁଥ୍‌ରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଏଥର ଲୋକସଭା ନିର୍ବାଚନ ୭ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେଉଥିବା ବେଳେ ଜୁନ୍ ୧ରେ ମତଦାନ ପ୍ରକ୍ରିୟା ଶେଷ ହେବ ଏବଂ ଜୁନ୍ ୪ ତାରିଖରେ ଫଳାଫଳ ପ୍ରକାଶ ପାଇବ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଗୁରୁବାର ପ୍ରଚାରର ଶେଷ ଦିବସରେ ଦୁଇ ପ୍ରମୁଖ ଜାତୀୟ ଦଳ ବିଜେପି ଏବଂ କଂଗ୍ରେସ ପକ୍ଷରୁ ମାରାଥନ ପ୍ରଚାର ଦେଖିବାକୁ ମିଳିଛି। ଉଭୟ ଦଳର ବରିଷ୍ଠ ନେତାମାନେ ବିଭିନ୍ନ ରାଜ୍ୟରେ ରାଲି, ରୋଡ୍ ସୋ ଏବଂ ଘରକୁ ଘର ପ୍ରଚାର କରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସାମ ଓ ତ୍ରିପୁରାରେ ୨ଟି ମେଗା ରାଲିରେ ଉଦ୍‌ବୋଧନ ଦେଇଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧି ଗୁରୁବାର କର୍ଣ୍ଣାଟକରେ ଦୁଇଟି ରାଲିରେ ଉଦ୍‌ବୋଧନ *(ପୃଷ୍ଠା ୭ରେ)*

## ସାରା ରାଜ୍ୟରେ ତାତିର କର୍ଫ୍ୟୁ : ଭୁବନେଶ୍ୱର ତାପମାତ୍ରା ୪୩.୬ ଡିଗ୍ରୀ

**ଭୁବନେଶ୍ୱର, ୧୮।୪**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଅସମ୍ଭାଳ ତାତି । ଜାରି ରହିଛି ଅଗ୍ନିବର୍ଷା। ଖରାରେ ସମଗ୍ର ରାଜ୍ୟବାସୀ ଆଉଟୁପାଉଟୁ ହେଉଛନ୍ତି । ସକାଳ ୮ଟାରୁ ଆରମ୍ଭ ହୋଇଯାଉଛି ଖରାର କର୍ଫ୍ୟୁ। ଦିନ ୧୧ରୁ ତାପମାତ୍ରା ୪୦ ଡିଗ୍ରୀ ଡେଉଁଛି। ବୁଧବାର ରାଜ୍ୟର ୩୦ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ପହଞ୍ଚିଥିବା ବେଳେ ଗୁରୁବାର ତାହା ମଧ୍ୟ ଟପିଯାଇଥିବା ଜଣାପଡିଛି।

ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନ ସାଢେ ୨ଟା ସୁଦ୍ଧା ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ୪୩.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି, ଯାହାକି ରାଜ୍ୟରେ ସର୍ବାଧିକ ବୋଲି କୁହାଯାଇଛି। ସେହିପରି ଝାରସୁଗୁଡ଼ାରେ ୪୨.୬ ଡିଗ୍ରୀ, ବାଲେଶ୍ୱରରେ ୪୨.୨, ସମ୍ବଲପୁରରେ ୪୧.୭, ହୀରାକୁଦରେ ୪୧.୪, ଚାନ୍ଦବାଲିରେ ୪୧.୨, କେନ୍ଦୁଝର ୪୦.୯ ଓ ରାଉରକେଲାରେ ୪୦.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।



ବଡ଼ କଥା ହେଉଛି ଯେ ଏହି ସ୍ଥିତି ଆଗକୁ ଆହୁରି ଅସମ୍ଭାଳ ହେବା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିବା ସହ ୪ ଦିନ ପର୍ଯ୍ୟନ୍ତ ତାତିରୁ ମୁକ୍ତି ମିଳିବ ନାହିଁ ବୋଲି କହିଛି। ବିଶେଷ କରି ଆଗାମୀ ଦୁଇ ଦିନ ଦିନର ତାପମାତ୍ରା ସବୁଠୁ ଶୀର୍ଷରେ ରହିବା ସହ ଏହି ସମୟରେ ଅନେକ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଛୁଇଁବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି । ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଭୀଷଣ ଗ୍ରୀଷ୍ମ ପ୍ରବାହ (ସିଭିୟର ହିଟ୍‌ୱେଭ୍) ସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା କରି ଦୁଇ ଦିନ ପାଇଁ ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରିଛି।

ପାଣିପାଗ କେନ୍ଦ୍ରର ଆକଳନକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଏସ୍‌ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଦିନ ୧୧ ଟାରୁ ଅପରାହ୍ନ ୩ ଟା ଯାଏଁ *(ପୃଷ୍ଠା ୭ରେ)*

## ଆଉ ୪ ବିଧାନସଭା ଆସନ ପାଇଁ କଂଗ୍ରେସର ପ୍ରାର୍ଥୀ ଘୋଷଣା

**ଭୁବନେଶ୍ୱର, ୧୮।୪**

**ନ୍ୟୁଜ୍ ବ୍ୟୁରୋ**

ଆଉ ୪ଟି ବିଧାନସଭା ଆସନ ପାଇଁ ଗୁରୁବାର କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇଛି। ମାହାଙ୍ଗାରୁ ଦେବେନ୍ଦ୍ର ସାହୁ, ସତ୍ୟବାଦୀରୁ ମନୋଜ ରଥ, ଭୁବନେଶ୍ୱର (ମଧ୍ୟ)ରୁ ପ୍ରକାଶ ଜେନା ଏବଂ ଭୁବନେଶ୍ୱର (ଉତ୍ତର)ରୁ ଆସନରୁ ଅଶୋକ ଦାସଙ୍କୁ ଦଳ ପ୍ରାର୍ଥୀ କରିଛି।

## ସ୍ୱେଚ୍ଛାକୃତ ଅବସର ନେଲେ ଆଇପିଏସ୍ ଅଧିକାରୀ ସଞ୍ଜୟ ସିଂହ



**ଭୁବନେଶ୍ୱର, ୧୮।୪**

**ନ୍ୟୁଜ୍ ବ୍ୟୁରୋ**

ସ୍ୱେଚ୍ଛାକୃତ ଅବସର ନେଇଛନ୍ତି ୧୯୯୬ ବ୍ୟାଚ ଓଡ଼ିଶା କ୍ୟାଡର ଆଇପିଏସ ଅଫିସର ସଂଜୟ ସିଂହ। ସ୍ୱେଚ୍ଛାକୃତ ଅବସର ପାଇଁ ତାଙ୍କ ଆବେଦନକୁ ରାଜ୍ୟ *(ପୃଷ୍ଠା ୭ରେ)*

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

### ରାଜନୈତିକ ଦଳମାନଙ୍କ ସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

## ୪ର୍ଥ ପର୍ଯ୍ୟାୟ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ : ଆରମ୍ଭ ହେଲା ନାମାଙ୍କନ ଦାଖଲ ପ୍ରକ୍ରିୟା

**ଭୁବନେଶ୍ୱର, ୧୮।୪**

**ନ୍ୟୁଜ୍ ବ୍ୟୁରୋ**

ସାଧାରଣ ନିର୍ବାଚନ ପାଇଁ ଆନୁଷ୍ଠାନିକ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗୁରୁବାର ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ବୈଠକ କରିଥିଲେ।

ଏହି ଅବସରରେ ସେ ନାମାଙ୍କନ ପତ୍ର ଦାଖଲ, ଯାଞ୍ଚ, ପ୍ରାର୍ଥୀପତ୍ର ପ୍ରତ୍ୟାହାରର ପ୍ରକ୍ରିୟା, ନିର୍ବାଚନ ଓ ନିର୍ବାଚନ ଫଳ ପ୍ରକାଶ ପାଇବାର ତାରିଖ ଓ ପ୍ରକ୍ରିୟା ବିଷୟରେ ସବିଶେଷ ତଥ୍ୟ ରଖିଥିଲେ । କଳାହାଣ୍ଡି, ନବରଙ୍ଗପୁର (ଏସ୍.ଟି.), ବ୍ରହ୍ମପୁର ଓ କୋରାପୁଟ (ଏସ୍.ଟି.) ଲୋକସଭା ନିର୍ବାଚନ ମଣ୍ଡଳୀ ଏବଂ ଏହା ଅନ୍ତର୍ଗତ ସମସ୍ତ ବିଧାନସଭା ନିର୍ବାଚନ *(ପୃଷ୍ଠା ୭ରେ)*



## ଇସ୍ରାଏଲି ଜାହାଜ ଅପହରଣ ମାମଲା: ମୁକ୍ତ ହେଲେ ଭାରତୀୟ ମହିଳା

**ନୂଆଦିଲ୍ଲୀ, ୧୮।୪**

ଗତ ଏପ୍ରିଲ ୧୩ ତାରିଖରେ ଇରାନ ପକ୍ଷରୁ ଅପହରଣ କରାଯାଇଥିବା ଇସ୍ରାଏଲି ଜାହାଜରେ ଥିବା ୧୭ ଭାରତୀୟଙ୍କ ମଧ୍ୟରେ ଥିବା ଏକମାତ୍ର ମହିଳାଙ୍କୁ ମୁକ୍ତ କରିଛି ଇରାନ। ମୁକ୍ତ ହୋଇଥିବା ମହିଳା କର୍ମଚାରୀ ନିଜ ରାଜ୍ୟ କେରଳ ଫେରିଛନ୍ତି । ତେବେ ଅବଶିଷ୍ଟ ୧୬ ଜଣଙ୍କ ମୁକ୍ତି କେବେ ହେବ ତାହା ଜଣାପଡିନାହିଁ ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ କେରଳର ତ୍ରିଶୂରର ବାସିନ୍ଦା ମହିଳା କ୍ୟାଡେଟ ଆନ ଟେସା ଜୋସେଫ୍, ଯିଏ କି ମାଲବାହୀ ଜାହାଜ ଏମଏସସି ଏଆରଏସିରେ ଥିବା ଭାରତୀୟ କ୍ରୁରେ ସାମିଲ ଥିଲେ, ତାଙ୍କୁ ଉଦ୍ଧାର କରାଯାଇଛି । ସେ କୋଚିନସ୍ଥିତ ନିଜ ଘରେ ପହଞ୍ଚିଛନ୍ତି। ଏହାବ୍ୟତୀତ ତେହେରାନରେ ଥିବା ଭାରତୀୟ ଦୂତାବାସ ମାଲବାହୀ ଜାହାଜ ଏମଏସସି ଏଆରଏସର ଅବଶିଷ୍ଟ ୧୬ ଜଣ ଭାରତୀୟ କର୍ମଚାରୀଙ୍କ ସହ ଯୋଗାଯୋଗରେ ଅଛି। ଖୁବଶୀଘ୍ର ସେମାନଙ୍କୁ ମଧ୍ୟ ମୁକ୍ତ କରାଯିବ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ତେହେରାନରେ ଥିବା ଭାରତୀୟ ମିଶନ ଜାହାଜର କ୍ରୁ *(ପୃଷ୍ଠା ୭ରେ)*



## ସ୍ୱଦେଶୀ ଜ୍ଞାନକୌଶଳ କ୍ରୁଜ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

**ଚାନ୍ଦିପୁର, ୧୮।୪**

**ନ୍ୟୁଜ୍ ବ୍ୟୁରୋ**

ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ଓଡ଼ିଶା ଉପକୂଳର ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ ଟେଷ୍ଟ ରେଞ୍ଜ (ଆଇଟିଆର୍)ରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ କ୍ରୁଜ କ୍ଷେପଣାସ୍ତ୍ର (ଆଇଟିସିଏମ୍)ର ସଫଳ ପରୀକ୍ଷଣ କରାଯାଇଛି । ପରୀକ୍ଷା ସମୟରେ ସମସ୍ତ ସବ ସିଷ୍ଟମ ଆଶାନୁରୂପ ପ୍ରଦର୍ଶନ କରିଥିଲା। ଏହି କ୍ଷେପଣାସ୍ତ୍ରର କାର୍ଯ୍ୟଦକ୍ଷତାକୁ ରାଡାର, ଇଲେକ୍ଟ୍ରୋ ଅପ୍ଟିକାଲ ଟ୍ରାକିଂ ସିଷ୍ଟମ (ଇଓଟିଏସ) ଏବଂ ଆଇଟିଆର ଦ୍ୱାରା ବିଭିନ୍ନ ସ୍ଥାନରେ ନିୟୋଜିତ ଟେଲିମେଟ୍ରି ଦ୍ୱାରା ନିରୀକ୍ଷଣ କରାଯାଇଥିଲା। ଭାରତୀୟ ବାୟୁସେନାର ସୁ-୩୦-ଏମ କେ-୧ ବିମାନରୁ ମଧ୍ୟ ଏହି କ୍ଷେପଣାସ୍ତ୍ରର ଉଡ଼ାଣ ଉପରେ ନଜର ରଖାଯାଇଥିଲା।



ଏହି କ୍ଷେପଣାସ୍ତ୍ର ୱେ ପଏଣ୍ଟ ନେଭିଗେସନ ବ୍ୟବହାର କରି ଆବଶ୍ୟକ ପଥ ଅନୁସରଣ କରିଥିଲା ଏବଂ ଅତ୍ୟନ୍ତ ନିମ୍ନ ଉଚ୍ଚତା ବିଶିଷ୍ଟ ସମୁଦ୍ର-ସ୍କିମିଂ ଉଡ଼ାଣ ପ୍ରଦର୍ଶନ କରିଥିଲା। ବେଙ୍ଗାଲୁରୁସ୍ଥିତ ଗ୍ୟାସ ଟର୍ବାଇନ ରିସର୍ଚ୍ଚ ଏଷ୍ଟାବ୍ଲିସମେଣ୍ଟ *(ପୃଷ୍ଠା ୭ରେ)*

## ଆଜି ଛତିଶଗଡରେ ମତଦାନ, ଓଡ଼ିଶା ସୀମା ସିଲ୍ ଓ ହାଇ ଆଲର୍ଟ ଜାରି

**ମାଲକାନଗିରି, ୧୮।୪**

**ନ୍ୟୁଜ୍ ବ୍ୟୁରୋ**

ସୀମାନ୍ତ ଛତିଶଗଡ଼ରେ ଲୋକସଭା ନିର୍ବାଚନ-୨୦୨୪ ପାଇଁ ଶୁକ୍ରବାରରେ ମତଦାନ ହେବ। ଏହାକୁ ଆଖି ଆଗରେ ରଖି ପୁଲିସ, ବିଏସଏଫ, ସିଆରପିଏଫ ଏବଂ ଛତିଶଗଡ଼ର ସମସ୍ତ ସୁରକ୍ଷାକର୍ମୀ ଆଲର୍ଟ ହୋଇଯାଇଛନ୍ତି । ନକ୍ସଲଙ୍କ ଗତିବିଧି ଉପରେ ମାଲକାନଗିରି ପୁଲିସ ସମେତ ଛତିଶଗଡ଼ ପୁଲିସ ନଜର ରଖିଛି। କୌଣସି ଅଘଟଣକୁ ଏଡାଇବାକୁ ଗୁଇନ୍ଦା ବିଭାଗକୁ ସତର୍କ କରିଦିଆଯାଇଛି । ଛତିଶଗଡ ନିର୍ବାଚନର ଦୁଇ ସପ୍ତାହ ପରେ ମାଲକାନଗିରିରେ ନିର୍ବାଚନ ହେବାକୁ ଥିବା ବେଳେ ନକ୍ସଲ ଓଡ଼ିଶା ମୁହାଁ ହେବାର ସମ୍ଭାବନା ରହିଛି। ତେଣୁ ମାଲକାନଗିରି ପୁଲିସ ଏବଂ ବିଏସ୍‌ଏଫ ତରଫରୁ ଅପରେସନକୁ ଜୋରଦାର କରାଯାଉଛି। ସୀମାକୁ ସିଲ କରିଦିଆଯାଇଥିବା ବେଳେ ହାଇ ଆଲର୍ଟ ଜାରି କରାଯାଇଛି।



ମାଲକାନଗିରି ଏସପି ନିତିଶ ବାଧାନୀଙ୍କ କହିବା ଅନୁଯାୟୀ ଜିଲ୍ଲାର ୧୬ଟି ସ୍ଥାନରେ ଅପରେସନ ଚାଲିଛି । ୪ଟି ଟିମ୍‌କୁ ଷ୍ଟାଣ୍ଡବାୟ ରଖାଯାଇଛି। କୌଣସି ମୁହୂର୍ତ୍ତରେ ଦରକାର ପଡିଲେ ଏହି ଟିମ ଘଟଣାସ୍ଥଳକୁ ଯିବେ। ଜିଲ୍ଲାର ଚାରୋଟି ଯିବା ଆସିବା ସୀମା ପଥରେ ୨୪ ଘଣ୍ଟା ପୁଲିସ ପଇଁତରା ମାରୁଛି । ଅଜଣା ବ୍ୟକ୍ତିଙ୍କୁ ଧରି ପଚରାଉଚରା କରୁଛି । ସମସ୍ତ ଯାନବାହାନକୁ ଯାଞ୍ଚ କରାଯାଉଛି । ସୀମାରେ ହାଇଟେକ ଡ୍ରୋନ ବୁଲୁଛି । ନକ୍ସଲଙ୍କ ଗତିବିଧି ସଂପର୍କରେ ସମସ୍ତ ସୂଚନା ପାଇବା ପରେ ପୁଲିସ ଚଢାଉ କରିବ ବୋଲି କୁହାଯାଇଛି।

ନିର୍ବାଚନକୁ ଶାନ୍ତିଶୃଙ୍ଖଳାରେ କରିବା ପାଇଁ ଛତିଶଗଡ *(ପୃଷ୍ଠା ୭ରେ)*

## ଲୋକସଭା ନିର୍ବାଚନ ପାଇଁ ଚାଲିବ ସ୍ୱତନ୍ତ୍ର ଟ୍ରେନ

**ନୂଆଦିଲ୍ଲୀ, ୧୮।୪**

ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ୧୯ ଏପ୍ରିଲ ୨୦୨୪ରେ ହେବ। ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଚେନ୍ନାଇ କେନ୍ଦ୍ରୀୟ ରେଳ ଷ୍ଟେସନରୁ ବେଙ୍ଗାଲୁରୁ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ଦକ୍ଷିଣ ରେଳବାଇ ଘୋଷଣା କରିଛି । ଭୋଟ ଦିନ ଭୋଟ ଦେବା ପରେ ଏହା ଯାତ୍ରୀମାନଙ୍କୁ ନିଜ କାର୍ଯ୍ୟ ସ୍ଥାନକୁ ଫେରିବାରେ ସାହାଯ୍ୟ ମଧ୍ୟ କରିବ। ୧୯ ଏପ୍ରିଲ ୨୦୨୪ରେ ତାମିଲନାଡୁର ୩୯ଟି ଲୋକସଭା ଆସନ ପାଇଁ ଭୋଟ ଗ୍ରହଣ କରାଯିବ। ଦକ୍ଷିଣ ରେଳବାଇ ଦ୍ୱାରା ଜାରି ସରକାରୀ ବିଜ୍ଞପ୍ତି ଅନୁଯାୟୀ ଚେନ୍ନାଇରୁ ବେଙ୍ଗାଲୁରୁର ହ୍ୱାଇଟଫିଲ୍ଡ ରେଳ ଷ୍ଟେସନ ପର୍ଯ୍ୟନ୍ତ ଲୋକସଭା ନିର୍ବାଚନ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ। ଟ୍ରେନ ନମ୍ବର ୦୬୦୦୫/୦୬୦୦୬ ଚେନ୍ନାଇ *(ପୃଷ୍ଠା ୭ରେ)*

### ଏକାଳ ପକ୍ଷାଳ



ଓଜନ, ହାଲ୍କା ମପା ଚାଲିଛି<br>
ପ୍ରଚାର ପାଇଁ କି ରେଡ୍ଡି<br>
ଦେଖା ନଥିବା ମେଘ ଗୁଡା ସବୁ<br>
ଶୁଣେଇବେ ଘଡଘଡି<br>
ଛିଦ୍ର ହେବ ତଡାତଡି<br>
ତା'ଭିତରେ ସାଧାରଣ ଜନ<br>
ଶୁଖିଯିବ ତୁମ ନାଡି।

## ଡିସିପିଙ୍କ କଡ଼ା ଚେତାବନୀ, ମହିଳାଙ୍କୁ ଦୁର୍ବ୍ୟବହାର ଛାଡ଼ ନହେଲେ ଭୁବନେଶ୍ୱର ଛାଡ଼



**ଭୁବନେଶ୍ୱର, ୧୮।୪**

**ନ୍ୟୁଜ୍ ବ୍ୟୁରୋ**

ମହିଳାଙ୍କୁ ଦୁର୍ବ୍ୟବହାର ବନ୍ଦକର ନହେଲେ ଭୁବନେଶ୍ୱର ଛାଡ । ଏଭଳି ମେସେଜ ଦେଇ କମିଶନରେଟ ପୁଲିସ ଆରମ୍ଭ କରିଛି ଏଚ୍.ଇଆର (ହାଇ ଏଫିସିଏନ୍‌ସି ରେସ୍‌ପନ୍ସ)। କୌଣସି କର୍ମଜୀବୀ ମହିଳାଙ୍କୁ ଦୁର୍ବ୍ୟବହାର କଲେ କିମ୍ବା ନିର୍ଯାତନା ଦେଲେ ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଉଛି ଏହି ଟିମ୍।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, କିଛିଦିନ ତଳେ ହାଇଟେକ ମେଡ଼ିକାଲ କଲେଜର ଜଣେ ନର୍ସଙ୍କ ପ୍ରତି ଦୁର୍ବ୍ୟବହାର କରାଯାଇଥିବା ଘଟଣାରେ ପୋଲିସ୍ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେହିଭଳି ବୁଧବାର ରାମ ନବମୀ ଉତ୍ସବ ପାଳନ ବେଳେ ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିଥିବା ଘଟଣାରେ ପୋଲିସ୍ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। କମିଶନରେଟ୍ ପୋଲିସ୍‌ର ଏହି ଟିମ୍‌ର ଉଦ୍ଦେଶ୍ୟ ହେଉଛି ମହିଳାଙ୍କୁ ସୁରକ୍ଷା ଯୋଗାଇ ଦେବା। ଏହି ଟିମର ନେତୃତ୍ୱ ନେଉଛନ୍ତି ଏସିପି ଅଞ୍ଜନା ଟୁଡୁ । ମୋଟ ୧୪ ଜଣ ମହିଳା ପୁଲିସ ଅଫିସର ଏହି ଟିମର ମେମ୍ବର ରହିଛନ୍ତି। ଏଥିପାଇଁ ଏକ ଟୋଲ ଫ୍ରି' ନମ୍ବର ମଧ୍ୟ ଜାରି କରାଯାଇଛି । ଏହି ନମ୍ବର ହେଉଛି ୬୩୭୨୫୦୦୪୦୦। ଯେଉଁମାନେ ଅସୁବିଧା ସମୟରେ ଏହି ନମ୍ବରକୁ କଲ କରିବେ ସେମାନଙ୍କ ନମ୍ବର ମଧ୍ୟ ଗୋପନ ରଖାଯିବ । ପୁଲିସ ମଧ୍ୟ ଅଧିକାଂଶ କେସରେ ନିଜ ତରଫରୁ କେସ ରୁଜୁ କରୁଛି। ପିସିଆର ନମ୍ବର ୧୧୨କୁ କଲ କଲେ ମଧ୍ୟ ଏହି ନମ୍ବରକୁ ଡାଇଭର୍ଟ କରାଯାଉଛି । ଖଟି, ମାର୍କେଟ, ପାର୍କରେ ସାଦା ପୋଷାକରେ ପଇଁତରା ମାରୁଛନ୍ତି ଏହି ମହିଳା ସ୍କ୍ୱାର୍ଡ। ଆଗକୁ ଏହି ଟିମ୍ ମହିଳାଙ୍କୁ ଦୁର୍ବ୍ୟବହାର ଓ ନିର୍ଯାତନା ଘଟଣାରେ ଅଭିଯୁକ୍ତଙ୍କୁ ଦୃଢ଼ ହସ୍ତରେ ଦମନ କରିବ ବୋଲି ଡିସିପି ପ୍ରତୀକ ସିଂହ ସୂଚନା ଦେଇଛନ୍ତି।

## ଏଣିକି ତେଜରାତି ଦୋକାନରେ ମିଳିବ ଥଣ୍ଡା, କାଶ ଔଷଧ !

**ନୂଆଦିଲ୍ଲୀ, ୧୮।୪**

ଭାରତରେ ଏଣିକି ଥଣ୍ଡା, ଜ୍ୱର, କାଶ ଭଳି ସାଧାରଣ ଔଷଧକୁ ତେଜରାତି ଦୋକାନରେ ବିକ୍ରି କରିବାକୁ ଅନୁମତି ଦିଆଯାଇପାରେ। ଏଥିପାଇଁ କେନ୍ଦ୍ର ସରକାରଙ୍କ ଏକ ସମିତି ଗଠନ ହୋଇଛି, ଯାହା ଭାରତରେ ଓଭର ଦି କାଉଣ୍ଟର(ଓଟିସି) ଔଷଧ ନୀତି ପ୍ରସ୍ତୁତ ଦିଗରେ କାମ କରୁଛି। ଖାସ କଥା ଏହା କି ଲୋକଙ୍କୁ ଔଷଧ କିଣିବାକୁ ଡାକ୍ତରଙ୍କ ପ୍ରେସକ୍ରିପସନ ମଧ୍ୟ ଦେଖାଇବାକୁ ପଡିବନି । ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ ଏହି ଔଷଧକୁ ସହଜରେ ଲୋକଙ୍କ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଏମିତି ପଦକ୍ଷେପ ନିଆଯାଉଛି ।



ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ଏବେ ଅନେକ ଅଞ୍ଚଳରେ ସାଧାରଣ ଔଷଧ ପହଞ୍ଚିପାରୁନି । ଆମେରିକା ସମେତ ଅନେକ ଦେଶରେ ଏହି ସାଧାରଣ ଔଷଧ ତେଜରାତି ଦୋକାନରେ ବିକ୍ରି ହେବାର ଅନୁମତି ରହିଛି। ଭାରତରେ ମଧ୍ୟ *(ପୃଷ୍ଠା ୭ରେ)*





# ବିପଦ ଶଙ୍କୁଳ କେନାଲ ସେତୁ : ପ୍ରତିକାର ଦାବି

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**



ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଅନତି ଦୂରରେ କେନ୍ଦ୍ରାପଡା କେନାଲ ଉପରେ ବିପଦ ସଙ୍କୁଳ ଅବସ୍ଥାରେ ଏକ ସେତୁ ରହିଛି । ଏହି ସେତୁଟି ମରଣଯନ୍ତା ପାଲଟିଥିଲେ ମଧ୍ୟ ଏହାର ମରାମତି କରାଯିବା ନିମନ୍ତେ ପ୍ରଶାସନିକ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣକରାନଯିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଶାସନ ତରଫରୁ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରାଯିବା ନିମନ୍ତେ ସାଧାରଣରେ ଦାବି ହୋଇଛି । କେନ୍ଦୁପାଟଣା ଜଳସମ୍ପଦ ବିଭାଗ କାର୍ଯ୍ୟାଳୟର ମାତ୍ର ଅଳ୍ପ କେତେମିଟର ଦୂରରେ କେନ୍ଦ୍ରାପଡା କେନାଲର କୋଲଣପୁର ନିକଟରେ ଏକ ସଂଯୋଗୀକରଣ ସେତୁ ରହିଛି । ଏହି ସେତୁ ଉପରେ ଦୈନନ୍ଦିନ ଶହ ଶହ ସଂଖ୍ୟାରେ ଯାନବାହାନ ଗମନା ଗମନ କରିବା ସହ ସ୍କୁଲ କଲେଜ ଛାତ୍ର ଛାତ୍ରୀ ଓ ସାଧାରଣ ଲୋକେ ଗମନା ଗମନ ନିମନ୍ତେ ନିର୍ଭର କରିଥାନ୍ତି । ଏହି ସେତୁଟି ନିଶ୍ଚିନ୍ତକୋଇଲି ଓ ସାଲେପୁରକୁ ସଂଯୋଗ କରିଥାଏ । ଏହି ସେତୁକୁ କେନ୍ଦୁପାଟଣା ଜଳସମ୍ପଦ ବିଭାଗ ତରଫରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା । ଦୀର୍ଘଦିନ ହେଲା ଏହି ସେତୁର ଉଭୟ ବାଡ଼ା ଭାଙ୍ଗିଯାଇଥିଲା ବେଳେ ସଂଯୋଗୀ କରଣ ରାସ୍ତା ମଧ୍ୟ ଦବି ଯାଇଥିବାର ଦେଖିବାକୁ ମିଳିଛି । ଏହି ବିପଦ ସଙ୍କୁଳ ସେତୁ ଉପର ଦେଇ ଦୈନନ୍ଦିନ ଶହ ଶହ ଲୋକ ଯାତାୟାତ କରୁଛନ୍ତି । କେତେବେଳେ ଏହି ବିପଦ ସଙ୍କୁଳ ସେତୁ ନିରୀହ ଲୋକଙ୍କ ଜୀବନ ଦୀପକୁ ଲିଭାଇ ଦେବ ତାହା କହିହେଉ ନାହିଁ । ଏହି ସେତୁକୁ ମରାମତି କରାଯିବା ନିମନ୍ତେ ସାଧାରଣରେ ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ ଏଥିପ୍ରତି କେହିହେଲେ କର୍ଣ୍ଣପାତ କରୁନଥିବାର ଅଭିଯୋଗ ହୋଇଛି । ପ୍ରଶାସନ ତରଫରୁ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବା ନିମନ୍ତେ ସାଧାରଣରେ ଦୃଢ଼ ଦାବି ହୋଇଛି ।

# ମା'ରାମଚଣ୍ଡୀଙ୍କ ଆଶୀର୍ବାଦ ଲୋଡ଼ିଲେ ଅତନୁ ଓ ଅଂଶୁମାନ

**ମହାକାଳପଡ଼ା, ନ୍ୟୁଜ୍‌ବ୍ୟୁରୋ**



ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ରାମନଗରସ୍ଥିତ ଦରିଆପାରି ମା' ରାମଚଣ୍ଡୀଙ୍କ ପୀଠରେ ପ୍ରସିଦ୍ଧ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ତଥା ଜିଲ୍ଲା ବାହାରର ହଜାର ହଜାର ଶ୍ରଦ୍ଧାଳୁ ମା'ଙ୍କ ପୀଠରେ ପହଞ୍ଚି ମା'ଙ୍କୁ ଦର୍ଶନ କରି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଝାମୁଯାତ୍ରା ଅନୁଷ୍ଠିତ ହେବା ପୂର୍ବରୁ ମା'ଙ୍କୁ ଏକ ସୁସଜ୍ଜିତ ବିମାନରେ ବସାଯାଇ ମନ୍ଦିର ବେଢ଼ା ପରିକ୍ରମା କରାଯାଇଥିଲା । ଏହି ସମୟରେ ମହାକାଳପଡ଼ା ବିଧାୟକ ତଥା ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ କେନ୍ଦ୍ରାପଡ଼ା ଲୋକସଭା ବିଜେଡ଼ି ପ୍ରାର୍ଥୀ ଅଂଶୁମାନ ମହାନ୍ତି ମା'ଙ୍କୁ ଦର୍ଶନ କରିଥିଲେ । ମା'ଙ୍କ ବେଢ଼ା ପରିକ୍ରମା ସମୟରେ ଏଥିରେ ସାମିଲ ହୋଇଥିଲେ । କୋଚିଲା ଗ୍ରାମର ହୁରିଆ କାନ୍ଧିଆମାନେ ମା'ଙ୍କୁ ବିମାନରେ ବସାଇ ପରିକ୍ରମା କରିଥିଲେ । ଶହଶହ ଭକ୍ତ ଓ ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ଯୋଗ ଦେଇଥିଲେ । ଉଭୟ ନେତା ମା'ଙ୍କୁ ଦର୍ଶନ କରି ଆଶିର୍ବାଦ ଭିକ୍ଷା କରିଛନ୍ତି । ପରେ ଖୁରୁସିଆ ସ୍ଥିତ ବ୍ରହ୍ମାଣୀ ଠାରେ ପହଞ୍ଚି ଦର୍ଶନ କରି କୃପାଭିକ୍ଷା କରିଛନ୍ତି । ମହାକାଳପଡ଼ା ତଥା କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ଭାବେ ମା' ରାମଚଣ୍ଡୀଙ୍କ ପୀଠ ରହିଛି । ମା'ଙ୍କୁ ଦର୍ଶନ କଲେ ଜନ୍ମ ଜନ୍ମର ଆଶୀର୍ବାଦ ମିଳେ ବୋଲି ଭକ୍ତମାନଙ୍କ ମନରେ ବିଶ୍ୱାସ । ଏହି ଯାତ୍ରା ପ୍ରାୟ ଏକ ସପ୍ତାହ ଧରି ପ୍ରତିବର୍ଷ ଚାଲିଥାଏ । ଚଳିତ ବର୍ଷ ପୂଜାରେ ୧୦ ହଜାରରୁ ଅଧିକ ଭକ୍ତ ମା'ଙ୍କ ପୀଠରେ ପହଞ୍ଚି ମା'ଙ୍କୁ ଦର୍ଶନ କରିଥିବା ନେଇ ଆକଳନ କରାଯାଇଛି । ବ୍ଲକ ଅଧକ୍ଷା କଳ୍ପନା ରାଉତ, ଉପାଧ୍ୟକ୍ଷ ବିଜୟ ଶୁକ୍ଳା, ଅଶୋକ ମହାପାତ୍ର, ବିଜୟ ଜେନା, ଅମରେନ୍ଦ୍ର ସାମଲ, ମୃତ୍ୟୁଞ୍ଜୟ ମଣ୍ଡଳ, ମିଳନ ଦେବନାଥ, ରତିକାନ୍ତ ପଣ୍ଡା, ରଞ୍ଜନ ଦାସଙ୍କ ସମେତ ବହୁ ନେତୃମଣ୍ଡଳୀ ଓ କର୍ମୀମାନେ ଉଭୟ ନେତାଙ୍କ ସହିତ ଯାଇ ମା'ଙ୍କୁ ଦର୍ଶନ କରିଥିଲେ ।

# କଟକ ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ ପାଳିତ

**କଟକ, ନ୍ୟୁଜ୍‌ବ୍ୟୁରୋ**

ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବା ସାହେବ ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକରଙ୍କ ଜିଲ୍ଲାସ୍ତରୀୟ ୧୩୩ତମ ଜୟନ୍ତୀ ପାଳିତ ହୋଇଯାଇଅଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅରିନ୍ଦମ ଡାକୁଆ ମୁଖ୍ୟଅତିଥି ଭାବରେ ଯୋଗଦେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସନ୍ନିକଟ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଡକ୍ଟର ଦିବ୍ୟଲୋଚନ ମହାନ୍ତ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ପ୍ରମୁଖ ଉପସ୍ଥିତ ରହି ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।



# କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ସଂକ୍ରାନ୍ତି ଉତ୍ସବ



**କଟକ, ନ୍ୟୁଜ୍‌ବ୍ୟୁରୋ**

ଆଧ୍ୟାତ୍ମିକ ଅନୁଷ୍ଠାନ କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ପଣାସଂକ୍ରାନ୍ତି ଉତ୍ସବ ଓ ହନୁମାନ ଜୟନ୍ତୀ ମାରୁତିମଣ୍ଡପ ସ୍ଥିତ ସମିତିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସର୍ବବ୍ୟବସ୍ଥାପକ ଗୋପାଳ ଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଲୋକସଂପର୍କ ପ୍ରମୁଖ କୈଳାସ ଚନ୍ଦ୍ର ଜେନା ଆଜିର ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ସାଧାରଣ ସଂପାଦକ ଦିଲ୍ଲୀପ କୁମାର ସ୍ୱାଇଁ ମଇ ଏକ ତାରିଖରୁ ପାଞ୍ଚ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ରାମଲୀଳା ସଂପର୍କରେ ଆଲୋକପାତ କରିଥିଲେ । ଏହି ଉତ୍ସବରେ କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଦାଶ, କୋଷାଧକ୍ଷ ସନ୍ତୋଷ କୁମାର ମଲ୍ଲିକ, ଉପସଭାପତି ନଳିନ କୁମାର ସେନାପତି, ସୁକାନ୍ତ ବିଶୋଇ,ଯତୀନ୍ଦ୍ର ଦାସ, ସୋମନାଥ ଦାସ, କୁନୀ ନାୟକ, ସି.ଏଚ.ରାମମୋହନ ରାଓ,ସରସ୍ୱତୀ ବେହେରା, ସଂଜୟ କୁମାର ଦଳାଇ, ବିବେକାନନ୍ଦ ଦାସ, ନିବାସ ଚନ୍ଦ୍ର ମିଶ୍ର, ଚିରଞ୍ଜିବୀ ବେହେରା, ଲକ୍ଷ୍ମୀନାରାୟଣ ମଲ୍ଲିକ, ଜିତୁ ବାରିକ, ଜଗନ୍ନାଥ ବେହେରା, ଦେବୀପ୍ରସନ୍ନ ମହାପାତ୍ର, ଉଲ୍ଲାସ ଚନ୍ଦ୍ର ମହାପାତ୍ର, ମକର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଚାଷୀମାନଙ୍କ ଜୀବନରେଖା ଘୋଡ଼ାହାଡ଼ ଡ୍ୟାମ୍ ଶୁଖିଗଲା

**ବ୍ରହ୍ମପୁର/ଦିଗପହଣ୍ଡି, ନ୍ୟୁଜ୍‌ବ୍ୟୁରୋ**



ଆଉ ଦେଖିବାକୁ ମିଳୁନି ଅଥଳ ଜଳରାଶି । ଶୁଭୁନି ଆଉ ବିଦେଶାଗତ ପକ୍ଷୀଙ୍କ କଳରବ ଓ କୁମ୍ଭୀରମାନଙ୍କ ଜଳକ୍ରୀଡ଼ା । ସକାଳୁ ନୌକାରୁ ମାଛ ମାରି ଫେରିବାର ଦୃଶ୍ୟ ସ୍ୱପ୍ନ ପାଲଟିଛି । ଘୋଡ଼ାହାଡ଼ ଡ୍ୟାମ୍ ଏବେ ଶ୍ରୀହୀନ । ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକ୍‌ର ଚାଷୀ ମାନଙ୍କ ଜୀବନରେଖା ଘୋଡ଼ାହାଡ଼ ଡ୍ୟାମ୍ । ଏହି ପ୍ରକଳ୍ପ ୧୯୭୮ ମସିହାରେ ନିର୍ମାଣ ହୋଇଥିଲା । ଗଞ୍ଜାମ ଜିଲ୍ଲା ଅନ୍ୟ ଅଞ୍ଚଳର ଚାଷୀ ମାନେ ବର୍ଷା ଅଭାବରୁ ମରୁଡ଼ିର ସମ୍ମୁଖୀନ ହେଉଥିବା ବେଳେ ଦିଗପହଣ୍ଡି ଓ ସାନଖେମୁଣ୍ଡି ଚାଷୀ ମାନଙ୍କ ମୁହଁରେ ହସ ଫୁଟାଉଥିଲା ଏହି ଡ୍ୟାମ୍ । ଚଳିତ ବର୍ଷ ଜଳ ଭଣ୍ଡାର ଶୁଖିଲା ପଡ଼ିଛି । ୨୦୨୩ ଖରିଫ୍ ସମୟରେ ଡ୍ୟାମ୍‌ର କ୍ୟାଚମେଣ୍ଟ୍ ଏରିଆରେ ଆବଶ୍ୟକ ପରିମାଣ ବର୍ଷା ହୋଇନଥିବା ଯୋଗୁଁ ଡ୍ୟାମ୍‌ର ୭୭୫୮ ହେକ୍ଟର ଚାଷ ଜମିକୁ ଜଳସେଚନରେ ନିଅଣ୍ଟିଆ ହୋଇଥିଲା । ଏବେ ଡ୍ୟାମ୍‌ରେ ବିଭିନ୍ନ ଗଣ୍ଡରେ ମାତ୍ର ଦୁଇ ପ୍ରତିଶତ ଜଳ ରହିଛି ବୋଲି ଦିଗପହଣ୍ଡି ଘୋଡ଼ାହାଡ଼ ଜଳସେଚନ ଉପଖଣ୍ଡ ସହକାରୀ ଉପ ନିର୍ବାହୀ ଯନ୍ତ୍ରୀ ଗୋପାଳ ରାଓ କହିଛନ୍ତି । ବର୍ତ୍ତମାନ ସ୍ଥିତିରେ ଜଳ ଭଣ୍ଡାର ପୁନଃରୁଦ୍ଧାର କରିବାପାଇଁ ସରକାର ଅନୁମୋଦନ କରିନାହାନ୍ତି । କେବଳ ଉପର ମୁଣ୍ଡରେ ବର୍ଷା ହେଲେ ଆସନ୍ତା ଖରିଫ୍ ଚାଷ ପାଇଁ କିଛି ପରିମାଣରେ ଜଳ ଯୋଗାଣ ହୋଇ ପାରିବ ବୋଲି ସେ କହିଛନ୍ତି । ସୋରଡ଼ା ଓ ଘୋଡ଼ାହାଡ଼ ଜଳଭଣ୍ଡାରର ପୁନଃରୁଦ୍ଧାର କରାଗଲେ ଚାଷୀମାନଙ୍କ ଜଳସମସ୍ୟା ଦୂର ହୋଇପାରିବ ବୋଲି ଏଆଇକେଏମ୍‌ଏସ୍ ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ ପ୍ରତିକ୍ରିୟାରେ କହିଛନ୍ତି । ଘୋଡ଼ାହାଡ଼ ଜଳଭଣ୍ଡାରର ଜଳଧାରଣ କ୍ଷମତା ୩୦୫୨ ହେକ୍ଟୋମିଟର । ପୂର୍ଣ୍ଣ ଜଳଧାରଣ କ୍ଷମତା ୧୧୭.୮୦ ମିଟର । ଡ୍ୟାମ୍ ପୁନରୁଦ୍ଧାର ପାଇଁ ଏବେ ପ୍ରକୃତ ସମୟ । ସରକାର ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି । ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର କରିବା ସହ ଛେଳିଗଡ଼ ଜଳକୁ ଘୋଡ଼ାହାଡ଼ ଡ୍ୟାମ୍‌ରେ ସଂଯୋଗ କରିବା ପାଇଁ ଘୋଡ଼ାହାଡ଼ ଜଳଶୀର୍ଷ କମିଟି ସଭାପତି ରମେଶ ପାତ୍ର ଅବଗତ କରିଥିବା କହିଛନ୍ତି । ମୌସୁମୀ ବର୍ଷା ଉପରେ ଭରସା ନାହିଁ । କେବଳ ଛେଳିଗଡ଼ ପାଣି ଆସିଲେ ଘୋଡ଼ାହାଡ଼ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିବ ବୋଲି ସାନଖେମୁଣ୍ଡି ବ୍ଲକ୍ କୃଷି ବୈଷୟିକ ପରାମର୍ଶ ଉପଦେଷ୍ଟା ସଭାପତି ବିଶ୍ୱନାଥ ବରାଡ଼ ପ୍ରତିକ୍ରିୟାରେ କହିଛନ୍ତି ।

# କେନ୍ଦ୍ରାପଡ଼ାରେ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଡଃ ବି.ଆର. ଆମ୍ବେଦକରଙ୍କର ପ୍ରତିମୂର୍ତ୍ତି କମିଟି ଓ ଅଲ୍ ଇଣ୍ଡିଆ ସମତା ସୈନିକ ଦଳ ପକ୍ଷରୁ ଭାରତରତ୍ନ ଡଃ ବି.ଆର. ଆମ୍ବେଦକର ୧୩୩ତମ ଜନ୍ମ ଜୟନ୍ତୀ ପାଳନ ହୋଇଯାଇଛି । ପ୍ରତିମୂର୍ତ୍ତି କମିଟି ସଭାପତି ସୁଧିର କୁମାର ମଲିକଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ କେନ୍ଦ୍ରାପଡା ବିଧାୟକ ଶଶୀ ଭୂଷଣ ବେହେରା ମୁଖ୍ୟ ଅତିଥି ପୂର୍ବତନ ବିଧାୟିକା ଡ଼ଃ ସିପ୍ରା ମଲିକ, ପୌର ଅଧକ୍ଷା ସରିତା ସାହୁ, ପୂର୍ବତନ ଓକିଲ ସଂଘ ସଭାପତି ବିଚିତ୍ରା ନନ୍ଦ ସାହୁ, ନିର୍ମଳ କୁମାର ମଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମ୍ବିଧାନ ପ୍ରଣେତା ଭୀମରାଓ ବାବା ସାହେବ ଡ଼ଃ ବି.ଆର. ଆମ୍ବେଦକରଙ୍କର ଜୀବନୀ ଓ ଆଦର୍ଶ ସଂପର୍କରେ ମତବ୍ୟକ୍ତ କରିଥିଲେ । ସାରା ବିଶ୍ୱରେ ଆମ୍ବେଦକରଙ୍କର ଜନ୍ମ ଜୟନ୍ତୀ ପାଳନ କରାଯାଉଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ସମ୍ବିଧାନରେ ଡ଼ଃ ଆମ୍ବେଦକର ସମସ୍ତ ଭାରତୀୟଙ୍କ ସୁରକ୍ଷା ଓ ସମ୍ମାନ ଜଣାଇ ସମ୍ବିଧାନ ଲେଖିଥିବା ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ହଳଧର ମଲିକ, ପ୍ରଭାତୀ ସାହୁ, ପ୍ରବୋଧ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ସଭା ଶେଷରେ ଆଇନଜୀବୀ ଅପୂର୍ବ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ଆମ୍ବେଦକର ଜଣେ ସମାଜସଂସ୍କାରକ ଓ ଅର୍ଥନୀତିଜ୍ଞ ଥିଲେ'

**ବ୍ରଜରାଜନଗର, ନ୍ୟୁଜ୍‌ବ୍ୟୁରୋ**

କୋଲ୍ ଇଣ୍ଡିଆ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ସଂଘ ( ସିଷ୍ଟା) ଜିଏମ ୟୁନିଟ, ଇବ୍ ଭ୍ୟାଲି କ୍ଷେତ୍ର ତରଫରୁ ରବୀନ୍ଦ୍ର ଭବନଠାରେ ଭାରତ ରତ୍ନ ବାବାସାହେବ ଭୀମରାଓ ଆମ୍ବେଦକର ଜୟନ୍ତୀ ପାଳନ କରାଯାଇଛି । ଇବ୍ ଭ୍ୟାଲି କ୍ଷେତ୍ର ମହାପ୍ରବନ୍ଧକ ଏ କେ ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଇବ୍ ଭ୍ୟାଲି କେନ୍ଦ୍ରୀୟ ଚିକିତ୍ସାଳୟ ମୁଖ୍ୟ ଡାକ୍ତର ଅନିଲ କୁମାର, ସିଷ୍ଟା ଇବ୍ ଭ୍ୟାଲି ଏରିଆ ସମ୍ପାଦକ ସୁବାସ ଜାଲି, ସିଷ୍ଟା ଇବ୍ ଭ୍ୟାଲି ପ୍ରଭାରୀ ଅକାଲୁ ରାମ ସମ୍ମାନିତ ଅତିଥି, ଡାକ୍ତର କପିଲ ଭୋୟାର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଅତିଥିଗଣ ଡକ୍ଟର ଆମ୍ବେଦକରଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହିତ ସେ ଜଣେ ସାମାଜିକ ସଂସ୍କାରକ, ଅର୍ଥନୀତିଜ୍ଞ, ରାଜନେତା ସହିତ ଜଣେ ଉତ୍ତମ ଲେଖକ ତଥା ଚିନ୍ତକ ଥିଲେ ବୋଲି ମତ ପ୍ରକାଶ କରିଥିଲେ । ଭୀମସେନ ନାଏକ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ସିଷ୍ଟା କୋଷାଧ୍ୟକ୍ଷ ବିନୋଦ ବିହାରୀ ରୋହିଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା । ସିଷ୍ଟା ସଭାପତି ଚନ୍ଦ୍ର କିଶୋର ଗଣ୍ଡ, ସମ୍ପାଦକ ରବି ରୋହିଦାସ, ଦୀପକ କୁମାର, ଅରିନ୍ଦମ ମଲ୍ଲିକ, ଜୟନ୍ତୀ କୁମୁରା, ପ୍ରେମଲତା କାଲୋ, ସଞ୍ଚିତା ଦାସ,ସୁମିତ୍ର ଖଡିଆ, ସୁଦେଷ୍ଣା ପଟେଲ, ସୀତା ମରେଇ, ଜୟଦେବ କୁମ୍ଭାର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଆଠଗଡ଼ରେ ୮୦ତମ ଅଗ୍ନିଶମ ଅଧିକାରୀ ଦିବସ ପାଳିତ



**ଆଠଗଡ଼, ନ୍ୟୁଜ୍‌ବ୍ୟୁରୋ**

ଆଠଗଡ଼ ଅଗ୍ନିସେବା ଜରୁରୀ କାଳୀନ ସେବା କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି । ୮୦ତମ ଅଗ୍ନିଶମ ଅଧିକାରୀ ଦିବସ ସହକାରୀ ଆଗ୍ନିଶମ ଅଧିକାରୀ ଜିତେନ୍ଦ୍ର କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଦିବସ ପାଳନ ଅବସରରେ ଗତ ୧୯୪୪ ମସିହାରେ ବମ୍ବେ ଠାରେ ହୋଇଥିବା ଡକ୍‌ୟାର୍ଡ ଦୁର୍ଘଟଣାରେ ମୃତାହାତ ହୋଇଥିବା ସମସ୍ତ ୨୩୧ ଜଣ ଅଗ୍ନିଶମ ଅଧିକାରୀଙ୍କ ବୀରତ୍ୱକୁ ମନେପକାଇବା ସହିତ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହାସହିତ ଆରମ୍ଭ ହୋଇଥିବା ଅଗ୍ନିଶମ ସେବା ସପ୍ତାହ ପାଳନ ଅବସରରେ ଅଗ୍ନି ନିରାପତ୍ତାକୁ ନିଶ୍ଚିତ କରନ୍ତୁ ଓ ରାଷ୍ଟ୍ର ନିର୍ମାଣରେ ସହାଜ୍ୟ କରନ୍ତୁର ବାର୍ତ୍ତା ନେଇ ସଂସ୍ଥା ପାଖରେ ଥିବା ୩ ଗୋଟି ଗାଡ଼ି ସହିତ ଆଗ୍ନିକମାନେ ଶୋଭାଯାତ୍ରାରେ ଯାଇ ସହର ପରିକ୍ରମା କରି ସାଧାରଣରେ ସଚେତନତା କରାଇଛନ୍ତି ।

# ସତ୍ୟସାଇ ବାଳ ବିକାଶ ଛାତ୍ରଛାତ୍ରୀଙ୍କ ଦ୍ୱାରା ପଣା ବଣ୍ଟନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ସତ୍ୟସାଇ ବାଳ ବିକାଶ ଛାତ୍ରଛାତ୍ରୀଙ୍କ ଦ୍ୱାରା ପଣା ବଣ୍ଟନ କରାଯାଇଛି । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟବା ପଞ୍ଚାୟତରେ ପବିତ୍ର ବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ତଥା ଓଡ଼ିଆ ନବବର୍ଷ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରାଜନଗର, ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡା ରାସ୍ତାର ଆୟବା ଠାରେ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ବାଟୋଇ ମାନଙ୍କୁ ପଣା ବଣ୍ଟନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଅବିନାଶ ଜେନା, ପ୍ରିୟଙ୍କା ଦାସ, ନିଲେଶ ବାରିକ, ଜ୍ୟୋତିର୍ମୟୀ ଦାସ, ଜ୍ଞାନମୟୀ ଦାସ, ରୁଦ୍ର ପ୍ରକାଶ ଦାସଙ୍କ ସମେତ ବହୁ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ ।




# ବିଜେଡି ପକ୍ଷରୁ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଜନତା ଦଳ ତରଫରୁ ସମ୍ବିଧାନ ପ୍ରଣେତା ଡ. ବିଆର ଆମ୍ବେଦକରଙ୍କ ଜୟନ୍ତୀ ଉତ୍ସବ ସ୍ଥାନୀୟ ଥାନା ଛକ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଶୋକ କୁମାର ଓଝାଙ୍କ ନେତୃତ୍ୱରେ ପ୍ରାକ୍ତନ ଅଧକ୍ଷ ଗିରିଶ ରଞ୍ଜନ ମହାପାତ୍ର, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଜ୍ୟୋତି ପ୍ରକାଶ ସ୍ୱାଇଁ, ଦଳିତନେତା ବଟକୃଷ୍ଣ ବେହେରା, ସମାଜସେବୀ ବ୍ରଜମୋହନ ପଣ୍ଡା, ଯୁବ ବିଜେଡି ସଭାପତି ଜ୍ଞାନରଞ୍ଜନ ରାଉତ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଗଭୀର ଭାବେ ଆଲୋକପାତ କରିଥିଲେ ।

# ବାଘରରୋଡ଼ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ପାଳିତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଆ ନବବର୍ଷ ଏବଂ ସଙ୍କଟ ମୋଚନ ହନୁମାନ ଜୟନ୍ତୀ ଉପଲକ୍ଷେ ବାଘରରୋଡ୍ ସ୍ଥିତ ହନୁମାନ ମନ୍ଦିରରେ ମହାସମାରୋହ ହନୁମାନ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ପ୍ରତେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଏଠାରେ ହନୁମାନ ଜୟନ୍ତୀରେ ଭକ୍ତଙ୍କ ସମାଗମ ହୋଇଥିଲା । ଚଳିତ ବର୍ଷ ମହାଡ଼ମ୍ବରରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି । ଶେଷରେ ଭକ୍ତଙ୍କୁ ଅନ୍ନ ପ୍ରସାଦରେ ଆପ୍ୟାୟିତ କରାଯାଇଥିଲା । ସନ୍ଧ୍ୟାରେ ଆୟୋଜିତ ଭାଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ ବହୁ ଦର୍ଶକ ଯୋଗ ଦେଇଥିଲେ । ପରେ ରାତି ତମାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା ।



# ସମାଜ ନିର୍ମାଣ ପାଇଁ ଆମ୍ବେଦକର ଆଜୀବନ ପ୍ରଚେଷ୍ଟା କରିଥିଲେ

**ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ**



ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁର ଠାରେ ୧୩୪ ତମ ଜିଲ୍ଲା ସ୍ତରୀୟ ଭାରତରତ୍ନ ଡ. ବାବା ସାହେବ ଭୀମରାଓ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଯାଇଛି । ଚଳିତ ବର୍ଷ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଉଥିବାରୁ ଏବଂ ଆଦର୍ଶ ଆଚରଣ ବିଧି ବଳବତ୍ତର ଥିବାରୁ ଏହି ଉତ୍ସବକୁ ସରକାରୀ ନିୟମ ପ୍ରକାରେ ପାଳନ କରାଯାଇଛି । ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ଜଳନ ପୂର୍ବକ ଭାରତରତ୍ନ ଡ. ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ତୈଳ ଚିତ୍ରରେ ଅତିଥିମାନଙ୍କ ଦ୍ୱାରା ପୁଷ୍ପ ମାଲ୍ୟ ଅର୍ପଣ କରାଯାଇ ସ୍ମୃତି ଚାରଣ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ତାଙ୍କର ପ୍ରାରମ୍ଭିକ ଭାଷଣରେ କହିଥିଲେ ଯେ, ଭାରତରତ୍ନ ଡ. ବାବା ସାହେବ ଭୀମରାଓ ଆମ୍ବେଦକର ସ୍ୱତନ୍ତ୍ରତା, ସମତା ଓ ସାମାଜିକ ନ୍ୟାୟ ଆଧାରିତ ସମାଜ ନିର୍ମାଣ କରିବା ପାଇଁ ଆଜୀବନ ପ୍ରଚେଷ୍ଟା କରିଥିଲେ । ସେଥିପାଇଁ ସେ ରାଜନୈତିକ ସ୍ୱାଧୀନତା ଠାରୁ ସାମାଜିକ ସ୍ୱାଧୀନତାକୁ ଗୁରୁତ୍ୱ ଦେଇଥିଲେ । ତାଙ୍କ ମତରେ ଦେଶରେ ରାଜନୈତିକସ୍ୱାଧୀନତା ପ୍ରାପ୍ତ କରିବା ସହଜ, କିନ୍ତୁ ସହସ୍ର ବର୍ଷ ଧରି ଭାରତୀୟ ସମାଜରେ ବ୍ୟାପ୍ତ ଅସ୍ପୃଶ୍ୟତା ଦୂର କରିବା ଅତ୍ୟନ୍ତ କଠୋର କାର୍ଯ୍ୟ ବରିଷ୍ଠ ସାମ୍ବାଦିକ ତଥା ଅଧ୍ୟାପକ ଭି. ରାଜେନ୍ଦ୍ର ରାଜୁ ଅତିଥି ଭାବେ ଯାଗଦେଇ କହିଥିଲେ ଯେ, ଆମ୍ବେଦକର ଅସ୍ପୃଶ୍ୟତା ଦୂର କରିବା ରାଷ୍ଟ୍ର ହିତ ପାଇଁ କେବଳ ଆବଶ୍ୟକ ନୁହେଁ ମାନବ କଲ୍ୟାଣ ପାଇଁ ଗୁରୁତ୍ୱପୂର୍ଣ୍ଣ । ଦେଶ ଭକ୍ତିର ସଂକଳ୍ପନା କେବଳ ରାଜନୈତିକ ସ୍ୱାଧୀନତା ମଧ୍ୟରେ ସୀମିତ ନୁହେଁ । ସାମାଜିକ ସ୍ୱତନ୍ତ୍ରତା ପାଇଁ ମଧ୍ୟ ପ୍ରଚେଷ୍ଟା ହେବା ଆବଶ୍ୟକ । ଡ. ଆମ୍ବେଦକର ନିଜର ସମଗ୍ର ଜୀବନ ଏହି ଯଜ୍ଞରେ ଆହୁତି ଦେଇଥିଲେ । ଅନ୍ୟତମ ଅତିଥି ଭାବେ ସମାଜସେବୀ ଅରୁଣ କୁମାର ଶତପଥୀ ଯୋଗ ଦେଇ କହିଥିଲେ ଯେ, ସମାଜରୁ ଅସ୍ପୃଶ୍ୟତା ଦୂର କରିବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ରାଷ୍ଟ୍ରର ହିତ ଥିଲା ତାଙ୍କର ସର୍ବ ପ୍ରଥମ କର୍ତ୍ତବ୍ୟ । ଆମ୍ବେଦକର ଆମ ଦେଶ ପାଇଁ ସମ୍ବିଧାନ ପ୍ରଣୟନ କରିଥିଲେ, ଯାହାକି ଦେଶର ବୃହତ୍ତମ ସମ୍ବିଧାନ ଦୃଷ୍ଟ, ନିଷ୍ପେସିତ ମାନେ ସମାଜର ମୁଖ୍ୟ ସ୍ରୋତରେ ଯେପରି ସାମିଲ ହୋଇ ପାରିବେ ସେଥିପାଇଁ ସେ ନିରନ୍ତର ପ୍ରଚେଷ୍ଟା କରିଥିଲେ । ନିଜର ୬୫ ବର୍ଷ ଜୀବନକାଳ ମଧ୍ୟରେ ସର୍ବାଧିକ ଅବହେଳାର ଶିକାର ହୋଇ ଭାରତର ସମଗ୍ର ସନ୍ତୁଳିତ ବିକାଶ ପାଇଁ ତାଙ୍କର ବହୁମୂଲ୍ୟ ଯୋଗଦାନ ଅତୁଳନୀୟ । ଏହି ଉତ୍ସବରେ ଟ୍ରେଜେରୀ କାର୍ଯ୍ୟାଳୟର ଡି. ଶ୍ରୀନିବାସ ପ୍ରଧାନ, କାର୍ଯ୍ୟଳୟର ସମସ୍ତ କର୍ମଚାରୀ, ସାମ୍ବାଦିକ ବନ୍ଧୁଗଣ ଯୋଗ ଦେଇଥିଲେ । ଶେଷରେ ସମାଜସେବୀ ଅରୁଣ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଧୁନିକ ଭାରତ ନିର୍ମାଣରେ ଆମ୍ବେଦକରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**




ବାରିପଦା ସହର ପୂର୍ଣ୍ଣ ଚନ୍ଦ୍ର ପୁର ସାହିରେ ଭାରତୀୟ ସମ୍ବିଧାନ ପ୍ରାଣେତା ଡା. ଭୀମ ରାଓ ଆମ୍ବେଦରଙ୍କ ୧୩୪ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଥିଲା । ଦଳିତ ସଂମ୍ପ୍ରଦାୟକୁ ନ୍ୟାୟ ଓ ସମାନତା ଦେବା ପାଇଁ ସେ ସଂଘର୍ଷ କରିଥିଲେ । ଆଧୁନିକ ଭାରତ ନିର୍ମାଣରେ ତାଙ୍କର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ସମାଜର ଗରିବ ଓ ନିମ୍ନ ଶ୍ରେଣୀର ଲୋକଙ୍କ ପାଇଁ ସେ ବହୁତ ସଂଘର୍ଷ କରିଥିଲେ । ସେହି ମହାନ ଜନନାୟକଙ୍କର ୧୩୪ତମ ଜନ୍ମ ଜୟନ୍ତୀ ଅବସରରେ ଭାରତ ଆଦିବାସୀ ପାର୍ଟି ପକ୍ଷରୁ ବିଶ୍ୱବିଜୟୀ ପଣ୍ଡା ସମେତ ଲୋକନାଥ ସିଂ, ହେମନ୍ତ ମୁର୍ମୁ, ଟିଲକା ମୁର୍ମୁ ଏଂ ଅନ୍ୟ କର୍ମକର୍ତ୍ତାମାନେ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।





### ଗୁଣପୁର ପୌରପରିଷଦର ଉପାଧ୍ୟକ୍ଷ ଶିବ ଗୌଡ଼ଙ୍କୁ ନେଇ ଦ୍ୱନ୍ଦ୍ୱରେ ଭାସ୍କର ରାଓ ?

# ଦଳୀୟ ବିବାଦ ମଧ୍ୟରେ ଛନ୍ଦି ହୋଇଯିବେ କି ପ୍ରାର୍ଥୀ ରଘୁନାଥ ?







**ଗୁଣୁପୁର, ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ରାଜନୈତିକ ଚର୍ଚ୍ଚା ଜୋର୍ ଧରିଛି । ପ୍ରତ୍ୟେକ ଦଳୀୟ ପ୍ରାର୍ଥୀମାନେ ଗ୍ରାମାଞ୍ଚଳ ଗୁଡିକରେ ପହଞ୍ଚୁଛନ୍ତି । ଲୋକଙ୍କୁ ନେଇ ଭିତିରିଆ ବୈଠକ କରୁଛନ୍ତି । ନିଜ ନିଜ ମଧ୍ୟରେ ରଣନୀତି ଆପଣେଇଛନ୍ତି । ଗୁଣୁପୁର ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ରଘୁନାଥ ଗମାଙ୍ଗ ଗ୍ରାମାଞ୍ଚଳରେ ପ୍ରଚାର କରୁଛନ୍ତି । ଟକ୍କର ଦେଉଛନ୍ତି କଂଗ୍ରେସ ପ୍ରାର୍ଥୀ ସତ୍ୟଜିତ ଗମାଙ୍ଗ କଂଗ୍ରେସ ଓ ବିଜେଡିକୁ ପଛରେ ପକାଇ ଆଗକୁ ଆସିବାକୁ ଚେଷ୍ଟା ଜାରି ରଖିଛନ୍ତି ବିଜେପି ପ୍ରାର୍ଥୀ ତ୍ରିନାଥ ଗମାଙ୍ଗ । ଏହି ତିନି ପ୍ରାର୍ଥୀଙ୍କ ଉପରେ ସମସ୍ତଙ୍କ ନଜର ରହିଛି । ଗୁଣୁପୁର ନିର୍ବାଚନ ମଣ୍ଡଳୀରେ ଲଗାତାର ବିଜେଡି ତିନିଥର ପୂର୍ବଥର ସାଧାରଣ ନିର୍ବାଚନରେ ବାଜିମାତ କରିଛି । କଂଗ୍ରେସ ପ୍ରତ୍ୟେକ ଥର ଦ୍ୱିତୀୟ ସ୍ଥାନରେ ରହିଛି । ସାଧାରଣ ନିର୍ବାଚନରେ କଂଗ୍ରେସର ପକେଟ ଭୋଟ ଅଞ୍ଚଳରେ ରହୁଥିବା ଅନେକଥର ଗଣତି ସମୟରେ ନଜିର ରହିଛି । ଏଥର କଂଗ୍ରେସ ପ୍ରାର୍ଥୀ ସତ୍ୟଜିତକୁ ପ୍ରାର୍ଥୀ ଘୋଷଣା କରିବା ପରେ ଆଶାୟୀ ପ୍ରାର୍ଥୀ ମାନଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇ ବିରୋଧ କରୁଥିବା ଦେଖିବାକୁ ମିଳିଛି । କଂଗ୍ରେସ ପ୍ରାର୍ଥୀଙ୍କୁ ନେଇ ଗୁଣୁପୁର ପୌରପରିଷଦର ଉପାଧ୍ୟକ୍ଷ ଶିବଗୌଡ ଗ୍ରାମାଞ୍ଚଳ ଗୁଡିକରେ ପହଞ୍ଚି ନିର୍ବାଚନ ସମ୍ବନ୍ଧୀୟ ବୈଠକ କରିବା ସତ୍ୟଜିତଙ୍କୁ ସମର୍ଥନ କରିବା ପାଇଁ ମଧ୍ୟ କହୁଥିବା ଜଣାପଡିଛି । କିଛିଦିନ ତଳେ ବିଜେଡି ତାର ଗୋଟିଏ କର୍ମୀ ବୈଠକ ଗୁଣୁପୁର ଠାରେ କରିଥିଲା । ଏହି ବୈଠକରେ ଭାସ୍କରଙ୍କ କିଛି ବିସ୍ଫୋରକ କଥା ଲୋକଙ୍କ ନିକଟରେ ରାଜନୈତିକ ଚର୍ଚ୍ଚା ବଢାଇ ଦେଇଥିଲା । ଗୁଣୁପୁର ନିର୍ବାଚନ ମଣ୍ଡଳୀରେ ଶିବଗୌଡ ବିଜେଡିରୁ ବହିଷ୍କୃତ ହେବା ଠାରୁ ଆଜିପର୍ଯ୍ୟନ୍ତ ବିଜେଡିକୁ ଫେରିନାହାଁନ୍ତି କି କୌଣସି ଦଳକୁ ଯାଇନାହାଁନ୍ତି କିନ୍ତୁ ଶିବ ଗୌଡ ଭାସ୍କରଙ୍କ ଛତ୍ରଛାୟା ତଳେ ରହି ବିଭିନ୍ନ ନିର୍ବାଚନକୁ ହଟଚମଟ କଲାଭଳି କାର୍ଯ୍ୟ କରିଥିବା ଅଞ୍ଚଳରେ ରାଜନୈତିକ ଚର୍ଚ୍ଚା ରହିଛି । ଶିବ ଗୌଡ ମଧ୍ୟ ଭାସ୍କରଙ୍କ ଇସାରାରେ କାମ କରି ସଫଳ ମଧ୍ୟ ହୋଇଥିବା ଶୁଣିବାକୁ ମିଳୁଛି । ବର୍ତ୍ତମାନ ରାୟଗଡା ଜିଲ୍ଲାର ନୂଆ ବିଜେଡି ଜିଲ୍ଲା ସଭାପତି ଏନ ଭାସ୍କର ରାଓ ହେବା ପରେ ଶିବ ଗୌଡ କଂଗ୍ରେସ ପ୍ରାର୍ଥୀଙ୍କୁ ସମର୍ଥନ କରି ବୈଠକ କରୁଥିବା ଫଟୋ ଭାଇରଲ୍ ହୋଇଥିବା ଦେଖିବାକୁ ମିଳୁଛି । ଭାସ୍କରଙ୍କ ଭିତିରିଆ ସମ୍ପର୍କରେ ଶିବ ଗୌଡ ରହିଥିବା ବେଳେ ଏବେ ଶିବ ଗୌଡ କଂଗ୍ରେସ ପ୍ରାର୍ଥୀଙ୍କୁ ସମର୍ଥନ କରିବା ରାଜନୈତିକ ମୋଡ ବଦାଳାଇଛି । ଭାସ୍କରଙ୍କ ହାତରୁ ଶିବ ଖସିଗଲେ ଭାସ୍କର ଦ୍ୱନ୍ଦ୍ୱରେ ପଡିଯିବେ ବୋଲି ଆଲୋଚନା ହେଉଛି । ଅନ୍ୟପଟେ ଭାସ୍କର ରାଓ ଗୁଣୁପୁର ପ୍ରାର୍ଥୀ ରଘୁନାଥଙ୍କୁ ସମର୍ଥନ କରି ବିପୁଳ ଭୋଟ ଆଣି ଯିତାଇବାକୁ ଲକ୍ଷ୍ୟ ରଖିଛନ୍ତି । ବିଜେଡି କର୍ମୀଙ୍କୁ ମଧ୍ୟ ଗୁରୁମନ୍ତ୍ର ଦେଇଛନ୍ତି । ଏପରିକି ପୂର୍ବରୁ ବିଜେଡି ନେତାଙ୍କ ଭୁଲ୍ ପାଇଁ ଗୁଣୁପୁର ପୌରପରିଷଦ ଓ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଏଠାରେ ପରାଜୟ ହେବାକୁ ପଡିଥିଲା ବୋଲି କହିଥିଲେ ଆମର ଦଳୀୟ କର୍ମୀଙ୍କ ଭୁଲ୍ ରହିଥିବା କହି ଏଥର ଭୁଲ୍ ସୁଧାରିବା ସହ ବିଜେଡିରୁ କୋରାପୁଟ ଲୋକସଭା ପ୍ରାର୍ଥୀ କୌଶଲ୍ୟା ହିକକା ଓ ଗୁଣୁପୁର ପ୍ରାର୍ଥୀ ରଘୁନାଥଙ୍କୁ ଜିତେଇବା ନବିନ ବାବୁଙ୍କ ହାତମୁଠା ଟାଣ କରିବା ନେଇ ଦୃଢ଼ୋକ୍ତି ପ୍ରଦାନ କରିଛନ୍ତି । ଦଳୀୟ ଆଲୋଚନା ମଧ୍ୟରେ ଦଳୀୟ ବିବାଦ ମଧ୍ୟରେ ପ୍ରାର୍ଥୀ ରଘୁନାଥ ଛନ୍ଦି ହୋଇପଡୁଥିବା ଶୁଣିବାକୁ ମିଳୁଛି ।

# ଠେମରାରେ ଚାଷୀମାନଙ୍କୁ ସମ୍ବୋଧିତ କଲେ କେନ୍ଦ୍ରମନ୍ତ୍ରୀ



**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

କୃଷି ଆଧାରିତ ଅର୍ଥନୀତି ପାଇଁ ବ୍ୟାପକ ଯୋଜନା କରାଯିବ । ବିଶେଷ ଭାବରେ ଦେଶ ଦୁନିଆର ଆବଶ୍ୟକତାକୁ ଦୃଷ୍ଟିରେ ରଖି କୃଷି କ୍ଷେତ୍ରରେ ଏକ ବଡ଼ ଯୋଜନା କରାଯିବ ବୋଲି ବୁଧବାର ସମ୍ବଲପୁରର ଠେମରା ଠାରେ ଶ୍ରୀ ରାମଚଣ୍ଡୀ ଦେବୀ ସେବା ସଂଗଠନ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚାଷୀ ମାନଙ୍କ କଲ୍ୟାଣ ପାଇଁ ମୋଦୀ ସରକାର ନେଇଥିବା ବିବିଧ ପଦକ୍ଷେପ ଗୁଡିକ ଉପରେ ଆଲୋକପାତ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଚାଷ ଏବଂ ଚାଷୀ ଭାଇ ଭଉଣୀମାନେ ଆମ ଦେଶ ଅର୍ଥନୀତିର ମେରୁଦଣ୍ଡ ଚାଷୀ ଆତ୍ମନିର୍ଭର ହେଲେ ଆମ ଦେଶ ଆତ୍ମନିର୍ଭର ହେବ ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ସରକାରରେ ଚାଷୀ, ଗରିବ, ମହିଳା ଓ ଯୁବକ ପ୍ରାଥମିକତାରେ ଅଛନ୍ତି । ଭାରତବର୍ଷରେ ଚଉମୁଖୀ ବିକାଶର ଯୋଜନା ମୋଦୀଙ୍କ ନେତୃତ୍ୱରେ ସମ୍ଭବ ହୋଇପାରିଛି । ମୋଦୀ ଗ୍ୟାରେଣ୍ଟିରେ ପିଏମ କିଷାନ ସମ୍ମାନ ନିଧି ଯୋଜନାରେ ଚାଷୀଙ୍କୁ ଆର୍ଥିକ ସହାୟତା, ଧାନର ଏମଏସଏପି ବୃଦ୍ଧି ଭଳି ଅନେକ କଲ୍ୟାଣକାରୀ ପଦକ୍ଷେପ ଚାଷୀଙ୍କୁ ସଶକ୍ତ କରିଛି । କୃଷକଙ୍କ ପାଇଁ ଧାନର ଏମଏସପି ୨୧୮୩ ଟଙ୍କା ବୃଦ୍ଧି ହୋଇଥିବା ବେଳେ ଡବଲ ଇଞ୍ଜିନ ସରକାର ହେଲେ କ୍ୱିଣ୍ଟାଲ ପିଛା ଧାନର ଏମଏସପି ୩୧୦୦ ଟଙ୍କା କରାଯିବ । ସେହିପରି ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିଲେ ବିପିଏଲ ବର୍ଗରେ ଥିବା ମହିଳାମାନଙ୍କୁ ମାସିକ ୧୦୦୦ ଟଙ୍କା ହିସାବରେ ବର୍ଷକୁ ୧୨ ହଜାର ଟଙ୍କା ଦିଆଯିବ । କୌଣସି ଗରିବ ପରିବାର ପିଏମ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ହେବେ ନାହିଁ ବୋଲି କହିଛନ୍ତି । ଠେମରାକୁ ସମ୍ବଲପୁର ମହାନଗର ନିଗମରେ ସାମିଲ କରାଯାଇଛି । କିନ୍ତୁ ମହାନଗର ନିଗମ କାମ ଅଧପନ୍ତରିଆ ଭାବେ ପଡ଼ି ରହିଥିବାରୁ ଠେମରାର ବିକାଶ ହୋଇପାରିନି । ମହାନଗରର ନିଗମ ସ୍ଥାନୀୟ ଅଞ୍ଚଳର କିଛି ବିକାଶ କରୁନଥିବା ବେଳେ ପଞ୍ଚାୟତ ସ୍ତରରୁ ମଧ୍ୟ ସହଯୋଗ ଦିଆଯାଇପାରୁନି । ମୋଦୀ ସରକାର ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ବିଗତ ୫ ବର୍ଷରେ ୧୦ ହଜାରରୁ ଉର୍ଦ୍ଧ୍ୱ କୋଟି ଟଙ୍କା ଓଡ଼ିଶାକୁ ପଠାଇଥିଲେ ମଧ୍ୟ ଏହି ଅଞ୍ଚଳକୁ ପାଣି ମିଳୁନାହିଁ । ମହାନଗର ନିଗମରେ ସାମିଲ ହେବା ପରେ ମଧ୍ୟ ପାଣି ନମିଳିବା ବିଡ଼ମ୍ବନାର ବିଷୟ । ଏହି ଅଞ୍ଚଳର ବିକାଶକୁ ପ୍ରାଥମିକତା ଦିଆଯାଇ ଏକ ଗ୍ରାମ୍ୟ ଆଧାରିତ ସହରାଞ୍ଚଳ କରାଯିବ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଏଠାରେ ପିଲାମାନଙ୍କ ମଧ୍ୟରେ ବୁଦ୍ଧିମତ୍ତା କୌଣସି ଗୁଣରେ କମ୍ ନାହିଁ । ସେମାନଙ୍କ ପାଖରେ ଭରପୁର ପ୍ରତିଭା ରହିଛି । କିନ୍ତୁ ସେମାନଙ୍କ ପାଖରେ ସୁଯୋଗ ପହଞ୍ଚିପାରୁନାହିଁ । ଅବସରର ଅଭାବ ରହୁଛି ବୋଲି କହିବା ସହ ରାଜ୍ୟରେ ଡବଲ ଇଞ୍ଜିନ ସରକାର କରିବା ପାଇଁ ସମବେତ ନାଗରିକଙ୍କୁ ନିବେଦନ କରିଥିଲେ ।

# ୩୬ ବର୍ଷରେ ମା’ବାସନ୍ତୀ ଦୁର୍ଗାଙ୍କ ପୂଜା



**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ବ୍ଲକ ସୋହଡା ପଞ୍ଚାୟତ ବାଲିପଡ଼ା ସ୍ଥିତ ବାସନ୍ତୀ ଦୁର୍ଗା ପୂଜା ମଣ୍ଡପରେ ରବିବାର ଠାରୁ ମା’ ବାସନ୍ତୀ ଦୁର୍ଗାଙ୍କ ପୂଜା ଆରମ୍ଭ ହୋଇଛି । ଏହି ମଣ୍ଡପରେ ଚଳିତ ବର୍ଷ ୩୬ ବର୍ଷରେ ପୂଜା ପାଳନ କରାଯାଉଛି । ୫ ଜଣ ବ୍ରାହ୍ମଣ ଦ୍ୱାରା ଷଷ୍ଠୀ ଠାରୁ ପ୍ରଥମେ ଘଟ ସ୍ଥାପନ ପରେ ସୂର୍ଯ୍ୟପୂଜା, ନବଗ୍ରହ, ମା’ଙ୍କ ଦଶଦିଗପାଳ ପୂଜା ସହିତ ଷୋଡ଼ଶ ଉପଚାର ପୂଜା କରାଯାଇଛି । ପୂଜା ପରିଚାଳନାରେ ସଭାପତି ଦେବେନ୍ଦ୍ର ଜେନା, ସମ୍ପାଦକ ଶଶିକାନ୍ତ ଜେନା ଓ ଅନ୍ୟ କାର୍ଯ୍ୟକର୍ତ୍ତା ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ପୁରୋହିତ ଭାବେ ଗୋବିନ୍ଦ ଚନ୍ଦ୍ର ଶତପଥୀ, ନରେନ୍ଦ୍ର ଦାଶ, ପୂର୍ଣ୍ଣ ଚନ୍ଦ୍ର ଶତପଥୀ, ବୀରେନ୍ଦ୍ର ଦାଶ, ମନୋରଞ୍ଜନ ମିଶ୍ର ପ୍ରମୁଖ ୭ଦିନ ପାଇଁ ପୂଜା କାର୍ଯ୍ୟ ତୁଲାଇଛନ୍ତି । ମା’ଙ୍କ ଦର୍ଶନ ପାଇଁ ପ୍ରତିଦିନ ସନ୍ଧ୍ୟାରେ ଶହ ଶହ ସଂଖ୍ୟାର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ତାହା ସହ ପ୍ରତିଦିନ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

## ବିଜେପିରେ ମିଶିଲେ ନବରଙ୍ଗପୁରର ବରିଷ୍ଠ ନେତା ଅର୍ଜୁନ ତ୍ରିପାଠୀ

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ବିଜୁ ଜନତା ଦଳର ବରିଷ୍ଠ ନେତା, ରାଜ୍ୟ ପରିଷଦ ସଦସ୍ୟ, ପୂର୍ବତନ ନବରଙ୍ଗପୁର ଜିଲ୍ଲା ସଭାପତି, ପୂର୍ବତନ ନଗରପାଳ ପ୍ରହଲ୍ଲାଦ ତ୍ରିପାଠୀ ଦଳ ଛାଡି ଭାରତୀୟ ଜନତା ଦଳରେ ସାମିଲ ହୋଇଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଆଲୋଚନା କରିବାପରେ ସେ ବୁଧବାର ଦିନ ଭୁବନେଶ୍ୱର ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବିଜେପିରେ ସାମିଲ ହୋଇଛନ୍ତି । ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ମୁଖ୍ୟ ପ୍ରବକ୍ତା ସଜ୍ଜନ ଶର୍ମାଙ୍କର ସମେତ ଅନ୍ୟାନ୍ୟ ପଦାଧିକାରୀ ମନେ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେପିରେ ସାମିଲ ହୋଇଥିବା କହିଛନ୍ତି । ଜିଲ୍ଲା ବିଜେଡିରେ ସେ ଦୀର୍ଘ ୨୩ବର୍ଷ ଧରି ବିଭିନ୍ନ ପଦ ପଦବୀରେ ରହି ସଙ୍ଗଠନକୁ ସୁଦୃଢ଼ କରିଥିଲେ । ତେବେ ଗତ ୪ ବର୍ଷ ୬ ମାସ ଧରି ତାଙ୍କୁ ଅଣଦେଖା କରାଯାଇଥିଲା । ଏହାକୁ ନେଇ ସେ ବିଜେଡି ଛାଡିବାକୁ ବାଧ୍ୟ ହୋଇଥିବା କହିଛନ୍ତି । ଜିଲ୍ଲାର ବିଭିନ୍ନ ସମସ୍ୟା ରହିଥିବାବେଳେ ଏହାର ସମାଧାନ ହୋଇପାରୁନାହିଁ ବୋଲି କହିଥିଲେ । ସୂଚନା ଯୋଗ୍ୟ ଯେ, ଶ୍ରୀ ତ୍ରିପାଠୀ ୨ଥର ବିଜେଡିର ଜିଲ୍ଲା ସଭାପତି, ୨ଥର ନଗରପାଳ, ଥରେ ଉପ ନଗରପାଳ ରହିଥିବାବେଳେ ସେ ଦୀର୍ଘ ବର୍ଷଧରି ଜିଲ୍ଲା କ୍ରିକେଟ ସଂଘର ସମ୍ପାଦକ ଅଛନ୍ତି । ଜଣେ ଦକ୍ଷ, ଟାଣୁଆ ନେତା ଭାବେ ଏହି ଜିଲ୍ଲାରେ ଖାତିର ରହିଛି । ଗତ ଶନିବାର ଦିନ ସେ ବିଜେଡିର ଅସନ୍ତୁଷ୍ଟ ନେତାଙ୍କୁ ନେଇ ସେ ଏକ ବୈଠକ କରିଥିଲେ । ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ବିଜେଡି କର୍ମକର୍ତ୍ତା ଯୋଗଦେଇ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କର ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ । ପ୍ରହଲ୍ଲାଦ ଗଣମାଧ୍ୟମକୁ ସୂଚନା ଦେଇ ନବରଙ୍ଗପୁର ବିଧାନସଭାର ବିଜେଡି ପ୍ରାର୍ଥୀ ବିଧାୟକ ସଦାଶିବ ପ୍ରଧାନୀଙ୍କର ପତ୍ନୀ କୌଶଲ୍ୟା ପ୍ରଧାନୀଙ୍କର ଟିକଟ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ । ତେବେ ପ୍ରହଲ୍ଲାଦ ଦଳ ଛାଡିବା ନେଇ ଜିଲ୍ଲା ବିଜେଡି ମହଲ ନୈରାଶ୍ୟ ଖେଳିଯାଇଛି । ଆସନ୍ତା ଶୁକ୍ରବାର ଦିନ ସେ ନବରଙ୍ଗପୁର ପହଞ୍ଚିବା ପରେ ତାଙ୍କର ସମର୍ଥକମାନେ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ବ୍ୟାପକ ବନ୍ଦୋବସ୍ତ କରୁଥିବା ଜଣାପଡ଼ିଛି ।



## ଗାଁ ସଂରକ୍ଷିତ ଜଙ୍ଗଲ ଭିତରେ ରାସ୍ତା ନିର୍ମାଣକୁ ନେଇ ବିରୋଧ କଲେ ଗ୍ରାମବାସୀ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ନରଣପୁର ଗ୍ରାମବାସୀଙ୍କ ଦ୍ୱାରା ସଂରକ୍ଷିତ ଜଙ୍ଗଲ ଭିତରେ ମରମ ପକାଇ ଏକ ରାସ୍ତା ନିର୍ମାଣ ସମୟରେ ପ୍ରବଳ ଉତ୍ତେଜନା ସୃଷ୍ଟି ହେଇଥିଲା । ନରଣପୁର ଗ୍ରାମର ମାଆ ଡାଲୁଆଣୁଣି ଶାଳ ନିକଟରେ ଥିବା ଶାଳ ଜଙ୍ଗଲ ଭିତରେ ପ୍ରକାଶ ଚନ୍ଦ୍ର ସାହୁ ନାମକ ଜଣେ ବ୍ୟବସାୟୀ ନିଜ ଜମି ବିକ୍ରି କରିବା ପାଇଁ ରାସ୍ତା ନିର୍ମାଣ କରୁଥିଲେ । ରାତାରାତି ମରମ ପକାଇ ରାସ୍ତା ନିର୍ମାଣ ହୋଇଥିବା ଦେଖି ଗ୍ରାମବାସୀ ନରଣପୁର ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଶତାଧିକ ପୁରୁଷ ଓ ମହିଳା ଏକତ୍ରୀତ ହୋଇ ଏହି ରାସ୍ତା ନିର୍ମାଣକୁ ଘୋର ବିରୋଧ କରିଥିଲେ । ନରଣପୁର ସରପଞ୍ଚ ରୀନା ନାଏକ, ଗ୍ରାମର ବରିଷ୍ଠ ନେତୃବୃନ୍ଦ ପ୍ରଫୁଲ୍ଲ କୁମାର ସାହୁ, ନିର୍ମଳ ଚନ୍ଦ୍ର କବି, ଶଶୀ ଭୂଷଣ ବେହେରାଙ୍କ ସହ ସତ୍ୟାନନ୍ଦ ନାଏକ, ଅଖିଳ ଚନ୍ଦ୍ର ସାହୁ, ଦୁର୍ଯ୍ୟୋଧନ ନାଏକ, ରମେଶ ନାଏକ, ପଞ୍ଚାନନ ସାହୁ କିଶୋର କୁମାର କବି, ସତ୍ୟବାଦୀ ସାହୁ ପ୍ରମୁଖ ଆସି ମାଆ ଡାଲୁଆଣୁଣି ଶାଳ ନିକଟରେ ଶାଳ ଜଙ୍ଗଲ ମଝିରେ ରାସ୍ତା ତିଆରି କରିଥିବା ବ୍ୟକ୍ତିଙ୍କୁ ଜଙ୍ଗଲ ଭିତରେ ରାସ୍ତା ନ ପକାଇବାକୁ ବୁଝାଇଥିଲେ । ସେଠାରେ ରାସ୍ତା ନିର୍ମାଣ ହେଲେ ସଂରକ୍ଷିତ ଜଙ୍ଗଲ ନଷ୍ଟ ହୋଇଯିବାର ଆଶଙ୍କା ରହିଥିବା କହିଥିଲେ । ଗ୍ରାମବାସୀମାନେ ଏ ବିଷୟରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ଏଚଡିଙ୍କୁ ଜଣାଇବା ପରେ ବନବିଭାଗ ତରଫରୁ ନରଣପୁର ଫରେଷ୍ଟର କାଳନ୍ଦୀ ବେହେରା ଘଟଣା ସ୍ଥଳରେ ପହଞ୍ଚିଥିଲେ । ଗ୍ରାମବାସୀଙ୍କ ସାମୁହିକ ବିରୋଧ ଫଳରେ ଶେଷରେ ରାସ୍ତା ନିର୍ମାଣ ବନ୍ଦ ହୋଇଥିଲା । ନରଣପୁର ଅଞ୍ଚଳରେ ଅନେକ ଜମି ମାଫିଆ ଏବେ ସକ୍ରିୟ ଥିବା ନଜରକୁ ଆସୁଥିବା ଅଭିଯୋଗ ହେଉଛି । ଏହି ଜମି ମାଫିଆମାନେ ଅନେକ ସରକାରୀ ପଡିଆ, ଜମି, ଦେବୋତ୍ତର ଜମି ଓ ଜଙ୍ଗଲ ଜମି ମଧ୍ୟରେ ରାସ୍ତା ନିର୍ମାଣ କରି ଜମି ସହଜରେ ବିକ୍ରି କରିବାରେ ସକ୍ଷମ ହେଉଛନ୍ତି । ଏ ବିଷୟରେ ଦୃଷ୍ଟି ଦେଇ ପ୍ରଶାସନ ସତର୍କ ନହେଲେ ଆଗାମୀ ଦିନରେ ଅନେକ ସରକାରୀ ଜମି ମଧ୍ୟରେ ରାସ୍ତା ନିର୍ମାଣ କରି ଜମି ବିକ୍ରି କରି ମାଫିଆ ମାଲେମାଲ ହେବେ ଆଉ ସରକାରଙ୍କର କୋଟି କୋଟି ରାଜସ୍ୱ ହାନୀ ହେଉଥିବ ଆଉ ଲୋକେ କେବଳ ବିରୋଧ କରିବା ସାର ହେବ ।



**ନିଶ୍ଚିନ୍ତକୋଇଲି:** ଓଡ଼ିଶାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧୋତ୍ସବ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନରେ ପାଳିତ ହୋଇଯାଇଛି । ଏହି ଅବସରରେ ନିଶ୍ଚିନ୍ତକୋଇଲି ବଜାର ଠାରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ମାଲ୍ୟାର୍ପଣ କରିବା ସହ ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଗଭୀର ଭାବେ ଆଲୋକପାତ କରିଥିଲେ । ଏହି ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଜନତା ଦଳ ତରଫରୁ ଆୟୋଜିତ ଜଳଛତ୍ର କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ଜେନା ଯୋଗଦାନ କରି ତୃଷାର୍ତ୍ତ ଜନସାଧାରଣଙ୍କୁ ପାନୀୟଜଳ ପ୍ରଦାନ କରିଥିଲେ । ଏଥିରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ପ୍ରାକ୍ତନ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ଯୁବନେତା ପ୍ରମୋଦ କୁମାର ସ୍ୱାଇଁ, ଯୁବ ବିଜେଡି ସଭାପତି ଜ୍ଞାନରଞ୍ଜନ ରାଉତ, ସମିତି ସଭ୍ୟ ପ୍ରଦୋଶ କୁମାର ସାହୁ, ପୂର୍ବତନ ସରପଞ୍ଚ ମିହିର କୁମାର ମିଶ୍ର, ମନୋରଞ୍ଜନ ସ୍ୱାଇଁ, ନିତ୍ୟାନନ୍ଦ ସେଠୀ, ସରପଞ୍ଚ ଜୟଦେବ ରାଉତ, ପିଣ୍ଟୁ ଜେନା ପ୍ରମୁଖ ବହୁ ବ୍ୟକ୍ତି ଯୋଗଦାନ କରିଥିଲେ ।

# ବିଭିନ୍ନ ସ୍ଥାନରେ ବିଜୁବାବୁଙ୍କ ଶ୍ରାଦ୍ଧୋତ୍ସବ



**ଧର୍ମଶାଳା:** ବିଜୁ ଜନତା ଦଳ ତରଫରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ ତମ ଶ୍ରାଦ୍ଧ ବାର୍ଷିକ ପାଳନ କରାଯାଇଛି । ବୁଧବାର ସକାଳ ୮ଟା ସମୟରେ ଧର୍ମଶାଳା ଭବନ ପରିଷରରେ ବିଜୁ ଜନତା ଦଳ ତରଫରୁ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ଧର୍ମଶାଳାର ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗ ଦେଇ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ସ୍ମୃତି ଚାରଣ କରିବା ସହିତ ଛାତ୍ର ଜୀବନରେ କିପରି ବିଜୁ ବାବୁଙ୍କ ସଂସ୍ପର୍ଶରେ ଆସିଥିଲେ ତାହା ବର୍ଣ୍ଣନା କରିଥିଲେ ଏବଂ ସେହି ବିଜୁ ବାବୁଙ୍କ ନାମରେ ଗଠିତ ବିଜୁ ଜନତା ଦଳକୁ ଧର୍ମଶାଳାର ଜନ ସାଧାରଣ ସର୍ବାଧିକ ଭଲ ପାଇବା ଦେଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ମୁଖ୍ୟମନ୍ତ୍ରୀ ୩ୟ ଥର ପାଇଁ ଧର୍ମଶାଳା ବାସୀଙ୍କର ସେବା କରିବା ପାଇଁ ସୁଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହିତ କିଭଳି ସଶକ୍ତ ସମୃଦ୍ଧ ସ୍ୱାଭିମାନୀ ନବୀନ ଓଡ଼ିଶା ଗଠନ କରିବା ପାଇଁ ସମସ୍ତେ ଚେଷ୍ଟିତ ହେବା ପାଇଁ ସମସ୍ତେ ଶପଥ ପାଠ କରିଥିଲେ । ଏହି ସ୍ମୃତି ଚାରଣ ସଭାରେ ଅନେକ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇ ବିଜୁ ବାବୁଙ୍କ ସହ ବିତାଇଥିବା ମୁହୂର୍ତ୍ତ ବର୍ଣ୍ଣନା କରିଥିଲେ । ଏହି ସଭାରେ ଧର୍ମଶାଳା ବ୍ଲକର ବିଜୁ ଜନତା ଦଳ ସଭାପତି ଜଳଧର ମହାନ୍ତି ସଭାପତିତ୍ୱ କରିଥିବା ବେଳେ ଧର୍ମଶାଳା ପଞ୍ଚାୟତ ସମିତିର ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଆଗାମୀ ୨୪ ନିର୍ବାଚନରେ କିଭଳି ସର୍ବାଧିକ ବ୍ୟବଧାନରେ ବିଜୁ ଜନତା ଦଳକୁ ବିଜୟ କରିବା ତାହା ଉପରେ ଆଲୋଚନା କରିଥିଲେ । ଏହି ସଭାରେ ୪୫ ଗୋଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ବିଜୁ ଜନତା ଦଳର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ ।



**କେନ୍ଦୁଝର:** ପ୍ରବାଦ ପୁରୁଷ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୭ ତମ ତିରୋଧାନ ଦିବସରେ କେନ୍ଦୁଝର ଜିଲ୍ଲା ବିଜେଡି ତରଫରୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଦଳୀୟନେତା ଆଡଭୋକେଟ ଆଶିଷ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ପ୍ରାୟ ତିନିଶହରୁ ଉର୍ଦ୍ଧ୍ୱ ଦଳୀୟ ସମର୍ଥକ ଓ କର୍ମକର୍ତ୍ତା କେନ୍ଦୁଝର ସହରସ୍ଥ ବିଜୁ ପଟ୍ଟନାୟକ ଛକରେ ଉପସ୍ଥିତ ରହି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏହି ଅବସରରେ ଦଳର ନୀତି, ଆଦର୍ଶ ସମ୍ବଳିତ ନୟମାବଳୀ ପାଠ କରି ଶ୍ରୀ ଚକ୍ରବର୍ତ୍ତୀ ଉପସ୍ଥିତ କର୍ମୀମାନଙ୍କୁ ଶପଥ ପାଠ କରାଇଥିଲେ । ଏହି ସ୍ମରଣୀୟ ଦିବସରେ ଜିଲ୍ଲା ସଂଗଠନ ତରଫରୁ ଦଳର ସଦର ବିଧାୟିକା ପ୍ରାର୍ଥିନୀ ମୀନା ମାଝୀଙ୍କ ନେତୃତ୍ୱରେ ଆଇଡିଆଲ ଡେଭଲପମେଣ୍ଟ ଏଜେନ୍ସି ଜରାଶ୍ରମର ଅନ୍ତେବାସୀ ମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଦଳର କାଉନସିଲର, ସମିତି ସଭ୍ୟ, ସଭ୍ୟା, ସରପଞ୍ଚ, ନଗର ସଭାପତିଙ୍କ ସମେତ ସାଂଗଠନିକ ପଦାଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



**ମହାକାଳପଡ଼ା:** ମହାକାଳପଡ଼ା ବ୍ଲକ ଟିକରପଙ୍ଗା ପଞ୍ଚାୟତ ଅନ୍ତର୍ଗତ ନଳଦିଆ ଶାସନ ବଟ ମହାପୁରୁଷଙ୍କ ପୀଠରେ ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ୨୭ ତମ ତିରୋଧାନ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ମହାକାଳପଡ଼ା ବିଧାୟକ ତଥା ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ବିଜୁ ବାବୁଙ୍କର ଅଞ୍ଚଳ ପ୍ରତି ଧ୍ୟାନ ଓ କିଭଳି ତାଙ୍କ ମୁଖ୍ୟମନ୍ତ୍ରୀ ସମୟରେ ମହାକାଳପଡ଼ା ଅଞ୍ଚଳରେ ଉନ୍ନତି ହୋଇଥିଲା ସେ ସମ୍ପର୍କରେ କହିଥିଲେ । ଏଥିସହ ଦଳୀୟ କର୍ମୀମାନେ ଦଳର ନିଷ୍ଠାପର କର୍ମୀ ହୋଇ କାମ କରିବା, ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଓ ଶୃଙ୍ଖଳିତ, ନିଷ୍ଠାପର କର୍ମୀ ଭାବେ କାମ କରିବା ପାଇଁ ଶପଥ ନେଇଥିଲେ । ମହାକାଳପଡ଼ା ଅଞ୍ଚଳର ବିକାଶ ତଥା କେନ୍ଦ୍ରାପଡ଼ା ଅଞ୍ଚଳର ବିକାଶ ପାଇଁ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେବା ପାଇଁ ମଧ୍ୟ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ସେହିପରି ଦଳର ନେତୃମଣ୍ଡଳୀମାନେ ମହାକାଳପଡ଼ା ବିଧାନସଭାକ୍ଷେତ୍ରରୁ ପ୍ରିୟନେତା ଅତନୁ ସବ୍ୟସାଚୀ ନାୟକ ଓ ଅଂଶୁମାନ ମହାନ୍ତିଙ୍କୁ ସର୍ବାଧିକ ଭୋଟ ଦେବା ପାଇଁ ଉପସ୍ଥିତ ନେତୃମଣ୍ଡଳୀମାନେ ମଧ୍ୟ ନିଜ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ । ଏହି ତିରୋଧାନ ଉତ୍ସବରେ ଅଶୋକ ମହାପାତ୍ର, ଗଙ୍ଗାଧର ପରିଡ଼ା, ପ୍ରଫୁଲ୍ଲ ଦାସ, ରାଜ୍ୟ ବିଜୁ ମହିଳା ସମ୍ପାଦିକା ସୁରଭିଜେନା, ସରପଞ୍ଚ ଜ୍ୟୋତିରଞ୍ଜନ ଖଟୁଆ, ସରୋଜିନୀ ସେଠୀ, ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ହିମାଂଶୁ ଶେଖର ସାହୁ, ଶର୍ମିଷ୍ଠା ନାୟକ, ଭାରତୀ ଦଳାଇ, ସମିତିସଭ୍ୟ ରାଜ ମିଶ୍ର, ମାର୍ଶାଘାଇ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ପ୍ରତାପ ମଲିକ, ଦେବଦତ ପରିଡ଼ା, ସରପଞ୍ଚ ରୁପସିନୀ ସାହୁ, ରବିନ୍ଦ୍ର ପାଳଙ୍କ ସମେତ ହଜାର ହଜାର କର୍ମୀ ଉପସ୍ଥିତ ଥିଲେ ।



**ଆଠଗଡ଼:** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ ତମ ଶ୍ରାଦ୍ଧ ଦିବସ ଅବସରେ ବିଜୁ ଜଜନା ଦଳ ତରଫରୁ ଯୁବ ନେତା ଯୁବ ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁଙ୍କ ତ ତ୍ତ୍ୱାବଧାନରେ ମହାନଦୀର ଧବଳେଶ୍ୱର ଘାଟ ଠାରେ ତିଳ ତର୍ପଣ କରାଯାଇଛି । ଏହା ସହିତ ଶ୍ରୀ ସ୍ୱାଇଁ ବିଜୁ ବାବୁଙ୍କ ଜୀବନି ଉପରେ ଆଲୋକପାତ କରିଥିଲେ । ବିଜୁ ବାବୁଙ୍କ ଅସୀମ ସାହାସ ଓ ଉଚ୍ଚ ଚିନ୍ତାଧାର ପାଇଁ ସମୃଦ୍ଧ ଓଡ଼ିଶା ଗଠନ ହୋଇପାରିଛି । ରାଜ୍ୟ ତଥା ଦେଶର ଉନ୍ନତି ପାଇଁ ସେ ସବୁବେଳେ ଚିନ୍ତା କରୁଥିଲେ । କାର୍ଯ୍ୟକ୍ରମରେ ବିଜୁ ଜନତା ଦଳ ସଭାପତି ରବୀନ୍ଦ୍ର ନାଥ ରାଉତ ନୃସିଂହ ଚରଣ ମହାପାତ୍ର ତିନି ନମ୍ବର ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ ମଞ୍ଜେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ ପିୟବ୍ରତ ସାହୁ ସମେତ ବିଜୁ ଜନତା ଦଳର ଛାମୁଆ ନେତା ଓ କର୍ମୀମାନେ ଯୋଗ ଦେଇଥିଲେ ।

**ଜଗତସିଂହପୁର:** ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ୨୭ ତମ ତିରୋଧାନ ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ତିଳତର୍ପଣ, ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସହ ପର୍ଯ୍ୟବେକ୍ଷକ ଗିରିଶ ଦାଶ, ଜିଲ୍ଲାପରିଷଦ ସଭାପତି ମନୋଜ କୁମାର ଭୋଇ, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଜ୍ୟୋତିଷ ଚନ୍ଦ୍ର ଦାସ, ଜିଲ୍ଲା ବିଜେଡି ବରିଷ୍ଠ ଉପସଭାପତି ଦିପ୍ତୀ ରଞ୍ଜନ ଦାସ, ବ୍ଲକ ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ଜିଲ୍ଲା ବିଜେଡି କୃଷକ ସେଲର ସଭାପତି ପ୍ରକାଶ ବସ୍ତିଆ, ସାଂସଦଙ୍କ ପ୍ରତିନିଧି କାଳନ୍ଦୀ ପତି, ବ୍ଲକ ମହିଳା ସଭାପତି ପ୍ରଭାତି ମହାନ୍ତି, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ କୈଳାଶ ଚନ୍ଦ୍ର ପାଳ, ପୂର୍ବତନ ସରପଞ୍ଚ ଖ୍ରୁ ଚରଣ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ରାଉଳ, ବିବେକାନନ୍ଦ ବେହେରା, କନକ ସ୍ୱାଇଁ, ନାଉଗାଁ ବ୍ଲକ ବିଜେଡି ସଭାପତି ନଟବର ନାୟକ, ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜଗନ୍ନାଥ ମୁଦୁଲି, ଆମ୍ବା ଅଧ୍ୟକ୍ଷ ବାବୁଲି ସାହୁ, ବ୍ଲକ ଉପାଧ୍ୟକ୍ଷ ରତି ରଞ୍ଜନ ବେହେରା, ପୂର୍ବତନ ସମିତି ସଭ୍ୟା ମମତା ସାମନ୍ତରା, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ଇଂ ସମିତ ଲେଙ୍କା, ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ରାଜୀବ ଲୋଚନ ବେହେରା, ବ୍ଲକ ଯୁବ ବିଜେଡି ସଭାପତି ସମ୍ବିତ ମହାନ୍ତି, ସମସ୍ତ କାଉନସିଲର, ସରପଞ୍ଚ ଓ ସମିତି ସଭ୍ୟ, ସମସ୍ତ ପଞ୍ଚାୟତର ବିଜେଡି ସଭାପତି ଓ ବିଜୁ ଜନତା ଦଳର କର୍ମୀମାନେ ଉପସ୍ଥିତ ଥିଲେ ।



## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା।୧୯।୪।୨୦୨୪, ବୈଶାଖ ଦି୬ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୦୫।୨୬।୩୬ ଚନ୍ଦ୍ରୋଦୟ- ଦିଘ ୨।୨୬।୦୨**

ଏକାଦଶୀ- ରାଘ ୮।୦୫ ପର୍ଯ୍ୟନ୍ତ । ମଘା ନକ୍ଷତ୍ର- ଦିଘ ୧୦।୫୭ ପର୍ଯ୍ୟନ୍ତ । ସିଂହ ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି -** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଏକାଦଶୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ରାଘ ୮।୦୫ ପରେ ପୋଇ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୯ ଗତେ ଘ ୬।୨୦ ମଧ୍ୟେ। ଦିଘ ୧୨।୧୧ ଗତେ ଘ ୨।୪୧ ମଧ୍ୟେ । **ପର୍ବୋତ୍ସବ-** କାମଦା ଏକାଦଶୀ, ଶ୍ରୀମନ୍ଦିରେ ଯଜ୍ଞରକ୍ଷା ।



**ମେଷ:** ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିପାରନ୍ତି । ଶତ୍ରୁ ପରାସ୍ତ ହେବେ। ଆୟ ଯୋଗ ରହିଛି । ପାରିବାରିକ ଜୀବନ ସୁଖମୟ ହେବାର ସୂଚନା । ମହିଳାମାନେ ସୁଖୀ ହେବେ ।



**ବୃଷ:** ନୂତନ କର୍ମାରମ୍ଭର ସୁଯୋଗ ଜୁଟିପାରେ । ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଶ୍ରେୟସ୍କର । ଆୟ ଓ ବ୍ୟୟ ସମାନ ରହିବ । ନୂତନ ଦ୍ରବ୍ୟ କ୍ରୟ କରିବାର ସମ୍ଭାବନା । ମନ ଭଲ ରହିବ ।



**ମିଥୁନ:** ସାଧନାରେ ସିଦ୍ଧି ଲାଭ କରିବେ । ଆର୍ଥିକ ସ୍ଥିତିରେ ଉନ୍ନତି ଦେଖାଦେବ । ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ଘରେ ଶାନ୍ତିର ବାତାବରଣ ରହିବ । ବନ୍ଧୁ ଦର୍ଶନର ସୁଯୋଗ ।



**କର୍କଟ:** ଘାତଚନ୍ଦ୍ର ହେତୁ ସାବଧାନତା ଶ୍ରେୟସ୍କର । ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ଘରେ କଳହ ଓ ଅଶାନ୍ତି ଦେଖାଦେବାର ସୂଚନା ।



**ସିଂହ:** ଆଜି ଆପଣଙ୍କର ଦିନଟି ଭଲରେ ବିତିବ । ନୂତନ କର୍ମାରମ୍ଭ କରିବାର ସୁଯୋଗ ଜୁଟିପାରେ । ଆୟରେ ଉନ୍ନତି ଦେଖାଦେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଗୃହେ ଆନନ୍ଦ ଦେଖାଦେବ ।



**କନ୍ୟା:** ପରୋପକାରୀ ହେବେ । ଖର୍ଚ୍ଚର ପରିମାଣ ଅଧିକ ହେବ । ପାରିବାରିକ ଜୀବନରେ ଅସନ୍ତୋଷ ଦେଖାଦେଇପାରେ । ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଭଲ । ମନ ଅସ୍ଥିର ରହିବ ।



**ତୁଳା:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି । ଦେହ ଓ ମନ ଭଲ ରହିବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।



**ବିଛା:** କାର୍ଯ୍ୟରେ ସଫଳତା ଦେଖାଦେବ । ଆର୍ଥିକ କ୍ଷେତ୍ରରେ ଉନ୍ନତି ଦେଖାଦେବ । ପିଲାମାନେ ପଢ଼ାପଢ଼ିରେ ମନ ଦେବେ । ଘରେ ଶାନ୍ତିର ବାତାବରଣ ରହିବ । ଭ୍ରମଣ ଯୋଗ ରହିଛି ।



**ଧନୁ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଦୟାଳୁ ହେବେ । ଦୂରଯାତ୍ରା କରିପାରନ୍ତି । ମହିଳାମାନେ ସୁଖୀ ହେବେ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଆନନ୍ଦ ଦେଖାଦେବ ।



**ମକର:** ଆଜି ଆପଣଙ୍କର ଦିନଟି ସେତେ ଭଲରେ କଟିବ ନାହିଁ । ସତ କଥା କହିଲେ ବି ନିଜର ଲୋକ ଭୁଲ୍ ବୁଝିବେ । ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଭଲ । ବ୍ୟୟର ମାତ୍ରା ବଢ଼ିବାର ସମ୍ଭାବନା ।



**କୁମ୍ଭ:** ଅନେକ ଦିନରୁ ଅଟକି ରହିଥିବା କାମଟି ହେବ । ଆୟ ଓ ବ୍ୟୟ ସମାନ ରହିବ । ସାମାଜିକ କ୍ଷେତ୍ରରେ ପ୍ରଶଂସିତ ହେବେ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଦେହ ଭଲ ରହିବ ।



**ମୀନ:** ଆଜିର ଯାତ୍ରାରେ ଲକ୍ଷ୍ୟ ହାସଲ କରିବେ । କୁଭୋଜନ କରି ଉଦର ପୀଡ଼ା ଦେଖାଦେଇପାରେ । ରୋଜଗାର ଭଲ ହେବ । ଶତ୍ରୁ ପରାଜିତ ହେବେ । ଘରେ ଶାନ୍ତି ଲାଭ ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା।୨୦।୪।୨୦୨୪, ବୈଶାଖ ଦି୭ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୦୫।୨୫।୫୨ ଚନ୍ଦ୍ରୋଦୟ- ଦିଘ ୩।୧୫।୦୭**

ଦ୍ୱାଦଶୀ- ରାଘ ୧୦।୪୨ ପର୍ଯ୍ୟନ୍ତ । ପୂର୍ବା ଫାଲ୍ଗୁନି ନକ୍ଷତ୍ର- ଦିଘ ୨।୦୪ ପର୍ଯ୍ୟନ୍ତ । ସିଂହ ଚନ୍ଦ୍ର- ରାଘ ୮।୫୦ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି -** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । ରାଘ ୮।୫୦ ଗତେ ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର । ରାଘ ୮।୫୦ ଗତେ ବୃଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ଶାଗ ରାଘ ୧୦।୪୨ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୧ ଗତେ ଘ ୧୧।୦୧ ମଧ୍ୟେ। ରାଘ ୮।୨୦ ଗତେ ଘ ୧୦।୩୬ ମଧ୍ୟେ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

## ପ୍ରଚାରକୁ ବିଶ୍ୱାସ କରି ଭାରତ ବଡ଼ ଭୁଲ କରୁଛି

ଦେଶରେ ଥିବା ଢାଞ୍ଚାଗତ ସମସ୍ୟାର ସମାଧାନ କରିବା ବଦଳରେ ଅର୍ଥନୈତିକ ଅଭିବୃଦ୍ଧିକୁ ନେଇ ହେଉଥିବା ପ୍ରଚାର ଉପରେ ବିଶ୍ୱାସ କରି ଭାରତ ବଡ଼ ଭୁଲ କରୁଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ କହିଛନ୍ତି। ମୋଦୀ ସରକାରଙ୍କ ନୀତିକୁ ସମାଲୋଚନା କରିବାର ସୁଯୋଗ ହାତଛଡ଼ା କରୁନଥିବା ରାଜନ କହିଛନ୍ତି ଯେ ବହୁ ବର୍ଷର କଠିନ ପରିଶ୍ରମ ପରେ ଏହି ପ୍ରଚାର ସତ ହୋଇଛି। ମାତ୍ର ରାଜନେତାମାନେ ଏହି ବିଶ୍ୱାସ ଦେବାକୁ ଚାହୁଛନ୍ତି ଯେ ଆମେ ଆସି ଠିକ୍ ଜାଗାରେ ପହଞ୍ଚିଯାଇଛନ୍ତି। ତେବେ ସେହି ପ୍ରଚାର ଉପରେ ବିଶ୍ୱାସ କରିବା ଭାରତ ପାଇଁ ସବୁଠୁ ବଡ଼ ଭୁଲ ହେବ ବୋଲି ସେ କହିଛନ୍ତି।ରାଜନଙ୍କ ମତରେ ନିର୍ବାଚନ ପରେ ଗଠନ ହେବାକୁ ଥିବା ନୂଆ ସରକାରଙ୍କ ପାଇଁ ସବୁଠୁ ବଡ଼ ଆହ୍ୱାନ ହେଉଛି ଶିକ୍ଷା ଓ ଦକ୍ଷତା ବିକାଶରେ ଉନ୍ନତି ଆଣିବା। ତାହା ନକଲେ ଜନସଂଖ୍ୟାରେ ଥିବା ଯୁବବର୍ଗର ଲାଭକୁ ଭାରତ ହାସଲ କରିପାରିବ ନାହିଁ।

ଭାରତର ୧୪୪ କୋଟି ଲୋକଙ୍କ ମଧ୍ୟରୁ ଅଧାରୁ ଅଧିକ ଲୋକଙ୍କ ବୟସ ୩୦ ବର୍ଷରୁ କମ୍ ରହିଛି। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଦେଶରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଯେଉଁ ଆକାଂକ୍ଷା ରହିଛି ସେ ସମ୍ପର୍କରେ ରାଜନ କହିଛନ୍ତି ଯେ ଯେଉଁଠାରେ ଦେଶର ଅଧିକାଂଶ ପିଲା ହାଇସ୍କୁଲ ପର୍ଯ୍ୟନ୍ତ ପଢ଼ିପାରୁନାହାନ୍ତି ଏବଂ ଅଧାରୁ ପାଠପଢ଼ା ଛାଡୁଥିବା ପିଲାଙ୍କ ସଂଖ୍ୟା ଏତେ ଅଧିକ ରହିଛି, ସେଠାରେ ଏଭଳି ଆକାଂକ୍ଷା ଅତ୍ୟନ୍ତ ବାଜେ କଥା। ଆମ ପାଖରେ ବହୁ ସଂଖ୍ୟାରେ ଯୁବକଯୁବତୀ ରହିଛନ୍ତି। ଯଦି ସେମାନଙ୍କୁ ନିଯୁକ୍ତି ମିଳିବ ତେବେ ତାହାର ଲାଭ ଅର୍ଥନୀତିକୁ ମିଳିବ। ଏହା ନହେବା ଆମ ପାଇଁ ସବୁଠୁ ବଡ଼ ଦୁଃଖର ବିଷୟ। ଭାରତକୁ ପ୍ରଥମେ ଶ୍ରମ ଶକ୍ତିକୁ ନିଯୁକ୍ତି ପାଇବା ଲାଗି ଯୋଗ୍ୟ କରିବାକୁ ପଡ଼ିବ ଏବଂ ପରେ ସେମାନଙ୍କ ଲାଗି ନିଯୁକ୍ତି ସୃଷ୍ଟି କରିବାକୁ ପଡ଼ିବ ବୋଲି ରାଜନ କହିଛନ୍ତି। ଭାରତୀୟ ସ୍କୁଲରେ ଶିକ୍ଷାର ମାନରେ ଅବନତି ଘଟିଛି। ୨୦୧୨ ପୂର୍ବ ସମୟ ଭଳି ସ୍ଥିତି ଫେରି ଆସିଛି। ସାକ୍ଷରତା ହାରରେ ଭିଏତନାମ୍ଠାରୁ ଭାରତ ପଛରେ ରହିଛି। ଶିକ୍ଷାରେ ଅଧିକ ବ୍ୟୟ କରିବା ବଦଳରେ ଚିପ୍ ନିର୍ମାଣ ଲାଗି ସବ୍‌ସିଡି ଆକାରରେ ଅଧିକ ପାଣ୍ଠି ଦେବା ପାଇଁ ସରକାର ଯେଉଁ ନୀତି ପ୍ରସ୍ତୁତ କରିଛନ୍ତି ତାହା ବିଭ୍ରାନ୍ତୀକରଣ ବୋଲି ସେ କହିଛନ୍ତି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗା, କ୍ଷମା, ଶିବା, ଧାତ୍ରୀ
ସ୍ୱାହା ସ୍ୱଧା ନମସ୍ତୁତେ ।'


ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ ବ୍ୟ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁର୍ଗା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

# ଭବିତବ୍ୟ ଯାହା ଅବଶ୍ୟ ଘଟିବ-୩୩

ପର୍ବତ ଉପରେ ଛିଡା ହୋଇ ନିର୍ଜନ ରାତିରେ ଯେତେବେଳେ ଏହି କଥା ଚିନ୍ତା କଲି, ସେତେବେଳେ ମୋ ପାଦତଳୁ ପର୍ବତଟା ଯେପରି ପାତାଳଶାୟୀ ହୋଇ ଯାଉଛି ବୋଲି ମୁଁ ଅନୁଭବ କଲି। ଆଉ ମୁହୂର୍ତ୍ତଟିଏ ସମୟ ନଷ୍ଟ ନ କରି ମୋର ପ୍ରାଣପ୍ରିୟ ପ୍ରଭୁ ଶ୍ରୀରାମଙ୍କୁ ବ୍ୟାକୁଳ ହୃଦୟରେ ସ୍ମରଣ କଲି। ଆଖିରୁ ମୋର ଲୁହ ଗଡ଼ିଆସିଲା। ମୋ ମନ ଭିତରୁ କେହି ଜଣେ କହୁଥାଏ 'ହନୁମାନ ! ତୁମେ ଏତେ ଚିନ୍ତା କରୁଛ କ'ଣ। ତୁମେ ଯେଉଁଠାରେ ଛିଡ଼ା ହୋଇଛ ସେହି ଅଂଶଟିକୁ ନେଇ ଆସ। ସେହି ପ୍ରସ୍ତର ଖଣ୍ଡ ଉପରେ ହିଁ ବହୁତ ବିଶଲ୍ୟକରଣୀ ଗଛ ଅଛି। ସେହି ବିଶାଳ ପ୍ରସ୍ତର ଖଣ୍ଡକୁ ଅତି ଶୀଘ୍ର ନେଇଆସ। ତେଣେ ଲକ୍ଷ୍ମଣର ଅବସ୍ଥା ଅତି ସଙ୍କଟାପନ୍ନ ଅବସ୍ଥାରେ ପହଞ୍ଚିଯାଇଛି। ଆଉ ଲକ୍ଷ୍ମଣର ଯଦି କିଛି ହୋଇଯାଏ, ତେବେ ତୁମର ପ୍ରାଣପ୍ରିୟ ପ୍ରଭୁ ଶ୍ରୀରାମ ତୁମେ ଏଠାରେ ପହଞ୍ଚିବା ପୂର୍ବରୁ ସମୁଦ୍ରରେ ଝାସ ଦେଇସାରିଥିବେ।' ମନର ଏହି ବଳିଷ୍ଠ ଉଦ୍‌ବେଳନର ଅଭିବ୍ୟକ୍ତିକୁ ହୃଦୟଙ୍ଗମ କରି ଜୟଶ୍ରୀରାମ କହି ସେହି ବିଶାଳ ପ୍ରସ୍ତର ଖଣ୍ଡକୁ ଉଠାଇ ଆକାଶମାର୍ଗକୁ ଉଠିଲି। ମୋ ଦେହରେ ଏତେ ବଡ ମହାଶକ୍ତି ଜାଗ୍ରତ ହେଲା ଯେ, ଯାହାକୁ ମୁଁ ବର୍ଣ୍ଣନା କରିପାରିବି ନାହିଁ। ମୁଁ ଭଲଭାବେ ଜାଣେ ଯେ ଶ୍ରୀ ରାମଙ୍କ ମନରେ ଏତେ ଶକ୍ତି ରହିଛି, ଯେଉଁ ଶକ୍ତି ସମ୍ମୁଖରେ ଅନନ୍ତ କୋଟି ବ୍ରହ୍ମାଣ୍ଡର ବିଧ୍ୱଂସକାରୀ ଶକ୍ତି ଅତ୍ୟନ୍ତ ତୁଚ୍ଛା। ପ୍ରଚଣ୍ଡ ବାୟୁର ଅନୁକୂଳ ପ୍ରବାହରେ ଲଙ୍କା ଅଭିମୁଖେ ବିଜୁଳି ବେଗରେ ଧାବମାନ ହେଲି। ମହାକାଶରେ ଗୋଟାଏ ବିଶାଳକାୟ ଭସାବାଦଲ ଭଳି ଉଡ଼ି ଚାଲିଲି ଶୂନ୍ୟ ମାର୍ଗରେ। ଗନ୍ଧମାର୍ଦ୍ଦନ ପର୍ବତ ଠାରୁ ଅନେକ ଦୂର ଗତି କରି ଆସିବା ପରେ ହଠାତ୍ ଏକ ପ୍ରଚଣ୍ଡ ଶକ୍ତ ପ୍ରହାରରେ ତଳକୁ ଖସି ପଡିଲି। ମୁଣ୍ଡ ମୋର ବିଚଳିତ ହୋଇଗଲା। ମୁଁ ଭାବିଲି ଏ ପୃଥିବୀରେ ଏପରି ଶକ୍ତି କାହାର ଅଛି ଯେ, ମୋ ଭଳି ଜଣେ ମହାଶକ୍ତିଶାଳୀ ଅଦ୍ୱିତୀୟ ଯୋଦ୍ଧାକୁ ଶରମାରି ତଳକୁ ଖସାଇଦେଲା ? ଏହି ପ୍ରଶ୍ନ ମୋ ମନରେ ବାରମ୍ବାର ଉଠୁଥିଲା। ଆଖି ମୋର ଛଳଛଳ ହୋଇଯାଇଥାଏ, ଭାବି ନେଇଥାଏ ଯେ ବୋଧହୁଏ ଲଙ୍କାରେ ମୁଁ ଆଉ ପହଞ୍ଚିପାରିବିନି। ରାତ୍ରୀ ପାହିବାକୁ ଅଳ୍ପ ସମୟ ବାକି ରହିଥାଏ। ମୁଁ କ୍ରୋଧିତ ଦୃଷ୍ଟିରେ ଚତୁର୍ଦ୍ଦିଗକୁ ଚାହିଁଲି, ଦେଖିଲି ଜଣେ ଅତ୍ୟନ୍ତ ଶାନ୍ତ, ସୁନ୍ଦର, ସୁଠାମ, ଅପୂର୍ବ ତେଜସ୍ୱୀ ଯୁବକ ଖୁବ୍ କ୍ଷୀପ୍ର ଗତିରେ ଆଉ ଅତ୍ୟନ୍ତ ନିର୍ଭୀକ ଭଙ୍ଗୀରେ ମୋ ପାଖକୁ ଧାଇଁ ଆସୁଛନ୍ତି। ମୁଁ ପଚାରିଲି 'ତୁମେ କିଏ, ତୁମେ ଏପରି ଦୁଃସାହସ କଲ କେମିତି ?' ସେହି ତେଜସ୍ୱୀ ଯୁବକ କହିଲେ ଅତି ବିନମ୍ର ସ୍ୱରରେ ' ମୁଁ ହେଉଛି ଶ୍ରୀରାମ ଚନ୍ଦ୍ରଙ୍କ ଅନୁଜ ଭରତ। ମୋର ବଡଭାଇ ପିତୃସତ୍ୟ ପାଳନ ନିମନ୍ତେ ଚଉଦ ବର୍ଷ ବନ ବାସରେ ଅଛନ୍ତି। ମୁଁ ଭାବିଲି ଅଯୋଧ୍ୟାର ମହାକାଶ ମାର୍ଗରେ କୌଣସି ବିରାଟକାୟ ରାକ୍ଷସ ଅଯୋଧ୍ୟା ଆକ୍ରମଣ ପାଇଁ ମାଡି ଆସୁଛି। ସେଥିପାଇଁ ଏକ ଶକ୍ତିଶାଳୀ ଅସ୍ତ୍ର ଚଳାଇ ତୁମକୁ ତଳକୁ ଖସାଇଲି, ଭରତଙ୍କ ଠାରୁ ଏପରି କଥା ଶୁଣି ମୁଁ କହିଲି ' ଭାଇ ଭରତ, ମୁଁ ତୁମକୁ ପ୍ରଣାମ କରୁଛି, ତୁମେ ଜାଣିଛ, ତୁମର ଭାଇ ଲକ୍ଷ୍ମଣଙ୍କର ପ୍ରାଣ ସଙ୍କଟରେ ପଡିଛି। ଲଙ୍କାପତି ରାବଣର ପୁତ୍ର ମେଘନାଦର ମାରାତ୍ମକ ପ୍ରାଣଘାତୀ ଅସ୍ତ୍ରର ଆଘାତରେ ଲକ୍ଷ୍ମଣ ମୃତ୍ୟୁର ଦ୍ୱାରଦେଶରେ ପଡିଛନ୍ତି। ଶ୍ରୀରାମ ବର୍ତ୍ତମାନ ଲକ୍ଷ୍ମଣଙ୍କର ମସ୍ତକକୁ କୋଳରେ ଧରି ବିକଳ ହୋଇ କାନ୍ଦୁଛନ୍ତି, ଯାହାକୁ ଦେଖିଲେ ପୃଥିବୀର ନିର୍ମମ ମଣିଷ ହେଉ ପଛେ ତା'ର ହୃଦୟ ଫାଟିଯିବ। ବୈଦ୍ୟରାଜ ସୁଶେଣଙ୍କୁ କହିଛନ୍ତି, ଯଦି ରାତି ପାହିଯିବା ପୂର୍ବରୁ ଗନ୍ଧମାର୍ଦ୍ଦନରୁ ବିଶଲ୍ୟକରଣୀ ଆଣି ଦେଇ ପାରିବ, ତେବେ ସେହି ଗୁଳ୍ମର ରସକୁ ଲକ୍ଷ୍ମଣଙ୍କ କ୍ଷତସ୍ଥାନରେ ପ୍ରଲେପ ଦେଲେ ସେ ବଞ୍ଚିବେ। ସେଥିପାଇଁ ଗନ୍ଧମାର୍ଦ୍ଦନ ପର୍ବତ ମଧ୍ୟରୁ ଗୋଟାଏ ବିଶାଳ ପ୍ରସ୍ତର ଖଣ୍ଡକୁ ନେଇଯାଉଛି। ଯେଉଁଥିରେ ବିଶଲ୍ୟକରଣୀ ଗୁଳ୍ମ ରହିଛି। ଭରତଙ୍କ ସାଥିରେ ଏହି ବିଚାରବିମର୍ଷ କରୁକରୁ ଆମ ନିକଟରେ ପହଞ୍ଚିଲେ କୌଶଲ୍ୟା, ସୁମିତ୍ରା ଓ ଲକ୍ଷ୍ମଣଙ୍କ ପତ୍ନୀ ଉର୍ମିଳା। ଭାଇ ଭରତ ମୋର ପରିଚୟ କରାଇଦେଲେ। ମୋ ଠାରୁ ସମସ୍ତ ପ୍ରସଙ୍ଗ ସଂକ୍ଷିପ୍ତରେ ଶୁଣିବାପରେ ସେମାନଙ୍କ ନିକଟରୁ ଯେଉଁ ବକ୍ତବ୍ୟ ମୁଁ ଶୁଣିଲି ତାହା ମୋତେ ଆଶ୍ଚର୍ଯ୍ୟ ଲାଗିଲା। କୌଶଲ୍ୟା କାନ୍ଦି କାନ୍ଦି ମୋତେ କହିଲେ 'ହେ ହନୁମାନ ! ରାମକୁ କହିଦେବ ଯଦି ମୋ ଲକ୍ଷ୍ମଣର କିଛି ହୋଇଯାଏ, ତେବେ ସେ ସେହିଠାରେ ମୃତ୍ୟୁକୁ ଆଦରିନେବ। ସେ କେବେ ହେଲେ ଆଉ ଯେପରି ଅଯୋଧ୍ୟା ନ ଆସେ। ସୁମିତ୍ରା କହିଲେ ହେ ହନୁମାନ ଲକ୍ଷ୍ମଣର ଯାହା ହୋଇଯାଉ ପଛେ ମୋ ରାମ ଯେପରି ସୁରକ୍ଷିତ ରହିବ। ସେଥିପାଇଁ ତାକୁ ସବୁ ଦିଗରୁ ତୁମେ ସୁରକ୍ଷା ଦେବ । ମୋତେ କୋଟି କୋଟି ଲକ୍ଷ୍ମଣ ମିଳିବେ କିନ୍ତୁ ରାମ ଭଳି ଗୋଟିଏ ପୁତ୍ର ହଜାର ହଜାର ଜନ୍ମ ପରେ ମୋତେ ମିଳିବେ ନାହିଁ। ଏହା ପରେ ଉର୍ମିଳା ହସି ହସି କହିଲେ 'ହନୁମାନ! ତୁମେ ଭୁଲ ଦେଖିଛ। ବଡଭାଇ ଯେଉଁ ପର୍ଯ୍ୟନ୍ତ ଜୀବିତ ଅଛନ୍ତି, ପୃଥିବୀର ପ୍ରଚଣ୍ଡ ମହାଶକ୍ତି ମଧ୍ୟ ମୋ ସ୍ୱାମୀଙ୍କର ସାମାନ୍ୟ ଲୋମଟିଏ ମଧ୍ୟ ବଙ୍କା କରିପାରିବନି। ମେଘନାଦର ଶକ୍ତି ପ୍ରହାର କରିଛି ବୋଲି ଯାହା କହୁଛ, ତାହା ମୋ ବଡଭାଇଙ୍କ ଉପରେ ହୋଇଛି। ବାସ୍ତବ କ୍ଷତର ଯନ୍ତ୍ରଣାରେ କାନ୍ଦୁଥିବେ ବଡଭାଇ। ମୋ ସ୍ୱାମୀ ତାଙ୍କ କୋଳରେ ଆନନ୍ଦରେ ଶୋଇଛନ୍ତି। ମୋ ବଡ ଭାଇଙ୍କୁ ଯିଏ ଆଶ୍ରୟ କରେ ତା'ର କ୍ଷତି କରିବ କିଏ ? ଅନନ୍ତ କୋଟି ବ୍ରହ୍ମାଣ୍ଡର ଶକ୍ତି ସମୂହ ସମ୍ମିଳିତ ଭାବେ ଯଦି ମୋ ସ୍ୱାମୀଙ୍କୁ ଆକ୍ରମଣ କରେ ତେବେ ସମଗ୍ର ଜଗତ ଧ୍ୱଂସ ହୋଇଯିବ ପଛେ କିନ୍ତୁ ମୋ ସ୍ୱାମୀଙ୍କର କିଛି ହବନି। କାରଣ ମୋ ବଡ ଭାଇ ତାଙ୍କ ସାଥିରେ ସଦାବେଳେ ଅଛନ୍ତି। ତେଣୁ ହନୁମାନ ତୁମର ବୁଝିବା ଭୁଲ। ଇଏ ହେଉଛି ସେହି ବଡ ଭାଇଙ୍କର ଲୀଳା, ଯିଏ ଅନନ୍ତ, ଯିଏ ଅପରିସୀମା ମହାଶକ୍ତିର ଆଧାର, ତାଙ୍କର ମହାକାଳ ମଧ୍ୟ ସାମାନ୍ୟ କ୍ଷତି କରିପାରିବିନି। ଯାହା ତୁମେ ଉପରକୁ ଦେଖୁଛ ତାହା ହେଉଛି ବାହ୍ୟରୂପ ଅର୍ଥାତ୍ ମାନବୀୟ ଲୀଳା। ମାୟାର ଗୋଟାଏ ପ୍ରଗାଢ ଅନୁରାଗ। ତେଣୁ ମୋ ସ୍ୱାମୀଙ୍କର କେଶାଗ୍ରମଧ୍ୟ ଇନ୍ଦ୍ର ଜିତର ଏହି ଶକ୍ତିପ୍ରହାର କିଛି କରିପାରିବନି।' ଉର୍ମିଳାଙ୍କ କଥା ଶୁଣି ମୁଁ ଆନନ୍ଦିତ ହୋଇଯାଉଥାଏ। ଯାହାର ସ୍ୱାମୀ ମୃତ୍ୟୁ ଶଯ୍ୟାରେ ପଡିଛି, ଛାତିରୁ ତାଙ୍କର ଅବିଶ୍ରାନ୍ତ ରକ୍ତଧାର ଛୁଟି ଚାଲିଛି। ବଞ୍ଚିବାର ଆଶା ଅତ୍ୟନ୍ତ କ୍ଷୀଣ। ଅଥଚ ତାଙ୍କର ପତ୍ନୀ କହୁଛନ୍ତି ତାଙ୍କ ସ୍ୱାମୀଙ୍କର କିଛି ହୋଇନି, ଯାହା କଷ୍ଟ ଯନ୍ତ୍ରଣାସବୁ ତାଙ୍କ ବଡ ଭାଇଙ୍କର ହୋଇଛି। ଆମେ ଆଖିରେ ଯାହା ସବୁ ଦେଖୁଛୁ ସେ ଗୁଡା ସବୁ ମିଛ। ସତ ହେଉଛି ଯାହା ଆମେ ଦେଖି ପାରୁନୁ। ବଡ ଆଶ୍ଚର୍ଯ୍ୟ ଏ ଶ୍ରୀରାମଙ୍କ ପରିବାର। (କ୍ରମଶଃ)

ନାରାୟଣ ନାୟକ
ସଂସ୍କୃତି ଭବନ
ଚଣ୍ଡୀ ମନ୍ଦିର ମାର୍ଗ, କଟକ
ମୋ-୮୨୮୦୩୧୨୬୫୨

# ଭାରତୀୟ ସଂସ୍କୃତିର ପୁନରାବଲୋକନ (୧)

ଏବେ ଫୋନ୍ ଓ ମେସେଜରେ ଅଧା ସମୟ ଯାଉଛି। ବହି ପଢ଼ିବାକୁ ସମୟ ନାହିଁ। ଆଗ କାଳରେ ଘରମାନଙ୍କରେ ଗ୍ରନ୍ଥାଳୟ ରହୁଥିଲା। ବିଦ୍ୱାନମାନେ ବହି ପଢୁଥିଲେ, ଲେଖୁଥିଲେ। ସେମାନେ ନିଜ ଘରେ ଦୁଇ ଚାରି ହଜାର ବହି ରଖୁଥିଲେ। ସାଧୁତାର ସହ ପଇସା ଉପାର୍ଜନ କରୁଥିଲେ। ବଡ଼ କଷ୍ଟରେ ଗୋଟିଏ ଗୋଟିଏ ବହି କିଣୁଥିଲେ। ତେଣୁ ଶ୍ରଦ୍ଧାର ସହ ବହିଟିକୁ ପଢୁଥିଲେ। ଯେଉଁମାନେ ଅସତ ଉପାୟରେ ପଇସା ଅର୍ଜନ କରି ବହି କିଣନ୍ତି, ସେମାନଙ୍କର ପଢ଼ିବାର ରୁଚି ନଥାଏ। ଆମେ ସ୍ଥିର କରିବା ଉଚିତ ଯେ ଆମ ଘରେ ଆମ ମାତୃଭାଷାରେ ଛପାଯାଇଥିବା କିଛି ପୁସ୍ତକ ରହୁ। ତାହେଲେ ଆମ ଘର ସୁରକ୍ଷିତ ରହିବ। ଯଦି ଆମେ ମାତୃଭାଷାକୁ ଇତିଶ୍ରୀ କରିବା, ତେବେ ତା ସହ ଆମ ପୂର୍ବ ପୁରୁଷମାନେ ଦେଇଯାଇଥିବା ସମସ୍ତ ସଂସ୍କାର ମଧ୍ୟ ଆମ ଘରୁ ବିଦାୟ ନେବ। ଯେଉଁ ଉପାୟରେ ବିଦେଶୀ ଭାଷାର ପ୍ରବାହ ଆମ ଘରେ ପ୍ରବାହିତ ହେଉଛି, ତା ଦ୍ୱାରା କେବଳ ଗୋଟେ ଭାଷା ଆସୁନାହିଁ, ତା ସହିତ ସେ ତାର ସଭ୍ୟତାକୁ ସାଙ୍ଗରେ ନେଇ ଆସୁଛି। ତାର ରାଜ, ରଙ୍ଗ, ଢଙ୍ଗ ସବୁ କିଛି ନେଇ ଆସୁଛି। ଆମ ପିଲା ବିଦେଶୀ ଭାଷା ପଢୁ ସେଥିରେ କିଛି ଆପତ୍ତି ନାହିଁ, କିନ୍ତୁ ଆମ ପିଲା ଓଡ଼ିଆ ପଢ଼ିବ ନାହିଁ, ଏଥିରେ ଆମର ସାଙ୍ଘାତିକ ଆପତ୍ତି ଅଛି। ଯଦି ତାକୁ ଓଡ଼ିଆ ଆସିବ ନାହିଁ ତେବେ ସେ ଓଡ଼ିଆ କବିତା କେମିତି ପଢ଼ିବ ? ଆମର ମୂଲ୍ୟବାନ କାବ୍ୟ କବିତା ଠାରୁ ସେ ଦୂରେଇ ଯିବ। ଆମର ବିଦ୍ୱାନ ସାହିତ୍ୟିକ ମାନଙ୍କ ସାହିତ୍ୟ ସେ ପଢ଼ି ପାରିବ ନାହିଁ। ଆମର ବିଶାଳ ସାହିତ୍ୟ ଭଣ୍ଡାରକୁ ସେ ଘୃଣା କରିବ। ତେବେ କେଉଁ ଉପାୟରେ ଭାରତୀୟ ଚିନ୍ତା ଚେତନାକୁ ସେ ଜାଣିବ ? ଏହା ନିଶ୍ଚିତ ଯେ ଭାରତୀୟ ଚିନ୍ତନରୁ ସେ ଦୂରେଇ ଯିବ। ଏ ଦେଶର ସନାତନ ବିଚାର ଠାରୁ ସେ ଦୂରେଇ ଯିବ। ୧୦ - ୨୦ ବର୍ଷ ପରେ ଯେତେବେଳେ ଆମ କଥାକୁ ଆମ ପିଲା ବିରୋଧ କରିବ, ସେତେବେଳେ ଆମେ ପଶ୍ଚାତାପ କରିବା, ଓଃ କଣ ଗୋଟେ ଭୁଲ୍ ହୋଇଗଲା ବୋଲି ଭାବିବା। ଆଉ ସୁଧୁରିବାର ବୟସ ନ ଥିବ। ଏଥିପାଇଁ ଆଜିର ବିଦ୍ୱାନ ବୁଦ୍ଧିଜୀବୀମାନେ ଏ ବିଷୟରେ ଭଲଭାବେ ଚିନ୍ତା କରନ୍ତୁ। ନିଜ ଘରେ ଭଲ ଭଲ ଓଡ଼ିଆ ବହି ରଖନ୍ତୁ। ତାକୁ ଯେପରି ଘରେ ସମସ୍ତେ ପଢ଼ି ପାରିବେ, ସେମିତି ଜାଗାରେ ରଖନ୍ତୁ। ଘରେ ସମସ୍ତେ ପଢ଼ିବା ଯୋଗ୍ୟ ପତ୍ରିକା ମଗାନ୍ତୁ। ଘରେ ଆସୁଥିବା ବହି/ ପତ୍ରିକା ସମସ୍ତେ ପଢ଼ିଲେ କି ନା ଦେଖନ୍ତୁ। ଭାରତକୁ ସୁରକ୍ଷିତ ରଖିବାର ଅଛି ତ ଭାରତୀୟ ଭାଷାକୁ ସୁରକ୍ଷିତ ରଖିବାକୁ ପଡ଼ିବ।

ପରାଧୀନ କାଳରେ ଦେଶ ବହୁତ କିଛି ହରାଇଛି। ବିଦେଶୀ ଆକ୍ରମଣକାରୀମାନେ ଆମ ଦେଶକୁ କେବଳ ଲୁଟିବାକୁ ଆସି ନ ଥିଲେ। ସେମାନେ ଆମ ସଂସ୍କୃତିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବା ପାଇଁ ସବୁ ପ୍ରକାର ଚେଷ୍ଟା କରିଥିଲେ। ଆମ ରାଷ୍ଟ୍ରର ଆତ୍ମାକୁ ସମ୍ପୂର୍ଣ୍ଣ ବିନାଶ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା। ଏଭଳି କାମ ସେମାନେ ବାକି ଦେଶମାନଙ୍କରେ କରି ସଫଳତା ପାଇଥିଲେ। ସେମାନେ ଯେଉଠିକୁ ଗଲେ ସେଠିକାର ସଂସ୍କୃତିକୁ ସମୂଳେ ଧ୍ୱଂସ କରିଦେଲେ। ସବୁ ପ୍ରକାର ଅତ୍ୟାଚାର, ସବୁ ପ୍ରକାର ଚେଷ୍ଟା କରି ମଧ୍ୟ କେବଳ ଭାରତରେ ହିଁ ତାଙ୍କୁ ସଫଳତା ମିଳି ନାହିଁ। ଆଜି ବି ତାଙ୍କ ଚେଷ୍ଟା ସମାପ୍ତ ହୋଇ ନାହିଁ। ଏଠାରେ ସଫଳ ନ ହେବାର କାରଣ କଣ ? କାରଣ ହେଲା ଆମ ରାଷ୍ଟ୍ରର ଜୀବନୀ ଶକ୍ତି ବହୁତ ସୁଦୃଢ଼ ଥିଲା। ଆମ ରାଷ୍ଟ୍ରର ରାଷ୍ଟ୍ର ତତ୍ତ୍ୱ ରାଜା ପାଖରେ, ସେନା ପାଖରେ ବା ମନ୍ଦିରର ମୂର୍ତ୍ତି ପାଖରେ ନ ଥିଲା। ଏହା ତ ସୁଦୃଢ଼ ଭାବେ ଆସ୍ଥାନ ଜମାଇ ବସିଥିଲା ଏଠିକାର ପ୍ରତ୍ୟେକ ହିନ୍ଦୁର ହୃଦୟରେ। ଏହା ହିଁ ହେଉଛି ହିନ୍ଦୁରାଷ୍ଟ୍ରର ବିଶେଷତା।

ରାମଧାରୀ ସିଂହ 'ଦିନକର'ଙ୍କ 'ସଂସ୍କୃତିକେ ଚାର ଅଧ୍ୟାୟ' ବହିଟିକୁ ଆମେ ପଢ଼ିବା ଉଚିତ। ସେଥିରେ ଗୋଟିଏ ଜାଗାରେ ସେ ଲେଖିଛନ୍ତି - 'ମୁସଲମାନମାନେ ବାରମ୍ବାର ଆମ ମନ୍ଦିର ଭାଙ୍ଗୁଥିଲେ, କିନ୍ତୁ ହିନ୍ଦୁ ସମାଜ ଧୈର୍ଯ୍ୟର ସହ ପ୍ରତୀକ୍ଷା କରୁଥିଲା, ଭଙ୍ଗା ମନ୍ଦିର ଉପରେ ପୁଣି ମନ୍ଦିର ତିଆରି କରୁଥିଲା, ପୁଣି ସେମାନେ ମନ୍ଦିର ଭାଙ୍ଗୁଥିଲେ, ପୁଣି ହିନ୍ଦୁ ମନ୍ଦିର ଗଢୁଥିଲା।' ଏତେ ସବୁ ପରେ ମଧ୍ୟ ମୁସଲମାନ ମାନେ ହିନ୍ଦୁସମାଜ ଭିତରେ ଥିବା ମନ୍ଦିର ଗଢ଼ିବାର ପ୍ରବୃତ୍ତିକୁ ନଷ୍ଟ କରିପାରିଲେ ନାହିଁ। ସେ ଏଥିରେ ଅଯୋଧ୍ୟା, ମଥୁରା ଓ କାଶୀ ବିଶ୍ୱନାଥ ମନ୍ଦିର କେତେ ଥର ଭାଙ୍ଗିଛି ଓ କେତେ ଥର ତିଆରି ହୋଇଛି ତାର ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି - 'ଅତ୍ୟାଚାର ବହୁତ ହେଲା, ଆଖି ଆଗରେ ମନ୍ଦିର ଭଙ୍ଗା ଯାଉଥିଲା, ହିନ୍ଦୁ ଚୁପଚାପ ବସିକି ଦେଖୁଥିଲା, ଶାନ୍ତିରେ ବସିକି ଦେଖୁଥିଲା, ସେ ଜିଜିଆ କର ଦେଉଥିଲା କିନ୍ତୁ ଗଙ୍ଗା ସ୍ନାନ କରିବା ବନ୍ଦ କଲା ନାହିଁ।

ପ୍ରୟାଗରେ ଯାଇ କୁମ୍ଭରେ ବୁଡ଼ ପକାଇବା ପାଇଁ କର ଦେବାକୁ ପଡୁଥିଲା। ଏହା ଯାତ୍ରୀ କର ଥିଲା। ଏହାକୁ ସମାପ୍ତ କରିବା ପାଇଁ ପୂଜ୍ୟ ମଧୁସୂଦନ ସରସ୍ୱତୀ ତାଙ୍କର ସନ୍ନ୍ୟାସୀ ଶିଷ୍ୟମଣ୍ଡଳୀଙ୍କୁ ନେଇ ଆଗ୍ରାର ଶାହାଜହାଁ ପାଖକୁ ଯାଇଥିଲେ। ଆଉରଙ୍ଗଜେବର ଦରବାରରେ ଦାରାସିକୋ ବସି ଥିଲା, ସେ ତାର ବଡ଼ ପୁଅ ଥିଲା, ପରଦା ପଛରେ ଜହାଁ ନାରା ବସିଥିଲା। ଦାରାସିକୋ ଓ ତା ବଡ଼ ଭଉଣୀ ଉଭୟେ କହିଲେ କର ଦେବା ବନ୍ଦ ହେଉ। କର ଦେବା ବନ୍ଦ ହେଲା। କିଛି ଦିନ ପରେ ପୁଣି ଆଉରଙ୍ଗଜେବ ପୁଣି କର ଲଗାଇଲା। ହିନ୍ଦୁ ହୋଇଥିବାରୁ ହିନ୍ଦୁକୁ ଜିଜିଆ କର ଦେବାକୁ ପଡୁଥିଲା। ଏ ଭଳି କ୍ରୁର କାଳ ହିନ୍ଦୁ ସମାଜ ସହିଥିଲା। ଏହା ହେଉଛି ରାଷ୍ଟ୍ର ତତ୍ତ୍ୱ, ଯାହାକୁ ବିଦେଶୀ ଆକ୍ରମଣ କାରୀ ମାନେ ବୁଝିପାରୁ ନ ଥିଲେ। ଏହି ଉଦାହରଣ ଦେବା ପରେ 'ଦିନକର' ଲେଖିଛନ୍ତି - ଯଦି ମୁଁ ଆପଣଙ୍କୁ ପଚାରେ ଯେ ଇଂଲଣ୍ଡର ଜନ୍ମ କେବେ ? ଆପଣ ଏକ ଦୁଇ ଶତାବ୍ଦୀ ପଛକୁ ଯିବେ। ଜର୍ମାନୀ କଥା ସେଇଆ। ଫ୍ରାନ୍ସ ବି ସେଇଆ। ଅର୍ଥାତ୍ ଦୁନିଆର ପ୍ରତ୍ୟେକ ଦେଶ, ଯେଉଁମାନେ ଆଜି ଅସ୍ତିତ୍ୱରେ ଅଛନ୍ତି, ତାଙ୍କ ଇତିହାସ କଣ ? ଉତ୍ତର ମିଳିବ ଅଳ୍ପ କେତେ ଶତାବ୍ଦୀର। କିନ୍ତୁ ଭାରତ କେବେ ତିଆରି ହେଲା ? ଭାରତ ତ ବେଦ କାଳରୁ ଅଛି। ଋଗ୍ ବେଦରେ ଭାରତର ନାଁ ଅଛି। କେବେ ତାମିଲନାଡ଼ୁ, କର୍ଣ୍ଣାଟକ, କେରଳ ଲୋକେ କହିଲେ ଆମର ବିଲୟ ଭାରତରେ ହେଲା ବୋଲି ? ଏପରି କେବେ ହୋଇ ନାହିଁ। ବଙ୍ଗ, ମହାରାଷ୍ଟ୍ର, ଗୁଜୁରାଟ ବି ଏପରି କେବେ କହି ନାହାନ୍ତି। ଆମର ରାଷ୍ଟ୍ରବୋଧ କେଉଁ ପ୍ରାଚୀନ କାଳରୁ ରହି ଆସିଛି। କିଏ କହିପାରିବ ଯେ ଉପରୋକ୍ତ ରାଜ୍ୟର ଲୋକେ କେବେଠୁ କୁମ୍ଭମେଳାରେ ଗଙ୍ଗାରେ ବୁଡ଼ ପକାଇବାକୁ ଆସିଲେ ? ହଜାର ହଜାର ବର୍ଷ ହେଲା ଏହା ଚାଲି ଆସିଛି। ୨୨୦୦ ବର୍ଷ ପୂର୍ବେ ଆଦି ଶଙ୍କରାଚାର୍ଯ୍ୟ ଦୁଇ ଥର କେଦାରନାଥ ଯାଇଥିଲେ। ତାଙ୍କ ଅନ୍ତିମ ସଂସ୍କାର ମଧ୍ୟ ସେଇଠି ହୋଇଥିଲା, ସମାଧି ତିଆରି ହୋଇଥିଲା। ୨୨୦୦ ବର୍ଷ ପୂର୍ବେ ସେ କେରଳରୁ କେଦାରନାଥ କେମିତି ଯାଇଥିଲେ ? ହଜାର ହଜାର ବର୍ଷ ପୂର୍ବେ ରାମସେତୁ କେମିତି ତିଆରି ହେଲା ? କିଏ ତିଆରି କଲା ? ହଜାର ହଜାର ବର୍ଷ ପୂର୍ବେ ତ୍ରିପୁରା ଲୋକ, ମଣିପୁର ଲୋକ ଯୁଦ୍ଧ କରିବାକୁ କେମିତି ଆସିଥିଲେ କୁରୁକ୍ଷେତ୍ର ? କେତେ ସୁଦୃଢ଼ ଥିଲା ସେତେବେଳେ ଆମର ପରମ୍ପରା। ଭଗବାନ କୃଷ୍ଣଙ୍କ ବିବାହ ରୁକ୍ମଣୀଙ୍କ ସହ ହୋଇଥିଲା। ରୁକ୍ମଣୀଙ୍କ ଘର କେଉଁଠି ଥିଲା ? ତାଙ୍କ ଘର ଆଜି ବି ଅରୁଣାଞ୍ଚଳରେ ଅଛି। ଭୀମଙ୍କ ବିବାହ ହିଡ଼ିମ୍ବାଙ୍କ ସହ ହୋଇଥିଲା। ହିଡ଼ିମ୍ବାଙ୍କ ଘର କେଉଁଠି ? ଆଜି ବି ହିଡ଼ିମ୍ବାଙ୍କ ଘର ନାଗାଲେଣ୍ଡର ଡିମାପୁରରେ ଅଛି। ଅର୍ଜୁନଙ୍କ ପତ୍ନୀ ଉଲୁପି ଚିତ୍ରାଙ୍ଗଦାଙ୍କ ଘର କେଉଁଠି ? ସେ ତ ଆସାମରେ। ଆମର ଏହି ରାଷ୍ଟ୍ର ତତ୍ତ୍ୱ ଆଜିର ନୁହେଁ। କେଉଁ ଅନାଦି କାଳରୁ ରହି ଆସିଛି। ଆମର ସମସ୍ତ ମହାପୁରୁଷ ସାରା ଦେଶର। କବୀର, ନାନକ, ରାମାନୁଜ, ରାମାନନ୍ଦ ଆଦି ମହାପୁରୁଷ ମାନଙ୍କ ଉପରେ ରାଜ୍ୟ ବା ଜନ୍ମସ୍ଥାନର ଷ୍ଟାମ୍ପ ଲାଗି ନାହିଁ। ସେ କେବଳ ସେଇ ଜାଗାର ହୋଇ ରହିଗଲେ ନାହିଁ। ସାରା ରାଷ୍ଟ୍ର ତାଙ୍କୁ ନିଜର ବୋଲି ଆପଣେଇ ନେଲା। ଏମାନେ ସାରା ଦେଶରେ ଆଧ୍ୟାତ୍ମିକ ଭାବକୁ ବିକଶିତ କରିଥିଲେ। ବେଦର ପ୍ରଥମ ଋଚାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଏ ପ୍ରକ୍ରିୟା ଚାଲୁ ରହିଛି, ଏହାକୁ ଆମେ ରାଷ୍ଟ୍ର କହୁଛୁ।

ବିଦେଶରେ କୌଣସି ଦେଶ ପାଖରେ, କୌଣସି ସମାଜ ପାଖରେ ବା କୌଣସି ଜାତି ପାଖରେ ଏପରି ରାଷ୍ଟ୍ରବୋଧ ନାହିଁ। ତେଣୁ ସେମାନେ ଏଠାକୁ ଆସି ଭ୍ରମ ସୃଷ୍ଟି କଲେ। ସେମାନେ ଯେଉଁ ଦେଶକୁ ପରାଧୀନ କଲେ, ସେହି ଦେଶର ଲୋକଙ୍କ ଭିତରେ ହୀନ ଭାବନା ତିଆରି କଲେ। କାରଣ ହୀନ ଭାବନା ରହିଲେ କେହି ସ୍ୱାଧୀନ ହେବାକୁ ଚାହିଁବ ନାହିଁ। ଭାରତର ଲୋକେ ବିଦେଶ ଯାଇଛନ୍ତି, କିନ୍ତୁ କିଏ କହିପାରିବ ଭାରତ କାହାକୁ ଲୁଟିଛି, ଗୋଲାମ କରିଛି, ମହିଳାମାନଙ୍କ ଉପରେ ଅତ୍ୟାଚାର କରିଛି ? କେହି କହିପାରିବ ନାହିଁ। ଏହି ଚରିତ୍ର, ଏହି ସ୍ୱଭାବ ଭାରତର ଅଟେ। ଏହା ଭାରତର ରାଷ୍ଟ୍ର ଦର୍ଶନ ଅଟେ। (କ୍ରମଶଃ)



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

# ସ୍ୱଚ୍ଛ ରାଷ୍ଟ୍ରଭକ୍ତି

ପ୍ରାଥମିକ ସ୍କୁଲ କାଳରେ ରାଷ୍ଟ୍ରଭକ୍ତି କଣ, ରାଷ୍ଟ୍ରଭକ୍ତ କିଏ, ରାଷ୍ଟ୍ର ବିରୋଧି କିଏ ଏ ସମସ୍ତ ବିଷୟରେ ଏବେ ଯେଉଁ ବ୍ୟାପକ ଚର୍ଚ୍ଚା ହେଉଛି ସେ ବିଷୟରେ ବିଶେଷ ଧାରଣା ନଥିଲା। ଆମେ ଜାଣିଥିଲୁ ଯେଉଁମାନେ ସ୍ୱାଧୀନତା ସଂଗ୍ରାମୀ ଥିଲେ ସେମାନେ ରାଷ୍ଟ୍ରଭକ୍ତ ଓ ସୀମାରେ ଯେଉଁମାନେ ଭାରତପାଇଁ ଲଢୁଛନ୍ତି ସେମାନେ ରାଷ୍ଟ୍ରଭକ୍ତ। ଦେଶ ଭିତରେ ବି ରାଷ୍ଟ୍ରଦ୍ରୋହୀ ଅଛନ୍ତି ଏ ଧରଣା ନଥିଲା। ପୁଣି ରାଷ୍ଟ୍ରଭକ୍ତର ନିର୍ଣ୍ଣୟ ଧର୍ମ ଓ ରାଜନୀତିର ରେଖା ଟାଣି ନିର୍ଣ୍ଣୟ କରାଯାଇ ପାରେ ଏହା ମଧ୍ୟ ଅକଳ୍ପନୀୟ ଥିଲା। ସେ ସମୟରେ ଶହୀଦ ଭଗତ୍ ସିଂଙ୍କ ସ୍ୱାଧୀନତା ସଂଗ୍ରାମ ଆମକୁ ଯେଉଁପରି ରୋମାଞ୍ଚିତ କରୁଥିଲା, ବୀର ଅବଦୁଲ୍ ହମିଦଙ୍କ ବୀରଗାଥା ସେହିପରି ଦେହରେ ଶିହରଣ ଖେଳାଇ ଦେଉଥିଲା। ଅଗଷ୍ଟ ୧୫ ଓ ଜାନୁଆରୀ ୨୬ ତାରିଖରେ ପ୍ରଧାନଶିକ୍ଷକ ଯେତେବେଳେ ଜାତୀୟ ପତାକାର ଉତ୍ତୋଳନ କରୁଥିଲେ ଓ ଅଭିଭାଷଣ ଦେଉଥିଲେ ଆମ ମଧ୍ୟରେ ଏକପ୍ରକାର ନୂଆଭାବନା ସୃଷ୍ଟି ହେଉଥିଲା ଦେଶପାଇଁ କାମ କରିବାର, ଦେଶକୁ ଆଗେଇ ନେବାର, ଆବଶ୍ୟକ ହେଲେ ଦେଶପାଇଁ ଜୀବନ ଦେବାର। ଏହାହିଁ ଥିଲା ବୋଧହୁଏ ରାଷ୍ଟ୍ରଭକ୍ତି, ଯାହା ଆପେ ହୃଦୟ ଭିତରୁ ନିଃସୃତ ହେଉଥିଲା।

ଅନେକ ଦିନ ପର୍ଯ୍ୟନ୍ତ ମୋର ଧାରଣା ଥିଲା ଯେ ଅଗଷ୍ଟ ୧୫ ଓ ଜାନୁଆରୀ ୨୬ ତାରିଖ ଦିନ ଜାତୀୟ ପତାକା ଉଡାଇବା, ସ୍ୱାଧୀନତା ସେନାନୀମାନଙ୍କ ସପକ୍ଷରେ ଜୟଧ୍ୱନି ପକାଇବା ଓ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରିବା ହିଁ ରାଷ୍ଟ୍ରଭକ୍ତି। ପରେ ମନକୁ ପ୍ରଶ୍ନ ଆସିଥିଲା ଏଗୁଡିକୁ ନିଷ୍ଠାର ସହିତ ପାଳନ କରିବା ଦ୍ୱାରା ଗୋଟିଏ ଦେଶ ଆଗକୁ ବଢ଼ିବ କିପରି ? ଗୋଟିଏ ରାଷ୍ଟ୍ରର ଆର୍ଥିକ, ଶିକ୍ଷାଗତ ଓ ସାମାଜିକ ଅବସ୍ଥାରେ ବିକାଶ ଆସିବ କିପରି ? ପରେ ହୃଦବୋଧ ହେଲା ଯେ ଏ ସମସ୍ତ କାର୍ଯ୍ୟକ୍ରମ ରାଷ୍ଟ୍ରଭକ୍ତିର ଆନୁସାଙ୍ଗିକ ବିଷୟ। ପ୍ରକୃତ ରାଷ୍ଟ୍ରଭକ୍ତି ଅନ୍ୟକିଛି। ସେହି ଲକ୍ଷ୍ୟ ହାସଲ ପାଇଁ ଏହି ଦିନମାନଙ୍କରେ ଏତେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ରାଷ୍ଟ୍ରଭକ୍ତି ଏକ ଅନ୍ତର୍ନିହିତ ଚେତନା। ଏହି ଚେତନାକୁ ଉଦ୍‌ଜୀବିତ କରିବା ପାଇଁ ଏତେସବୁ କାର୍ଯ୍ୟକ୍ରମ। ରାଷ୍ଟ୍ରଭକ୍ତି ହେଉଛି ଛଳନାମୁକ୍ତ ଗଭୀର ଦେଶପ୍ରେମର ଭାବନା। ଏହା ଜାତୀୟ ପତାକା ଉତ୍ତୋଳନ, ଜୟଧ୍ୱନି ଓ ରାଷ୍ଟ୍ରୀୟ ସଙ୍ଗୀତ ଗାନ ମଧ୍ୟରେ ସୀମିତ ନୁହେଁ।

ବାସ୍ତବପକ୍ଷେ ରାଷ୍ଟ୍ରପ୍ରତି ସମର୍ପିତ କର୍ମ ହେଉଛି ପ୍ରକୃତ ଦେଶଭକ୍ତି। ଜଣକର ରାଷ୍ଟ୍ରପ୍ରେମ ତାହାର କର୍ତ୍ତବ୍ୟ ପରାୟଣତାରୁ ପରିପୁଷ୍ଟ ହୁଏ। ସ୍ୱଚ୍ଛୋଟତା, କର୍ମଠତା, କର୍ତ୍ତବ୍ୟପ୍ରତି ସମୟବଦ୍ଧତା, ସମାଜ ପ୍ରତି ଅଙ୍ଗୀକାରବଦ୍ଧତା, ସମାନତାରେ ବିଶ୍ୱାସୀ ଓ ସର୍ବୋପରି ଗଣତାନ୍ତ୍ରିକ ବିଚାରଧାରାର ଅନୁଗାମୀ ହେବା ଜଣକର ପ୍ରକୃତ ଦେଶଭକ୍ତ ହେବାର ପରିଚୟ ଦିଏ। ଜଣେ ଭ୍ରଷ୍ଟାଚାରୀ, ସମାଜ ବିରୋଧି, ସମାନତାରେ ବିରୋଧି ତଥା ଗଣତାନ୍ତ୍ରିକ ମୂଲ୍ୟବୋଧରେ ଅବିଶ୍ୱାସୀ ଲୋକ କେବେବି ରାଷ୍ଟ୍ରଭକ୍ତ ହୋଇପାରିବ ନାହିଁ। ଏମାନେ କଦାପି ରାଷ୍ଟ୍ରବାଦୀ ନୁହଁନ୍ତି। ଏମାନଙ୍କ ଜାତୀୟ ପତାକା ଉତ୍ତୋଳନ ଓ ଜାତୀୟ ସଙ୍ଗୀତ ଗାନ ଛଳନା ମାତ୍ର। ରାଷ୍ଟ୍ର ପ୍ରଦତ୍ତ କାର୍ଯ୍ୟ ସୂଚାରୁରୂପେ ସମ୍ପାଦନ କରିବା ଜଣେ ରାଷ୍ଟ୍ରଭକ୍ତର ପରମ କର୍ତ୍ତବ୍ୟ।

ଜଣେ ରାଜନେତା ସ୍ୱଚ୍ଛୋଟ, ଭ୍ରଷ୍ଟାଚାର ମୁକ୍ତ, ନିରପେକ୍ଷ ଓ ଦରଦୀ ବ୍ୟକ୍ତିବିଶେଷ ହେବା ଆବଶ୍ୟକ। କୌଣସି ରାଜନେତା ଯଦି ଭ୍ରଷ୍ଟାଚାରରେ ଲିପ୍ତ ଥାଏ, ରାଷ୍ଟ୍ର ବିରୋଧି କାର୍ଯ୍ୟ କରୁଥାଏ ଓ ଜନବିରୋଧୀ ପଦକ୍ଷେପ ନେଉଥାଏ ତେବେ ସେ କଦାପି ରାଷ୍ଟ୍ରଭକ୍ତ ନୁହେଁ। ସେହିପରି ଜଣେ ପ୍ରଶାସନିକ ଅଧିକାରୀ କିମ୍ବା ସାଧାରଣ କର୍ମଚାରୀ ନିଜ ଦାୟିତ୍ୱ ଠିକ୍ ଭାବରେ ସମ୍ପାଦନ କରିବା ହିଁ ତାଙ୍କର ରାଷ୍ଟ୍ରଭକ୍ତି। ଶ୍ରମିକ, କୃଷକ, କାରିଗର, ଶିକ୍ଷକ, ଡାକ୍ତର, ଇଂଜିନିୟର, ସର୍ବୋପରି ସମସ୍ତେ ଯିଏ ଯାହା କରୁଛନ୍ତି ତାହାକୁ ରାଷ୍ଟ୍ରୀୟ ଦାୟିତ୍ୱଭାବେ ଗ୍ରହଣ କରି ସୁଚାରୁରୂପେ ସମ୍ପାଦନ କରିବା ହିଁ ରାଷ୍ଟ୍ରଭକ୍ତି। ଏଗୁଡ଼ିକ କେବଳ ଜୀବିକା ନୁହେଁ। ଏଗୁଡିକ ରାଷ୍ଟ୍ର ପ୍ରଦତ୍ତ କାର୍ଯ୍ୟ। ଶିକ୍ଷକ ଠିକ୍ ସମୟରେ ସ୍କୁଲରେ ପହଂଚିବା, ଠିକ୍ ସମୟରେ କ୍ଲାସକୁ ଯିବା, ଛାତ୍ରମାନଙ୍କ ପାଇଁ ନିଜକୁ ଆଦର୍ଶ ବ୍ୟକ୍ତିଭାବେ ପ୍ରତିଷ୍ଠିତ କରିବା ଓ ଉନ୍ନତ ମାନର ଶିକ୍ଷା ଦେବା ହେଉଛି ତାର ରାଷ୍ଟ୍ରଭକ୍ତି। ସେହିପରି ଜଣେ ଡାକ୍ତରଙ୍କ ନିସ୍ୱାର୍ଥପର ରୋଗୀସେବା ହେଉଛି ତାଙ୍କର ରାଷ୍ଟ୍ରଭକ୍ତି। ଜଣେ ଶ୍ରମିକ କରୁଥିବା କାର୍ଯ୍ୟର ଶ୍ରେଷ୍ଠ ସମ୍ପାଦନ ତାର ରାଷ୍ଟ୍ରଭକ୍ତି। ଅନ୍ୟମାନେ ଯିଏ ଯେଉଁ କାର୍ଯ୍ୟାକୁ ଜିବୀକାଭାବେ ଗ୍ରହଣ କରିଛି ତାହାର ଶ୍ରେଷ୍ଠ ପ୍ରଦର୍ଶନ ହେଉଛି ତାହାର ରାଷ୍ଟ୍ରଭକ୍ତି। କାର୍ଯ୍ୟର ଶ୍ରେଷ୍ଠ ସମ୍ପାଦନ ହେଉଛି ପ୍ରକୃତ ରାଷ୍ଟ୍ରଭକ୍ତି। ଏହାହିଁ ଗୋଟିଏ ରାଷ୍ଟ୍ରକୁ ଆଗକୁ ଆଗେଇ ନେବାର ଏକମାତ୍ର ମାର୍ଗ। ଯେଉଁମାନେ କର୍ତ୍ତବ୍ୟରେ ଅବହେଳା କରନ୍ତି, ନାନା ଆଳ ଦେଖାଇ ଲୋକମାନଙ୍କୁ ହଇରାଣ କରନ୍ତି, ଉତ୍କୋଚ ଗ୍ରହଣ କରନ୍ତି, ପ୍ରିୟାପ୍ରୀତି ତୋଷଣରେ ଲିପ୍ତ ଥାନ୍ତି, କାର୍ଯ୍ୟ ସମ୍ପାଦନା କ୍ଷେତ୍ରରେ ସମୟାନୁବର୍ତ୍ତି ନୁହଁନ୍ତି, ସେମାନେ କଦାପି ରାଷ୍ଟ୍ରଭକ୍ତ ନୁହଁନ୍ତି।

ପ୍ରତିବର୍ଷ ରାଜନୈତିକ ଦଳମାନେ ସ୍ୱାଧୀନତା ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରନ୍ତି। କେତେବେଳେ 'ହରଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ତ କେତେବେଳେ 'ହରହାତ ତ୍ରିରଙ୍ଗା' କାର୍ଯ୍ୟକ୍ରମ। ଏହା ରାଷ୍ଟ୍ରୀୟ ଭାବନା ଜାଗ୍ରତ କରିବାର ସାଧୁ ଉପାୟ ନିଶ୍ଚୟ। ଲୋକମାନଙ୍କ ମଧ୍ୟରେ ରାଷ୍ଟ୍ରଭକ୍ତିର ଭାବନା ଜାଗ୍ରତ ହେଉ ଏହା କିଏ ନଚାହିଁବ। ତେବେ ଏହା ଲୋକ ଦେଖାଣିଆ ନହେଉ। ଲୋକମାନଙ୍କୁ ରାଷ୍ଟ୍ରୀୟ କର୍ତ୍ତବ୍ୟ ପାଳନ କରିବା ପାଇଁ ପ୍ରେରୀତ କରାଯାଉ। ତାଙ୍କ ମଧ୍ୟରେ ସଚ୍ଛୋଟ ହେବାର ଭାବନା ଜାଗ୍ରତ କରାଯାଉ। ତାଙ୍କ ମଧ୍ୟରେ ସେବା ମନୋଭାବ ଜାଗ୍ରତ କରାଯାଉ ଓ ଅନ୍ୟାୟ ବିରୁଦ୍ଧରେ ଲଢ଼ିବାର ସାହସ ଉଦ୍ରେକ କରାଯାଉ।

କେବଳ ଜନତା ନୁହେଁ ସମସ୍ତ ରାଜନୈତିକ ଦଳ ମଧ୍ୟ ରାଷ୍ଟ୍ରଭକ୍ତି ଭାବନାରେ ଉଦ୍ଭାସିତ ହୁଅନ୍ତୁ। ଦେଶକୁ ଐକବଦ୍ଧ କରାଯାଉ ଓ ଭ୍ରଷ୍ଟାଚାର ମୁକ୍ତ କରାଯାଉ। ଭୋଟ୍ ପାଇଁ ସମାଜକୁ ବିଭାଜିତ କରାନଯାଉ। ରାଷ୍ଟ୍ରୀୟ ସମ୍ପତ୍ତିକୁ କେତେଜଣ ପୁଞ୍ଜିପତିଙ୍କ ହାତରେ ଟେକି ଦିଆନଯାଉ। ନିଜର ନିହିତ ସ୍ୱାର୍ଥ ସାଧନ ପାଇଁ ରାଷ୍ଟ୍ରୀୟ ଭାବନାର ଅପବ୍ୟବହାର ନହେଉ। ଦେଶରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ବିକାଶ ଉପରେ ଗୁରୁତ୍ୱ ଦିଆଯାଉ। ରାଜନୀତିକୁ ଆଦର୍ଶଗତ ବନାଯାଉ। ଲୋକଙ୍କ ଦୈନନ୍ଦିନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜନୀତି କରାଯାଉ। ଦେଶର ଗଣତାନ୍ତ୍ରିକ ଢାଞ୍ଚାକୁ ଆହୁରି ମଜଭୁତ କରାଯାଉ।

ବିତର୍କ ଗଣତନ୍ତ୍ରକୁ ସୁଦୃଢ଼ କରେ। ତେଣୁ କୌଣସି ସରକାର ବିତର୍କକୁ ଭୟ ନକରୁ। ରାଜନୈତିକ ଦଳମାନେ ତଥା ସରକାର ସଂକୀର୍ଣ୍ଣତା ଓ ପ୍ରତିହିଂସା ମନୋଭାବରୁ କ୍ଷାନ୍ତ ହୁଅନ୍ତୁ। ଲୋକମାନେ ସତର୍କ ରୁହନ୍ତୁ ଯେଉଁପରି ତାଙ୍କ ରାଷ୍ଟ୍ରୀୟ ଭାବନାର ଅପପ୍ରୟୋଗ ନହେଉ। ସେମାନେ ବିଚାର କରନ୍ତୁ କିଏ ପ୍ରକୃତରେ ରାଷ୍ଟ୍ରଭକ୍ତ। ଯିଏ ତାଙ୍କୁ ସବୁ ସୁବିଧା ଦେଉଛି ସିଏ ନା ଯିଏ ଶୋଷଣ କରିଚାଲିଛି ସିଏ। କିଏ ନିଜ ଅହଙ୍କାରକୁ ଲୁଚାଇବା ପାଇଁ ରାଷ୍ଟ୍ରଭକ୍ତିର ଆଶ୍ରା ନେଉଛି ଓ କିଏ ସାଧାରଣ ଜନତାର ସମସ୍ୟାର ସମାଧାନ ପାଇଁ ରାଷ୍ଟ୍ରଭକ୍ତିର ଆଶ୍ରା ନେଇଛି। ଲୋକମାନେ ଏକଥାକୁ ବୁଝନ୍ତୁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



## ପ୍ରତି ନମସ୍କାର



ଘନଶ୍ୟାମ ପଲେଇ

ସହର ତ ସହର, ପୁଣି କଟକ ଭଳି ସହରରେ ଏତେ ବଡ ଦୋକାନଟାଏ। ହରେକ ଜିନିଷ ରହିଛି ଭରି । ଜିରା ଠାରୁ ହୀରା ଯାହା ଖୋଜିବ ପାଇବ ଜାଣ। ସକାଳୁ ସଞ୍ଜ ଯାଏଁ ଅନେକ ପ୍ରକାର ଲୋକ ଆସନ୍ତି ତାଙ୍କ ଦୋକାନକୁ । ଖାସ୍ କରି ଟିକିଏ ଶସ୍ତାରେ ଦିଅନ୍ତି ବୋଲି ଆଖପାଖ ଗାଁ ଗଣ୍ଡାର ଛୋଟ ମୋଟ ଦୋକାନୀ ସବୁ ହୋଲ୍‌ସେଲ୍ ଦରରେ ଜିନିଷ ନେଇ ଗାଁରେ ତାଙ୍କର ବେପାର ଚଳାନ୍ତି ।



ବଦଳି ହେଇ କଟକ ଆସିଲା ପରେ ସେଇ ଦୋକାନ ସହ ମୋର ପରିଚୟ। ଏହାର ମାଲିକ ମକ୍କୁବାବୁ ଜଣେ ଅମାୟିକ ଲୋକ । ମୋ ସରକାରୀ କ୍ୱାଟରଠୁ ଅଳ୍ପ ଦୂରରେ ଥିଲା ତାଙ୍କରି ଦୋକାନ । ତେଣୁ ପ୍ରାୟ ସନ୍ଧ୍ୟା ସମୟକୁ ଯାଏ ତାଙ୍କ ଦୋକାନ ଆଡିକି । ବାହାରେ ପଡିଥିବା ବେଞ୍ଚରେ ବସେ କିଛି ସମୟ । ଘର ପାଇଁ ଯାହା ଦରକାର ଥାଏ ଆସିଲାବେଳେ ନେଇ ଆସେ ସାଥିରେ । ଏଇ ଦେଖା ସାକ୍ଷାତରୁ ସୃଷ୍ଟି ଭାବ । ଆଉ ସେଇ ଭାବର ରଜ୍ଜୁରେ ଯୋଡି ହୁଏ ମଣିଷ ଗଢି ଉଠେ ସମ୍ପର୍କ । ବାନ୍ଧି ହେଇଯାଏ ସ୍ନେହ ଆଉ ପ୍ରେମରେ । ସମ ବୟସ୍କ ଲୋକ ଗୁଡା ଟିକିଏ ଶୀଘ୍ର ଟାଣି ହୁଅନ୍ତି ନିଜ ନିଜ ଆଡକୁ। ଭଲ ପାଗଯୋଗ ଦେଖି ପିଆଜ ଆଳୁ ଗଜେଇଲା ଭଳି ବନ୍ଧୁପଣ ଆପେ ଆପେ ଉଧାଇ ଆସେ। ବନ୍ଧୁତା ସୂତ୍ରରେ ଯୋଡି ଦିଏ ସେମାନଙ୍କ ଭିତରେ। ମୋତେ ବି ସେ ଖୋଜନ୍ତି ସଞ୍ଜକୁ । ମୁଁ ଗଲେ ପାଖ ଚା' ଦୋକାନରୁ ଚା' ମଗାନ୍ତି । ଗପସପ ଚାଲେ ବିଭିନ୍ନ ପ୍ରସଙ୍ଗକୁ ନେଇ । ବାକି ଖାଉ ନଥିଲି ଜମାରୁ କିନ୍ତୁ ପଇସା ପତ୍ର ସବୁଦିନ ଧରି ନଥାଏ ତେଣୁ ଧିରେ ଧିରେ ତା' ଦୋକାନରୁ ବାକି ଖାଇବା ଆରମ୍ଭ କରିଦେଲି। ଏଣିକି ଆମର ମାସିକା ସଉଦା ଅଣା ଯାଉଥିଲା ତାଙ୍କରି ଦୋକାନରୁ।

ଆଉ କାହା ଦୋକାନ ଖୋଲା ହେବା ଆଗରୁ ତାଙ୍କରି ଦୋକାନ ଖୋଲା ହେବ ଆଗ । । ଦୋକାନୀ ପିଲା ସବୁ ଧୁଆପୋଛା ସାରୁ ସାରୁ ପହଞ୍ଚି ଯିବେ ମାଲିକ ମକ୍କୁବାବୁ ଠିକ୍ ସକାଳ ଆଠ ବାଜୁ ବାଜୁ । ପିନ୍ଧିଥିବେ ଖଣ୍ଡେ ଧୋତି ଆଉ ଧଳା ଷେଣ୍ଟ ଗଞ୍ଜି ଖଣ୍ଡେ । ଗଞ୍ଜିରେ ଖୋସା ହେଇଥିବ ପେନଟିଏ । ଧୂପଟା ବୁଲେଇ ଆଣିବେ ଦୋକାନ ସାରା । ବସି ଯିବେ ତାଙ୍କ ସିଟରେ ଗଞ୍ଜିଟାକୁ ପେଟ ଉପରକୁ ଟେକି । ସିଏ ବସିଲେ ନିଜ ସିଟରେ ଦୋକାନଟା ଲାଗେ ପୂର୍ଣ୍ଣ ପୂର୍ଣ୍ଣ। ହସ ହସ ମୁହଁ ସହ ଥନ୍ତଲା ପେଟରେ ଲାଗନ୍ତି ପୁରା ଲାଫିଙ୍ଗ୍ ବୁଦ୍ଧ ଭଳି ।

ତାଙ୍କ ଦୋକାନରେ ବସିଥିଲା ବେଳେ ମୁଁ ଲକ୍ଷ୍ୟ କରେ ତାଙ୍କୁ କିଏ ନମସ୍କାର କଲେ, ତୁରନ୍ତ ଗଞ୍ଜିରୁ କାଢି ପକାନ୍ତି ପେନଟି । ପେନଟିକୁ ଦେଖେଇ ରଖିଦେବେ ଦୁଇ ହାତ ପାପୁଲି ମଝିରେ। ଆଉ ନମସ୍କାର ମୁଦ୍ରାରେ ହସ ହସ ମୁହଁରେ ଜଣେଇବେ ପ୍ରତି ନମସ୍କାର । ମୋତେ ଟିକିଏ ଅଜବ ଲାଗେ ତାଙ୍କ ଏ ଢଙ୍ଗରଙ୍ଗ । ରହସ୍ୟ ରହସ୍ୟ ଲାଗେ ପେନ ଖଣ୍ଡକ । ଲୋକେ କୁହନ୍ତି କାଳେ ଏଇ ମକ୍କୁବାବୁ କେଡେ ଗରିବ ଥିଲେ ସହର ଆସିଲା ବେଳେ । ଏବେ ଜଣେ ସେଠ। ସହରର ବିଶିଷ୍ଟ ଧନୀ ଲୋକମାନଙ୍କ ଗହଣରେ ଜଣେ । ଗରିବରୁ ଧନୀ ହେବା ପଛରେ ନିଶ୍ଚେ ଏଇ ପେନର ଭୂମିକା ଥାଇ ପାରେ । ବୋଧେ ପେନରେ ଲୁଚିଛି ସେଇ ଯାଦୁ। ଏହାର ରହସ୍ୟ ଭେଦ କରିବି କରିବି ହେଇ ରହିଯାଏ ପଚାରି ପାରେନା ବହୁତ ଦିନରୁ, ଭୁଲି ଯାଏ ଅବା ପଚାରିବାକୁ ସାହସ କୁଳାଏ ନାହିଁ।

ଆଜି କିନ୍ତୁ ସନ୍ଧ୍ୟାରେ ବାହାର ବେଞ୍ଚରେ ଦି'ଜଣ ବସି ପିଉ ଥିଲୁ ଚା' । ହଠାତ ଜଣେ ଭଦ୍ରବ୍ୟକ୍ତି ଆସି ନମସ୍କାର ଜଣାଇଲେ ମକ୍କୁବାବୁଙ୍କୁ । ତାଙ୍କୁ ପ୍ରତିନମସ୍କାର ବା ବସିବାକୁ ନ କହି ପୁରାପୁରି ହେଇପଡିଲେ ସେ ବ୍ୟସ୍ତ । ଅଣ୍ଡାଳି ପକାଇଲେ ଗଞ୍ଜି ଧୋତି । ଅନ୍ଧ ବାଡି ହଜାଇଲା ପରି ହେଇ ଗଲେ ଅସ୍ତବ୍ୟସ୍ତ ।

ମୁଁ ବି ବ୍ୟସ୍ତ ହେଇ ଉଠିଲି । ପେନଟିକୁ ପାଇ ଦେଖେଇଲି। ମୁହଁ ଉଜ୍ଜ୍ୱଳ ଦିଶିଲା ମକ୍କୁବାବୁଙ୍କର । ଖୁସି ହେଇଗଲେ। ଝପଟି ଆସି ନେଇଗଲେ ପେନଟିକୁ । ଦୁଇ ହାତ ପାପୁଲି ମଝିରେ ରଖି ହସ ହସ ବଦନ--- ନମସ୍କାର ନମସ୍କାର କହି ବସିବାକୁ କହିଲେ ସେଇ ଭଦ୍ରବ୍ୟକ୍ତିଙ୍କୁ।

ଭଦ୍ରବ୍ୟକ୍ତି ଜଣକ ଗଲାପରେ ଗପସପ ଆଳରେ ମୁଁ ପଚାରିଲି --- ଆଚ୍ଛା ମକ୍କୁବାବୁ! ଆପଣ କାହିଁକି ଏତେ ବ୍ୟସ୍ତ ହେଇପଡିଲେ ଲୋକଟି ନମସ୍କାର କଲାରୁ। ସିଏ ହସିଲେ--- ଆଉ ମୋତେ ଦେଖେଇଲେ ତାଙ୍କ ଦୋକାନ ସମ୍ନାରେ ଟଙ୍ଗା ହେଇଥିବା ଗୋଟିଏ ପୁରୁଣା ମାଦଳ ବାଜାକୁ ।

ମୁଁ କିଛି ନ ବୁଝି ପାରି ଚାହିଁଥାଏ ତାଙ୍କ ମୁହଁକୁ ।

ସିଏ ପୁଣି କହିଲେ --- ପାଠ ହିଁ ସବୁ କିଛି ବାବୁ! ପାଠ ନାଇଁ ତ କିଛି ନାଇଁ । ଆଖି ଥାଇ ଅନ୍ଧାର । ସବୁ ବେକାର। ପାଠ ପାଇଁ ଆପଣ ବି ଏଇଠି ମୁଁ ବି ଏଇଠି । ଆଜି ପାଠ ପଢୁ ନ ଥିଲେ ମାଦଳ ବଜଉ ଥାନ୍ତି ଗାଁରେ ଅନ୍ୟମାନଙ୍କ ସହ । ବଡ କଷ୍ଟରେ ପଢିଚି ପାଠ। ଗାଁ ପ୍ରତିକୂଳ ପରିସ୍ଥିତିରେ କରିଛି ଅନେକ ସଂଘର୍ଷ। ବହୁତ ଭଲ ନ ପଢିଲେ ବି ସାରିଛି ଗ୍ରାଜୁଏସନ୍ । ଚାକିରି ସିନା ହେଲାନି କିନ୍ତୁ ରାସ୍ତା ଖୋଜି ପାଇଛି ବଞ୍ଚିବାର। ଖଣ୍ଡେ ଦୋକାନ ଖୋଲି ତ ବଢେଇ ପାରିଚି ବିଜନେସ । ବାପା ମାଆ ମୁହଁରେ ହସ ଫୁଟେଇ ଖୁସିରେ ଚଳଉଚି ଘରସଂସାର।

ମୁଁ ଅଟକି ଥିଲି ସେଇ ରହସ୍ୟମୟ ପେନ ପାଖରେ । କହିଲି --- ଠିକ୍ ଯେ! ଲୋକଟିର ନମସ୍କାର ଦେଖି ବ୍ୟସ୍ତ ହେଲେ କାହିଁକି ? ପେନ୍ ସହ ଏହାର କ'ଣ ସମ୍ପର୍କ ?

ମକ୍କୁବାବୁ କହିଲେ---- ଦେଖିଥିବେ ନିଶ୍ଚୟ, ନମସ୍କାର କଲେ ମୋ ପାଖରେ ଥିବା ପେନଟିକୁ ଦେଖେଇ ଥାଏ ସମସ୍ତଙ୍କୁ। ପ୍ରକୃତ ନମସ୍କାରର ହକ୍କଦାର ତ ଏଇ ପେନ। ଏଇ ପେନ ହେତୁହେଲା ଦିନରୁ ପାଖରେ ରଖିଚି। ଏଇଥିରେ ଲେଖି ପାସ କରିଛି ଗ୍ରାଜୁଏସନ ଭଳି ଅନେକ ପରୀକ୍ଷା। ଆଜି ବି ଜୀବନର ଅନେକ ପରୀକ୍ଷା ଏହାରି ମାଧ୍ୟମରେ କରୁଛି ସାମ୍ନା। ପାସ ବି ହେଉଛି । ଏହା ବିନା ଆଜି ମୋର ନଥାନ୍ତା ଅସ୍ତିତ୍ୱ । ଗାଁ କୋଣରେ ପଡିଥାନ୍ତି କୋଣଠେସା ହେଇ । ଆଉ ଗାଁରେ ମାଦଳ ପିଟି ପିଟି କରୁଥାନ୍ତି ସଂଘର୍ଷ ପେଟ ପାଇଁ।

ମକ୍କୁକଥା ଶୁଣି ମୁଁ ଅନୁଭବ କରିପାରୁ ଥିଲି ମୋ ନିଜ ଅବସ୍ଥାକୁ। ଦିଶିଯାଉଥିଲା ଭୋକ ଉପାସର ସେଇ ପୁରୁଣା ଦିନ। ଆଉ ଆପେ ଆପେ ନିଜ ଠାରୁ ଦୂରେଇ ଯାଉଥିଲା ମିଛ ଅହମିକା ଓ ଟାଣ ପଣ।

ଟେନ୍ସା, ସୁନ୍ଦରଗଡ
ମୋ-୯୪୩୭୭୧୮୫୦୦

## ଲକ୍ଷ୍ମୀ

ଶୁଭଦର୍ଶିନୀ ଦାଶ



ସକାଳୁ ସକାଳୁ ବିରାଟ ମଉସା ମର୍ଣ୍ଣିଂଓ୍ୱାକ ସାରି ଫେରିଲା ବେଳକୁ ଧର୍ମ ପତ୍ନୀ ମୁହଁ ଫୁଲେଇ ବସିଛନ୍ତି ବାରଣ୍ଡାରେ ପଡ଼ିଥିବା ଆଧୁନିକ ମେଜ ଉପରେ । ଘରେ ଲୋକ କହିଲେ କେବଳ ନୂଆ ବୋହୂ । ପୁଅ ଯାଇଛି କିଛି କାମରେ ଏକ ମାସ ପାଇଁ ବିଦେଶ। ବୋହୂ ଉଚ୍ଚ ଶିକ୍ଷିତ। ହେଲେ ଚାକିରି କରିନାହିଁ । ମାଉସୀଙ୍କ ମତ ଅନୁସାରେ ଘର, ଦ୍ୱାର ପୂଜା ପାଠ ସବୁ ଦାୟିତ୍ୱ ସୂଚାରୁ ରୂପେ ତୁଲାଇବା ପାଇଁ କର୍ମଜୀବି ମହିଳା ବୋହୂ ହେଲେ ସମ୍ଭବ ହେବ ନାହିଁ । ତେଣୁ ଘର ପାଇଁ ସାକ୍ଷାତ ଲକ୍ଷ୍ମୀ ପରି ବୋହୂ ଆଣିଛନ୍ତି । ମାଉସୀ ଭାରି ଭଲ । ହେଲେ ଲକ୍ଷ୍ମୀ ପୁରାଣ ମାଉସୀଙ୍କ ଜୀବନର ମୂଳମନ୍ତ୍ର ।

ମାଉସୀଙ୍କ ମୁହଁ ଦେଖି ମଉସା ଜାଣିସାରିଥିଲେ କିଛି ତ ହୋଇଛି ନିଶ୍ଚିତ । ହେଲେ କିଛି ନଜାଣିଲା ପରି ବାଟରୁ କିଣି ଆଣିଥିବା ପୋଦିନା ପତ୍ର ବିଡ଼ାକ ଧରାଇ ଦେଇ କହିଲେ ଗଲ ବୋହୂକୁ କହିବ ଯାକୁ ପକାଇ ନାଲି ଚାହା କପେ ଦେବ । ଏତକ ଶୁଣୁ ଶୁଣୁ ମାଉସୀଙ୍କର ମୁଣ୍ଡ ଗରମ, ରାଗରେ ତମ ତମ ହୋଇ କହିଲେ କିଏ ଚାହା ଦେବ ସିଏ ଶୋଇଛି ଏଯାଏଁ । ମଉସା କଥା ଏଡ଼େଇବାକୁ ଯାଇ କହିଲେ ଆରେ ତାର ଦେହ ଭଲ ନଥିବ । ତମେ କରିଦେଉନା ତମ ହାତ ତିଆରି ଚାହାର ସ୍ୱାଦ ଆଉ କିଏ କରିପାରିବ ଯେ ।

ମାଉସୀ ରୋଷେଇ ଘରକୁ ଯାଇ ଦେଖନ୍ତି ବୋହୂ ଅଗାଧୁଆ ଚାହା ତିଆରି କରୁଛି । ଆଉ ପୁଣି ଗୋଟିଏ ହାତରେ ସମ୍ପୂର୍ଣ୍ଣ ଚୁଡ଼ି ଓହ୍ଲାଇ ଦେଇଛି ଖାଲି ଶଙ୍ଖା ଖଣ୍ଡେ । ତମତମ ହୋଇ ଆସି ମଉସାଙ୍କୁ କହିଗଲେ ଏଘରୁ ଲକ୍ଷ୍ମୀ ଛାଡିଲେ ଆଉ ପୁଅଟା ମୋର ବାହାରେ ଭଗବାନ ହିଁ ତାର ସାହା ଭରସା । ମଉସା ହସିଦେଇ କହିଲେ ତମେ ଆଉ ତମର ଲକ୍ଷ୍ମୀ ପୁରାଣ, କାହିଁ କ'ଣ ଏମିତି ହୋଇଗଲା କି ? ଡେରିରେ ଉଠିଛି, ଠିକ ଅଛି ଦେହ ଭଲ ନଥିଲା ହେଲେ ଅଗାଧୁଆ ରୋଷେଇ ଘରେ ରାନ୍ଧୁଛି । ମୁଁ କ'ଣ କରିନଥାନ୍ତି । ଆଇରନ କରୁଥିଲା ହାତରେ ଚେଙ୍କା ଲାଗିଯାଇଥିଲା ମୁଁ ମଲମ ଲଗାଇ ବେଣ୍ଡେଜ ଗୁଡ଼ାଇ ଦେଇଥିଲି । ହେଲେ ହାତରୁ ଚୁଡ଼ି ସବୁ ଓହ୍ଲାଇଦେଇଛି । ଧେତ ଏଗୁଡା ସବୁ ଫାଲତୁ କଥା ଭଲ ମନ୍ଦ କ'ଣ କିଛି ନାହିଁ ଦେହ ଖରାପ ସତ୍ୱେ ନିଜ କର୍ମ କରୁଛି ସେଇଟା ଦେଖ। କହିଦେଇ ଚାଲିଗଲେ ମଉସା ବୋହୂ ପାଖକୁ । ଚାହା କପ ତା ହାତରୁ ଆଣି ପେପର ଧରି ଚାଲିଗଲେ ନିଜ ରୁମକୁ। ମାଉସୀ ବି ଚାଲିଲେ ଠାକୁର ଘରକୁ। ପୂଜା ସାରି ଆସି ମଉସାଙ୍କୁ କହିଲେ ଆରେ ତମେ ସିନା ମୋ କଥାକୁ ହେୟଜ୍ଞାନ କରୁଛ ହେଲେ ଲକ୍ଷ୍ମୀପୁରାଣ କ'ଣ ମିଛ । ମଉସା କହିଲେ ଠିକ ଅଛି ଆରେ କହିଲ ଦେଖି ସେଇ ଲକ୍ଷ୍ମୀ ପୁରାଣରେ ଲେଖାହୋଇଛିକି ସବୁ ନିୟମ କର୍ମଜୀବି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି । ମାଉସୀ କହିଲେ ତମେ କ'ଣ ଆମ ଝିଅ କଥା କହୁଛ। ସିଏ କ'ଣ କରିବ ଆଉ ଚାକିରି କରିଛି ତେଣୁ ବାଧ ସେପରି କରିବାକୁ ପଡୁଛି। ଡାକ୍ତରାଣୀ ହୋଇ କେମିତି ଅପରେସନ ଥିଏଟରରେ ଚୁଡ଼ି ପିନ୍ଧିବ। ଡାକ୍ତରଖାନା ନୀତି ନିୟମ ନମାନିଲେ ଲକ୍ଷ୍ମୀ (ପଇସା) ଆସିବେ କେମିତି । ମଉସାଙ୍କ ଉତ୍ତର ଥିଲା ଯଦି ତାର ସମ ଆଚରଣରେ ଲକ୍ଷ୍ମୀ ଆସୁଛନ୍ତି । ତାର ଲକ୍ଷ୍ମୀ ଆସିବାର ମାଧ୍ୟମ ଡାକ୍ତରଖାନାର ନିୟମ ତେବେ ଆମ ପୁଅର ବି କିଛି ଅସୁବିଧା ହେବ ନାହିଁ କି ଲକ୍ଷ୍ମୀ ଛାଡିବେ ନାହିଁ । ତମେ ସାକ୍ଷାତ ଲକ୍ଷ୍ମୀ ପରି ବୋହୂକୁ ସ୍ୱୟଂ ଲକ୍ଷ୍ମୀ ଭାବିନିଅ । ତମକୁ ଲାଗୁଥିବା ତାର ଛୋଟ ଛୋଟ ଭୁଲକୁ ସର୍ବ ମଙ୍ଗଳେ ଜଗନ୍ନାଥ କହି ନିଜ ମନକୁ ବୁଝାଇ ଦିଅ । କିଛି ଅସୁବିଧା ହେବ ନାହିଁ । ଭଗବାନ ହେଉଛନ୍ତି ଆମର ବିଶ୍ୱାସ । ଆମ ମନକୁ ଶୃଙ୍ଖଳିତ ଭାବେ ରଖିବାର ଏକ ମାଧ୍ୟମ । ତାଙ୍କୁ ପାଇବାର ଏକ ମାତ୍ର ବାଟ କର୍ମ । ମନ ଶାନ୍ତିରେ ରହିଲେ ଅନ୍ତତଃ ଘରେ ଶାନ୍ତି ଓ ଖୁସିର ବାତାବରଣ ରହିବ । ଆଉ ତମ ଲକ୍ଷ୍ମୀ ମା' ବି ବାଟ ଓଗାଳି ଯାଇପାରିବେ ନାହିଁ। ତେଣୁ ପରିସ୍ଥିତିକୁ ସହଜ କରିବାର ପ୍ରୟାସ କର ଜଟିଳ ନୁହେଁ । ଗପୁଗପୁ ରୋଷେଇ କରୁଥିବା ଝିଅଟି ଆସି କହିଦେଇଗଲା ରୋଷେଇ ସରିଲା ମାଆ ମୁଁ ଯାଉଛି । ଆଜି ବୋହୂ ନୁହେଁ ଶାଶୁ (ମାଉସୀ) ଯାଇ ବୋହୂକୁ ଡାକ ପକାଇଲେ ମା' ଲକ୍ଷ୍ମୀ ଖାଇବା ଆସ ମୁଁ ବାଢ଼ିଲିଣି ।

ଭୁବନେଶ୍ୱର
ମୋ-୮୨୮୦୩୧୧୦୦୦

## ମେ ପହିଲା ପୂର୍ବରୁ...

ମନୋଜ କୁମାର ବେହେରା



ଟିକିଏ ପାଠ-ଶାଠ ପଢିଥିବା ରାମଦୀନ ନିଜର ଚାରି-ଛଅ ଜଣ ସାଥୀ ଶ୍ରମିକଙ୍କ ଗହଣରେ ଛିଡାହୋଇ କାରଖାନାର ମାଲିକଙ୍କୁ କହୁଥିଲା, 'ସାର୍..କରୋନା କାଳର ବାକିଥିବା ବେତନ ଯଦି ଜଲ୍‌ଦି ମିଳିଯାନ୍ତା ତେବେ ଭଲ ହୁଅନ୍ତା' ।

କାହିଁକି ? ଏତେ ଜଲ୍‌ଦି କାହିଁକି ? ବିନୋଦ ପୂର୍ଣ୍ଣ ଦୃଷ୍ଟିରେ ତାକୁ ଆଉ ତା'ର ସାଥୀ ଶ୍ରମିକଙ୍କୁ ଦେଖି କେଶବଜୀ କହିଲେ, ଦେଇ ଦେବି। ଏବେ କେଉଁ ପର୍ବ-ପର୍ବାଣୀ ଆସି ତୁମ ମୁଣ୍ଡ ଉପରେ ଛିଡାହେଇ ଗଲା ଯେ ଏତେ ବ୍ୟସ୍ତ ହେଉଛ' ।

'ସାର୍! ପର୍ବ-ପର୍ବାଣୀ ତ ନୁହେଁ.. ହେଲେ.. ଆଶାପୂର୍ଣ୍ଣ ଦୃଷ୍ଟିରେ ନିଜର ସାଥୀଙ୍କୁ ଚାହିଁ କହିଲା ରାମଦୀନ। ତା'ପରେ କାନକୁ ଟିକିଏ କୁଣ୍ଡେଇ କହିଲା, କଥା କ'ଣ କି ସାର୍! ମେ ପହିଲା.. ଲେବର ଡେ ଆସୁଛି' । ପଇସା ହାତକୁ ଆସି ଯାଇଥିଲେ କିଛି କାର୍ଯ୍ୟକ୍ରମ କରି.. କହୁକହୁ କେଶବଜୀଙ୍କର ତୀବ୍ର ଦୃଷ୍ଟି ତା' ଉପରେ ପଡିବାରୁ ହଠାତ୍ ହଡବଡେଇ ଗଲା ସେ ଆଉ ସ୍ୱରକୁ ଟିକିଏ ଧୀର କରି କହିଲା 'ସାର୍! ଆମ ଲେବର୍ସ ମାନଙ୍କ ପାଇଁ ତ କୌଣସି ବଡ ପର୍ବଠୁ କମ୍ ନୁହେଁ ମେ ମାସର ଏକ ତାରିଖ'।

ଆଛା! ମେ ଦିବସ ପାଳନ କରିବ ? କେଶବଜୀ କ୍ରୋଧରେ ଥରିବାକୁ ଲାଗିଲେ । ଆଖି ଲାଲ୍ ହୋଇଗଲା ତାଙ୍କର ରାଗରେ । ସେ କହିଲେ, 'ଏଠି କ'ଣ ନୂଆ ୟୁନିୟନ ଗଢିବ ? ମୋରି ପଇସାରେ ପୁଣି ମୋ ବିରୁଦ୍ଧରେ..'

ନା'..ନା'..ସାର୍! ଏମିତି କିଛି ନାହିଁ। ଆପଣ ଭୁଲ୍ ଭାବୁଛନ୍ତି ଆମକୁ । ଆମେ ଆପଣଙ୍କ ବିରୁଦ୍ଧରେ କିଛି କରୁନାହୁଁ। ଆମେ ତ.. ଆମେ ତ କେବଳ ଦିବଂଗତ ଶ୍ରମିକଙ୍କ ପାଇଁ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମଟିଏ.. ବାସ୍ କେବଳ ଏତିକି ବିନତି ଆପଣଙ୍କ ପାଖରେ କି ଯଦି ମେ ପହିଲା ପୂର୍ବରୁ ଟଙ୍କା ମିଳି ଯାଇଥାନ୍ତା ତେବେ..

କାହିଁକି ? ମେ ପହିଲା ପୂର୍ବରୁ କାହିଁକି ? ଓ ଭାଇ ଖୋଲିକରି କୁହ କାହିଁକି ? କେଶବଜୀବଙ୍କ ସ୍ୱର ପୁଣି ଥରେ ବିନୋଦ ପୂର୍ଣ୍ଣ ହୋଇଗଲା। ସେ ରହସ୍ୟ କଲା ପରିକହିଲେ, 'ଆଉ ଏ କାର୍ଯ୍ୟକ୍ରମ କେମିତି କରିବ ? ଏହି କରୋନା ମହାମାରୀ ସମୟରେ ଏକାଠି ମେଳି କରିବା ମନା'' । ଆଉ ତା'ଛଡା ମେ ପହିଲା ପୂର୍ବରୁ ବହୁତ ଗୁଡେ କାମ ବାକି ଅଛି ଏଇ ଦୁନିଆରେ । ଏକା କ'ଣ ତୁମ ମାନଙ୍କର କାମ ଅଛି ? ଦୁଇ-ତିନି ଇ.ଏମ୍.ଆଇ ଭରିବାକୁ ଅଛି ମୋତେ ଏମ୍.ଏସ୍.ଏମ୍‌ଇର ଅଫିସ୍‌କୁ ଯିବାର ଅଛି, ଗୁଡୁର ବାର୍ଥଡେ ପାର୍ଟି ଆରେଞ୍ଜ କରିବାକୁ ଅଛି.. ବାକିଥିବା ଡକ୍ୟୁମେଣ୍ଟ୍ କାମ କରିବାକୁ ଅଛି, ଘରର ପାଇପ୍ ଲାଇନ୍ ମରାମତି କରିବାକୁ ଅଛି.. ଆଉ ଏବେ ଟିକିଏ ବାହାରକୁ ଦେଖ, ନିଜର ଚିନ୍ତା ଧାରାକୁ ବଡକର । ମେ ପହିଲା ପୂର୍ବରୁ ସାରା ଦେଶରେ ଇଲେକ୍ସନ ଅଛି, ତା'ର ରେଜଲ୍ଟ ଆସିବାର ବାକିଅଛି । ଦୁନିଆର ଗୋଟିଏ ମହାଶକ୍ତିକୁ ପଶ୍ଚିମ ଏସିଆରୁ ନିଜର ସୈନ୍ୟଙ୍କୁ ଫେରେଇ ଆଣିବାକୁ ଅଛି। ବୁଝିଲ କିଛି ? ମେ ପହିଲା ପୂର୍ବରୁ ତ ଦୁନିଆରେ ଏମିତି କେତେ ବଡ ବଡ କାମ ହେବାକୁ ଅଛି ଅଥଚ ତୁମେ ନିଜର ଏଇ ତୁଚ୍ଛ ଡିମାଣ୍ଡକୁ ନେଇ ଚାଲି ଆସିଲ ମୋ ପାଖକୁ ମୋର ସମୟ ନଷ୍ଟ କରିବାକୁ ? ଚାଲ୍ ଯାଅ ଏଠୁ, ନିଜ କାମ କର..ହୁଁ..ମେ ପହିଲା ପୂର୍ବରୁ..

ମାଲିକଙ୍କ କଥା ଶୁଣି ମୁଣ୍ଡ ଘୁରେଇ ଦେଲା ରାମଦୀନର । ମେ ପହିଲା ପୂର୍ବରୁ ଏଇ ଦୁନିଆରେ ଏତେ କାମ ହେବାକୁ ଅଛି ? ସତରେ ଏତେ ସବୁ ବଡ କାମ ଭିତରେ ନିଜର କଥାଟା ବହୁତ ଛୋଟ ଲାଗୁଥିଲା ଆଉ ସେ ବି ଭାବୁଥିଲା ସତରେ କ'ଣ ଏତେ ବଡବଡ କାମ ସରିଯିବ ମେ ପହିଲା ପୂର୍ବରୁ..

ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍, ୟୁନିଟ୍-୯ (ଫ୍ଲାଟ), ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧

## ଭୋଟ ଚକ୍କର

ସୁନନ୍ଦା ମହାନ୍ତି

ନାତି ନାତୁଣୀ ଦୁହିଁଙ୍କୁ ଗପ କହି ଶୁଆଇ ସାରିବା ପରେ ପରେ ଦୁଆରେ କଲିଂ ବେଲ ବାଜୁଥିଲା ତ ଯାଇ ଦେଖିଲା ବେଳକୁ ବାସନ୍ତୀ। ଏତେବେଳେ ଆସିଲୁ ଯେ ପଚାରୁଥିଲେ କୁନ୍ତଳା ତ ବାସନ୍ତୀ କହିଲା ହଁ ମାଆ ଶାଢ଼ିଟିଏ ମାଗିବାକୁ ଆସିଥିଲି। କାମ କଲାବେଳେ ତୁମେ ସବୁଦିନ ତୁମ ନାତିକୁ ତେଲ ଲଗାଇ ଦେଲାବେଳେ ଯୋଉ ସିଲିକି ଶାଢ଼ୀ ଦିଅ ଯେ ମୁଁ ମନାକରେ ତ ତୁମେ କୁହ ଆଲୋ ବାସନ୍ତୀ କେହି ତ ଏ ସିଲିକି ଶାଢ଼ି ବ୍ୟବହାର କରୁନ ଖାଲି ସୂତା ଶାଢ଼ି ପିନ୍ଧୁଛ ଆଉ କେତେ କୋଉଠୁ ଆଣିବି କହି ଦିଅ ସୂତାଶାଢ଼ି ହେଲେ ଆଜି ସେଇ ସିଲିକି ଶାଢ଼ି ଖଣ୍ଡେ ମାଗିଆସିଛି। କୁଆଡେ ଯିବୁକି ? ହଁ ପରା ମାଆ ଆମ ଦଳ ଲୋକ କାଲି ଗାନ୍ଧିଜୀଙ୍କ ସମାଧି ପୀଠ ରାଜଘାଟ ଯିବେ ତ ସୂତା ଶାଢ଼ି ପିନ୍ଧି ଯାଇହେବନି। ହଉ ଦେବି ଯେ କିନ୍ତୁ ତୁ ପରା କହୁ ତୁମ ଦଳ ଲୋକ ଗାନ୍ଧି ବିରୋଧୀ ବୋଲି। ମାଆ ଚୁପକରି କୁହ କିଏ ଶୁଣିବ। ଗାନ୍ଧି ପରି ବହିକୁ ଯେତେ ପଢିଲେ ତା ପୃଷ୍ଠା ଯେତେ ଚିରିଲେ ଫାଡିଲେ କ'ଣ ହେବ ସେ ପରା ଜାତିର ପିତା। ତାଙ୍କ ମହାପ୍ରୟାଣ ଦିବସରେ ଲୋକଦେଖାଣିଆ ହୋଇ ତାଙ୍କ ସମାଧି ପୀଠକୁ ନଗଲେ ନିଜ ଦଳର ସ୍ଥିତି ରହିବଟି ? ତା ମୁହଁକୁ ବଲ ବଲ କରି ଅନେଇ କୁନ୍ତଳା ଭିତରକୁ ଯାଇ ସିଲିକି ଶାଢ଼ି ଆଣି ବାସନ୍ତୀକୁ ଦେବା ପରେ ପରେ ଆଉ କିଏ ପୁଣି ଏତେ ରାତିରେ କବାଟରେ କଲିଂ ବେଲ ମାରୁଛି କହି ତଳକୁ ପୁଣି ଯାଉଥିଲେ କୁନ୍ତଳା।

ଦୁଆର ଖୋଲି କାବା ହେଲେ କୁନ୍ତଳା କାରଣ ବର୍ତ୍ତମାନ ତାଙ୍କ ଘରେ କାମ କରୁଥିବା ସୁକାନ୍ତି ଏତେ ରାତିରେ। ବାସନ୍ତୀ ରାଜନୀତି କରିବା ପରଠାରୁ ନିଜେ ନଆସି ତା ସାନ ଭଉଣୀ ସୁକାନ୍ତିକୁ ରଖିଦେଇଥିଲା। ସୁକାନ୍ତିର ସ୍ୱାମୀ ମଦୁଆ। ଝିଅ ତିନିଟାଙ୍କୁ ମଣିଷ ପରି ମଣିଷ କରିବାକୁ କାମ କରେ ଯେ ସକାଳୁ ନଆସି ଏତେ ରାତିରେ ତାକୁ ଦେଖି କିଛି ବୁଝିପାରୁନଥିଲେ କୁନ୍ତଳା। କହିଲେ ତୋର କ'ଣ ହେଲା ? କିଛି ନାହିଁ ମାଆ। ଆମ ଓ୍ୱାର୍ଡଟା ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ଶୁଣି ମୋ ଗିରସ୍ତ କହୁଛି ଓ୍ୱାର୍ଡମେମ୍ବର ପାଇଁ ଠିଆ ହେବାକୁ। ମୁଁ ତେଣୁ ଭୋଟରେ ଠିଆ ହେବାକୁ ଯାଉଛି। ଆଲୋ କୋଉ ଦଳରୁ ? ଏଇ ସରକାରୀ ଦଳରୁ ପରା। ହଁ ଯେ ତୋ ନାନୀ ତ ଭୋଟ ନିଶାରେ ପଡି କାମକୁ ଆସିଲାନି। ଏବେ ତୁ ବି ସେଇ ଚକ୍କରରେ ତ କ'ଣ କେମିତି କରିବି ? ମାଆ ଭାତ ଥିଲେ କ'ଣ କାଉ ଅଭାବ ରହିବେ ? ତୁ ଏହି କଥା କହିବାକୁ ଏତେ ରାତିରେ ଆସିଛୁ ? ନାଇଁ ମ ମାଆ ତୁମ ଝିଅ ବୋହୁଙ୍କର ଯେଉଁ ଥାକ ଥାକ ଚପଲ ଥୁଆ ହୋଇଛି ସେଇଥିରୁ ହଲେ ମାଗିବାକୁ ଆସିଛି। କୁଆଡେ ଯିବୁ ନା କ'ଣ ? ହଁ ପରା ମାଆ କାଲି ପରା ମହାତ୍ମା ଗାନ୍ଧିଙ୍କର ତିରୋଧାନ ଦିବସ। ତାଙ୍କ ସମାଧିପୀଠ ରାଜାଘାଟ ଯିବୁ ତ। ହଁ ବେସରକାରୀ ବିରୋଧୀ ଗୋଷ୍ଠୀ ସବୁ ଯେତେବେଳେ ଯାଉଛନ୍ତି ତୁମ ସରକାରୀ ଦଳ ନଯିବ କେମିତି ? ତମେ କେମିତି ଜାଣିଲ ମାଆ। ମଲା ମୁଁ କଣାଣ ଟିଭି ଦେଖୁନି ନା ରେଡ଼ିଓ ଶୁଣୁନି। ନାଇଁ ମାଆ ସତ କୁହ ବାସନ୍ତୀ ନାନୀ ନିଶ୍ଚୟ ଆସି କିଛି ମାଗି ନେଇଛି ତୁମଠୁ ସେଠିକି ଯିବ



ବୋଲି। ହଁ ତ କ'ଣ ହେଇଗଲା ସେଇଠୁ। ସେ ସିଲିକି ଶାଢି ନେଲା ତୁ ଚପଲ ନେବୁ ମୁଁ ତ ଘର ଓଳେଇ ବାସନ ମାଜି ନାକେଦମ ହେବି। ଚପଲ ନେଇ ଯାଉ ଯାଉ ସୁକାନ୍ତି ତଥାପି ପଚାରୁଥିଲା ବାସନ୍ତୀ ନାନୀକୁ କୋଉ କଲର ଶାଢ଼ି ଦେଇଛ ମାଆ ? କୋଉ କଲର ଆଉ ଦେଇଥାନ୍ତି ସେଇ ଜାତୀୟ ପତାକାର ତିନିରଙ୍ଗ ଥିବା ଶାଢ଼ିଟା ଦେଇଛି। ମାଆ କ'ଣ କଲ ତମେ! ସେଇଟା ମତେ ଦେଇନଥାନ୍ତ ? ତତେ କେତେ ଜାଚିଛି ସେବେ। ତୋ ଭଉଣୀ ନେଲାନି ତୁ ନେ ପିନ୍ଧିବୁ କହିଛି। ତୁ କ'ଣ ମୋ କଥା ଶୁଣିଲୁ ? କହିଲୁ ସୂତା ଦିଅ ମାଆ ଗରମ ହେଉଛି। ହଁ ଯେ ମାଆ ସେ ବେସରକାରୀ ବିରୋଧୀ ଦଳର ପ୍ରାର୍ଥୀ ହୋଇ ତ୍ରିରଙ୍ଗା ରଙ୍ଗ ଶାଢ଼ି ପିନ୍ଧି ନାରାବାଜି ଦେବ ଆଉ ମୁଁ ସରକାରୀ ଦଳର ହୋଇ! ତୁ ଗୋଟେ କାମ କରୁନୁ ପତାକା ରଙ୍ଗର ତିନି ରଙ୍ଗ ପରି ଫୁଲ ନେଇ ଯାଉନୁ। ଗାନ୍ଧିଙ୍କ ସମାଧି ପୀଠରେ ଚଢେଇବୁ। ତୋ ଫଟୋ ଉଠି ବାହାରିବ, ମୁଁ ଦେଖିବି। ଖୁସି ଖୁସିରେ ଚାଲିଗଲା ସୁକାନ୍ତି।

ନିଦ ଆସୁନଥିଲା କୁନ୍ତଳାଙ୍କ ଆଖିକୁ। ରାତି ପାହିଲେ ଗଦେ ବାସନ ସାଙ୍ଗକୁ ପାଞ୍ଚଟା ରୁମ ଓଳେଇ ପୋଛିବାକୁ ପଡିବ। ସେଥିରେ ପୁଣି ଝିଅର ଝିଅ ନାତୁଣୀ ଓ ପୁଅର ପୁଅ ନାତି ତାଙ୍କ ବେକରେ ବନ୍ଧା। ମାଆ ମାନେ ଚାକିରି କରିବେ ବୁଢ଼ୀ ପିଲାଙ୍କୁ ସମ୍ଭାଳୁ ଥାଉ। ଗରଗର ହେଉଥିଲେ ତ ନିଦ ଭାଙ୍ଗିଗଲା କହି ସ୍ୱାମୀ ନିଶିଥ କହୁଥିଲେ କାହିଁ ଶୁଆଇ ଦେଉନ ? ମୁଁ ଭୋଟରେ ଠିଆ ହେବି ଏଥର। ମୋ ପାଇଁ କିଛି କର । ଚାକିରି କଲ ଯେ ବାଇକରେ ନବା ଆଣିବା କରି ନିଜ ଚାକିରି ବଞ୍ଚେଇ ରଖିବାରେ ଉଦ୍ୟମ କରୁ କରୁ ଅବସର ପରେ ଶାନ୍ତିରେ ବଞ୍ଚିବି ଭାବିଲା ବେଳକୁ ତୁମ ଅବସର ପରେ ତୁମ ଗେଲ୍ଲୀ ନାତୁଣୀ ଓ ଗେଲ୍‌ହା ନାତିଙ୍କୁ ସମ୍ଭାଳି ଗପ ଶୁଣାଉ ଶୁଣାଉ ମସ୍ତିଷ୍କ ବିକୃତି ଆସିଲାଣି। ଆଉ ତୁମ ପାଇଁ କ'ଣ କରିବି ? ଆହେ ସୁକାନ୍ତି ଆଉ ଆସିବନି। କାହିଁକି କହି ଉଠି ବସିଲେ ନିଶିଥ। କୁନ୍ତଳା କହୁଥିଲେ ସେ ଭୋଟ ପାଇବ। ଓ୍ୱାର୍ଡ ମେମ୍ବର ହେବ। ତାଙ୍କ ଓ୍ୱାର୍ଡ ହରିଜନ ମହିଳା ପାର୍ଥୀ ପାଇଁ ସଂରକ୍ଷିତ। ଚପଲ ନେବାକୁ ଆସିଥିଲା। କାଲି ରାଜଘାଟ ଯାଇ ଗାନ୍ଧିଙ୍କ ସମାଧିପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିବ ଗାନ୍ଧିଜୀଙ୍କ ତିରୋଧାନ ଦିବସରେ। ନାନୀ ବେସରକାରୀ ଦଳରେ ତ ଇଏ ପୁରା ସରକାରୀ ଦଳର। ହଉ ଏଣିକି ବାସନସବୁ ମୁଁ ମାଜିଦେବି ତୁମେ ଅନ୍ୟ କଥା ବୁଝୁଥା। ଭୋଟ ସରିଲେ ଦେଖିବା କାହାକୁ କହି କାମବାଲୀ ବୁଝିବା।

ସ୍ୱାମୀଙ୍କ କଥା ସରିଛି କି ନାହିଁ ତଳେ ଘନ ଘନ କଲିଂ ବେଲ। କବାଟ ଖୋଲି ସୁକାନ୍ତିକୁ ଦେଖି ଚମକି ପଡିଲେ କୁନ୍ତଳା। ସୁକାନ୍ତି କହୁଥିଲା ରାତାରାତି ସବୁ ବଦଳି ଗଲା ମା। ଆମ ଓ୍ୱାର୍ଡ ଆଉ ସଂରକ୍ଷିତ ଜନଜାତି ପାଇଁ ନାହିଁ। ଚୁପି ଚୁପି ନିଶିଥ କହୁଥିଲେ ତୁମ ପାଇଁ ଦେଖିବା କି କୁନ୍ତଳା ? ସବୁ ଅଭିଜ୍ଞତା ସହ ଏ ଭୋଟ ଅଭିଜ୍ଞତା ଟିକେ ଥାଉ। ସୁକାନ୍ତି କହୁଥିଲା ଶୁଣୁଥିଲି ବାସନ୍ତୀ ନାନୀ ଦଳ ବଦଳେଇ ସରକାରୀ ଦଳରୁ ପ୍ରାର୍ଥୀ ହୋଇ ଠିଆହେବ ଏଥର। କୁନ୍ତଳା ଗାନ୍ଧିଜୀଙ୍କ ଫଟୋରେ ଫୁଲ ଦିଟା ଦେଉ ଦେଉ ଆଶ୍ଚର୍ଯ୍ୟରେ ଚାହିଁଥିଲେ ସୁକାନ୍ତିକୁ। ହସୁଥିଲେ ନିଶିଥ।



ସାକ୍ଷୀଗୋପାଳ , ପୁରୀ
ମୋ-୯୦୪୦୯୭୭୩୨୭

## ଦୃଷ୍ଟିକୋଣ

ପ୍ରମୋଦ କୁମାର ମହାପାତ୍ର

କୁହୁଡ଼ି ଘେରା ଶୀତୁଆ ସକାଳ। କଅଁଳ ଖରା ଏ ପର୍ଯ୍ୟନ୍ତ କୁହୁଡ଼ିର ଘନତ୍ୱ ଭେଦ କରି ତା'ର ପ୍ରଭୁ ପଣ ଜାହିର କରିବାରେ ସଂଘର୍ଷ ରତ। ଡେଭିଲ୍ସ ଚେୟରର ପଛ ପଟ ପଡ଼ିଆରେ ଏକ ଗାର୍ଡେନ ଚେୟାର ନେଇ ଖରାକୁ ପିଠି କରି ବସି ସେ ଦିନର ଖବର କାଗଜ ଉପରେ ଆଖି ବୁଲେଇ ଆଣୁଛନ୍ତି ସୁଶାନ୍ତ । ପଡିଆଟି ଅନାବନା ଘାସ ଓ ବଜ୍ରମୂଳି ଲତାରେ ପୂର୍ଣ୍ଣ। କେତେ ଥର ପ୍ରସ୍ତାବ ଦେଇଛନ୍ତି ସନତ ବାବୁ, ଏ ବାଜେ ଘାସ ଲତା ଲୋକ ଲଗେଇ ଚାଞ୍ଛି ସଫା କରି ଦେବା ପାଇଁ, ହେଲେ ସୁଶାନ୍ତ ଏ ପ୍ରସ୍ତାବରେ ସବୁବେଳେ ନରାଜ, କୁହନ୍ତି, ଏ ସବୁଜ ଘାସ ଲତା ଭିତରେ ସେ ଖୁବ୍ ରୋମାଣ୍ଟିକ ଅନୁଭବ କରନ୍ତି...

ମନ ଫେରିଯାଏ ଅତୀତକୁ - କୈଶୋର ଜୀବନର ଆଦ୍ୟ ସୋପାନ। ସ୍କୁଲର ବିସ୍ତୀର୍ଣ୍ଣ ଖେଳ ପଡିଆ, ଯାହାର ଅଧିକାଂଶ ଭାଗ ଘାସ ଲତା ଓ ଆଣ୍ଠୁ ଉଚ୍ଚତାର ବଜ୍ରମୂଳି ଲତାରେ ପୂର୍ଣ୍ଣ। ଖେଳ ଛୁଟିରେ ପୁଅ, ଝିଅଙ୍କ ଭିତରେ ଚାଲେ 'ଚୋର-ପୁଲିସ୍' ଖେଳ। ପୁଅମାନେ ଚୋର ଭୂମିକାରେ ଅଭିନୟ କରି ସେହି ପଡ଼ିଆର ଘଞ୍ଚ ଲତା ଉହାଡରେ ଅକ୍ଳେଶରେ ଲୁଚି ଯିବେ, ଝିଅ ମାନେ ପୋଲିସ୍ ହୋଇ ତାଙ୍କୁ ଧରିବାକୁ ଚେଷ୍ଟା କରିବେ....

ସ୍କୁଲ୍-ସାଥିଙ୍କ ଅନାବିଳ ଚଗଲାମି, ଏହି ବଜ୍ରମୂଳି ଲତା ଆଉ ତା' ଭିତରେ ନଗ୍ନ ପାଦର ଦୌଡରେ ଯେଉଁ ଘର୍ଷଣ ଜନିତ ବାସ୍ନା... ସେ ପୁରୁଣା ସ୍ମୃତିକୁ ବାରମ୍ବାର ଉଜ୍ଜୀବିତ କରେ... ଏ କଥା ସନତ ବାବୁ କାହୁଁ ବୁଝିବେ!!

- ଗୁଡମର୍ଣ୍ଣିଂ ସୁଶାନ୍ତ ବାବୁ, କୁଆଡେ ହଜି ଯାଇଛନ୍ତି ?,

ପାଖରେ ଆଉ ଗୋଟିଏ ଗାର୍ଡେନ ଚେୟାର ଆଣି କେତେ ବେଳୁ ସନତ ବାବୁ ଆସି ବସିଛନ୍ତି, ତାଙ୍କୁ ଜଣା ନାହିଁ।

- 'ଆଃ କି ଥଣ୍ଡା। ଏମିତି ପାଗରେ ଦରକାର କପେ ଗରମା ଗରମ ଚା'। ଏଇତ ଅଜୁ, ଏ ଅ..ଅଜୁ ଆସିଲୁ।'

ସନତ ବାବୁଙ୍କ ଡାକ ଶୁଣି ଏକ ଛୋଟିଆ ରବର ପେଣ୍ଡୁ ଭୂମିରେ ବାଡ଼େଇ ବାଡ଼େଇ ଦୌଡ଼ି ଆସିଲା ପାଖ ପଡ଼ିଆ ଦେଇ ଯାଉଥିବା ଅଜୁ।

'ଯା' ତିନି କପ୍ ଚା' ଆଣେ, ଆମ ପାଇଁ ଦୁଇ ଆଉ ତୋ ପାଇଁ ବି',

ପକେଟ୍‌ରୁ ଖଣ୍ଡିଏ କୋଡ଼ିଏ ଟଙ୍କିଆ ନୋଟ ବଢ଼େଇ ଦେଇ ସୁଶାନ୍ତ କହିଲେ।

ଅଜୁ ଚଟାପଟ୍ କ୍ଷୀପ୍ର ଗତିରେ ପଡ଼ିଆ ଡେଇଁ ରାସ୍ତା ଆର ପଟେ ଥିବା ସାହୁ ଚା' ଦୋକାନରୁ ଏକ ଫ୍ଲାସ୍କରେ ଚା' ନେଇ ଆସିଲା। ପିଇ ସାରିଲା ପରେ ପୁଣି ଫ୍ଲାସ୍କ ଫେରେଇ ଦେବା ପାଇଁ ଚାଲିଗଲା। ଅନେକ ସମୟ ଯାଏ ଆଉ ଆସିଲା ନାହିଁ।

-: ବାକି ପଇସା ତ ଫେରାଇ ଦେଲା ନାହିଁ। ଏ ଠିକ୍ କଥା ନୁହେଁ। ଅଜୁ ଏ ଭୁଲ୍ କରିବାର ନ ଥିଲା ।

ଏଇ ଅଜୁ, ସାତ ଆଠ ବର୍ଷର ବାଲୁତ ଚଞ୍ଚଳ ପିଲାଟା, ପାଖ ଝୁମ୍ପୁଡିରେ ରହେ। ନିହାତି ଗରିବ। ତା' ମା ପର ଘରେ ବାସନ ମଜା, ଝାଡୁ ପୋଛା ଆଦି କରି କିଛି ପଇସା ରୋଜଗାର କରି ଘର ଚଳାଏ। ବାପ ରିକ୍ସାବାଲା, ଯାହା ରୋଜଗାର କରେ ତାକୁ ନିଶା, ପାଣିରେ ଉଡ଼େଇ ଦେଇ ସେଇ ରିକ୍ସାରେ ପଡ଼ିଥାଏ। ସ୍କୁଲ୍ ଯିବା ବୟସରେ ଅଜୁ ଏମିତି ବେପରୁଆ, ଲଗାମ ଛଡ଼ା ଭାବରେ ଏଠି ସେଠି ବୁଲି ସମୟ ନଷ୍ଟ କରେ.. ପଇସା ନ ଫେରେଇ ଦେବା ତା' ସ୍ୱାଭାବିକ ଚରିତ୍ର ଦୋଷ ନିଶ୍ଚୟ।

- 'ନା, ନା ସେ ଠିକ୍ କରିଛି। ମାଗଣାରେ ଏତେ କାମ କିଏ କରେ ? ସେ ନିଜେ ନିଜେ ତା' ପାଉଣା ହିସାବ କରି ଦେଇଛି', ସୁଶାନ୍ତଙ୍କ କଥାର ଜବାବ୍‌ରେ ସନତ ବାବୁଙ୍କ ରୋକ୍ ଠୋକ୍ ଉତ୍ତର।

-: ଠିକ୍ ଯେ, ଆମେ କ'ଣ ତାକୁ କିଛି ଦେଇ ନ ଥାନ୍ତେ ?

- 'ସେଇ ଏକା କଥା ତ... ଘଟଣାକୁ ଟିକେ ତା' ଆଡୁ ବିଚାର କଲେ..', ସନତ ବାବୁ କହିଲେ।

ଏହି ଛୋଟ କଥାଟି ସୁଶାନ୍ତଙ୍କ ମୁଣ୍ଡରେ ଆଲୋଡନ ସୃଷ୍ଟି କଲା.. ଭାବୁଥିଲେ ..ଆମେ ଯେ କୌଣସି ଘଟଣାକୁ ନିଜ ଦୃଷ୍ଟିକୋଣରୁ ବିଚାର କରୁ ଏବଂ ଆପେ ସିଦ୍ଧାନ୍ତ ନେଇଯାଇ ଭାବୁ ଯେ, ଆମେ ଠିକ୍, ଏହା ହିଁ ସତ୍ୟ । କେବେ ଅପର ପକ୍ଷର ଚିନ୍ତାଧାରା ଉପରେ ବିଚାର କରୁ କି? ମଣିଷର ଦୁଇଟି ଆଖି, ସର୍ବଦା ଆଗକୁ ଦେଖିପାରେ, ପଛକୁ ନୁହେଁ। ସେ କେବଳ ଅନ୍ୟର ଦୋଷ ତ୍ରୁଟି ଦେଖେ, ନିଜର ନୁହେଁ ।

ସ୍ୱନାମଧନ୍ୟ, ପ୍ରତିଷ୍ଠିତ ଆମେରିକୀୟ ବ୍ୟବସାୟୀ ତଥା ବିଶିଷ୍ଟ ସମାଜସେବୀ 'ଚାର୍ଲି ମର୍ଗ' ପରା କହିଛନ୍ତି, 'ମୁଁ କେବେ କୌଣସି ସିଦ୍ଧାନ୍ତରେ ଉପନୀତ ହେବି ନାହିଁ, ଯେ ପର୍ଯ୍ୟନ୍ତ ଅପର ପକ୍ଷର ଯୁକ୍ତିଯୁକ୍ତ ତର୍କ ଉପରେ ବିଚାର ବିମର୍ଶ ନ ଶୁଣିଛି।'

ବାସ୍ତବିକ, ଅନ୍ଧଙ୍କ ହାତୀ ଦେଖା ଭଳି ନିଜର ଖଣ୍ଡିତ ଧାରଣାକୁ ହିଁ ସତ୍ୟ ବୋଲି ମଣିଷ ଭାବି ନିଏ ।

ସତ୍ୟକୁ ପାଇବା ଅବଶ୍ୟମ୍ଭାବି, କିନ୍ତୁ, ତାକୁ ଖୋଜି ଚାଲିବା ଏକ ନିରନ୍ତର ପ୍ରକ୍ରିୟା- ଲୋଡ଼ା ଏକ ବିସ୍ତାରିତ ଦୃଷ୍ଟି କୋଣ।

: ହେଇ ତ ଅଜୁ ଫେରି ଆସିଲାଣି।

'ଆଜ୍ଞା, ମା' କୁ ଜ୍ୱର, ଆପଣଙ୍କୁ ଚା' ଦେଇ ସିଧା ଚାଲିଗଲି ଔଷଧ କିଣିବା ପାଇଁ। ତେଣୁ ଦୋକାନୀ ଠାରୁ ରେଜା ଆଣି ଫେରାଇବାରେ ବିଳମ୍ବ ହେଲା', ଧଇଁସଇଁ ହୋଇ ପାଞ୍ଚ ଟଙ୍କା ଫେରେଇ ଦେଉ ଦେଉ ସେ କହିଲା।

- 'ଆରେ ନା ନା, ଥାଉ ତୋ ପାଖରେ',

ପକେଟ୍‌ରୁ ଆଉ ଖଣ୍ଡେ ନୋଟ ତା' ହାତକୁ ବଢ଼େଇ ଦେଉ ଦେଉ ସୁଶାନ୍ତ କହିଲେ।

କିନ୍ତୁ, ତାଙ୍କ କଥା ଆଉ ନ ଶୁଣି ଅଜୁ ତା' ଚିରା ଚରିତ ଢଙ୍ଗରେ ଦୌଡ଼ି ଫେରି ଯାଉଥିଲା, ଭୂମିରେ ରବରପେଣ୍ଡୁ ବାଡ଼େଇ ବାଡ଼େଇ..

କଳାପାଣି,ବରଗଡ
ମେଲ୍ - pkmoha63@yahoo.co.in
ମୋ - ୯୪୩୭୫୬୮୩୧୧

# ଟି-୨୦ ବିଶ୍ୱକପ ଚୟନ ଖବରକୁ ଖଣ୍ଡନ କଲେ ରୋହିତ ଶର୍ମା

**ନୂଆଦିଲ୍ଲୀ**



ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା ମିଡିଆ ରିପୋର୍ଟକୁ ଅସ୍ୱୀକାର କରିଛନ୍ତି। ଯେଉଁଥିରେ ଦାବି କରାଯାଉଥିଲା ଯେ, ଟି -୨୦ ବିଶ୍ୱକପ ଚୟନକୁ ନେଇ ସେ ଚୟନ କମିଟିର ଅଧକ୍ଷ ଅଜିତ ଅଗରକର ଏବଂ ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ଼ଙ୍କ ସହ ଏକ ବିଶେଷ ଆଲୋଚନା କରିଛନ୍ତି। ଜୁନ୍ ୧ରୁ ଆମେରିକା ଏବଂ ୱେଷ୍ଟଇଣ୍ଡିରେ ଟି୨୦ ବିଶ୍ୱକପ୍ ଖେଳାଯିବ। ତେବେ ଏହି ଖବରକୁ ରୋହିତ ଗୁଜବ ବୋଲି କହିଛନ୍ତି। ଆଇସିସି ପୁରୁଷ ଟି-୨୦ ବିଶ୍ୱକପ ୨୦୨୪ ଆରମ୍ଭ ପାଇଁ ବହୁତ କମ୍ ସମୟ ବାକି ଅଛି। ଆସନ୍ତା ଟି -୨୦ ବିଶ୍ୱକପ ଜୁନ୍ ୧ ରୁ ୱେଷ୍ଟଇଣ୍ଡିଜ ଏବଂ ଆମେରିକାରେ ଖେଳାଯିବ। କିଛି ଦିନ ମଧ୍ୟରେ ଟି -୨୦ ବିଶ୍ୱକପ ପାଇଁ ଭାରତୀୟ ଦଳ ଘୋଷଣା କରାଯିବ। ଏଥିପାଇଁ ଅଜିତ ଅଗରକରଙ୍କ ନେତୃତ୍ୱରେ ଭାରତୀୟ ଚୟନକର୍ତ୍ତାଙ୍କ ବୈଠକ ଏହି ମାସର ଶେଷ ତାରିଖ (ଏପ୍ରିଲ ୩୦) କିମ୍ବା ପରବର୍ତ୍ତୀ ମାସର ପ୍ରଥମ ଦିନରେ ଅନୁଷ୍ଠିତ ହୋଇପାରେ।

# ପୁଣି ବଦଳିଲେ ଓସିଏ କୋଚ୍; ମୋଙ୍ଗିଆଙ୍କ ସ୍ଥାନ ନେଲେ ସୁରେନ୍ଦ୍ର ଭାବେ

**କଟକ**

ପୁଣି ବଦଳିଲେ ଓଡ଼ିଶା ସିନିୟର କ୍ରିକେଟ ଦଳର କୋଚ୍। ମାତ୍ର ଗୋଟିଏ ସିଜିନ ପରେ କୋଚ୍ ପଦବୀ ଛାଡ଼ିଲେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦିନେଶ ମୋଙ୍ଗିଆ। ମହାରାଷ୍ଟ୍ରର ସୁରେନ୍ଦ୍ର ଭାବେ ହେଲେ ଓଡ଼ିଶା କ୍ରିକେଟ ଦଳର ନୂତନ କୋଚ୍।

ଲକ୍ଷାଧିକ ଟଙ୍କା ବ୍ୟୟରେ ଦିନେଶଙ୍କୁ କୋଚ୍ କରିଥିଲା ଓସିଏ। ତେବେ ଦିନେଶ କୋଚ୍ ଦାୟିତ୍ୱ ନେବାପରେ ଓଡ଼ିଶା ଟିମ୍ ଟି-୨୦, ଦିନିକିଆ, ରଣଜୀରେ ନୈରାଶ୍ୟ ଜନକ ପ୍ରଦର୍ଶନ କରିଥିଲା। ଗତ ୨୭ ଅପ୍ରେଲ ୨୦୨୩ରେ ଦିନେଶ ଓସିଏର ମୁଖ୍ୟ କୋଚ୍ ଭାବେ ଦାୟିତ୍ୱ ନେଇଥିଲେ। ମୋଙ୍ଗିଆଙ୍କ ପ୍ରଦର୍ଶନକୁ ଦେଖି ତାଙ୍କ ସହ ହୋଇଥିବା ଚୁକ୍ତିକୁ ଆଉ ବୃଦ୍ଧି ନ କରିବାକୁ ନିଷ୍ପତ୍ତି ନେଇଥିଲା ଓଡ଼ିଶା କ୍ରିକେଟ ଆସୋସିଏସନ।

ଏହାପରେ ପୂର୍ବତନ ଭାରତୀୟ କ୍ରିକେଟର ସୁରେନ୍ଦ୍ର ଭାବେଙ୍କୁ ଏହି ପଦରେ ଅବସ୍ଥାପିତ ଓସିଏ କରିଛି। ୨୦୨୪-୨୫ ବର୍ଷ ପାଇଁ



ବିସିସିଆଇର ଘରୋଇ ସିଜିନରେ ଓଡ଼ିଶା ସିନିୟର କ୍ରିକେଟ ଟିମ୍‌ର ମୁଖ୍ୟ ପ୍ରଶିକ୍ଷକ ଭାବରେ ନଜର ଆସିବେ ସୁରେନ୍ଦ୍ର ଭାବେ। ପୂର୍ବରୁ ହରିୟାଣା, ପଞ୍ଜାବ ଓ ମହାରାଷ୍ଟ୍ର ଭଳି କ୍ରିକେଟ ଆସୋସିଏସନର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇ ସାରିଛନ୍ତି ସୁରେନ୍ଦ୍ର।

ଦିନେଶ ମୋଙ୍ଗିଆଙ୍କ ଗୋଟିଏ ବର୍ଷ ଚୁକ୍ତି ଭିତ୍ତିକ କାର୍ଯ୍ୟକାଳ ଶେଷ ହେବାପରେ ଓସିଏର (କ୍ରିକେଟ ପରାମର୍ଶ କମିଟି)ର ନିର୍ଦ୍ଦେଶକ୍ରମେ ଭାବେଙ୍କୁ ଓସିଏର ମୁଖ୍ୟ ପ୍ରଶିକ୍ଷକ ଭାବରେ ଓଡ଼ିଶା କ୍ରିକେଟ ସଂଘ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ଏହି ପଦ ନିମନ୍ତେ ୧୦ରୁ ଊର୍ଦ୍ଧ୍ୱ ଆବେଦନ ଆସିଥିଲା। ସେଗୁଡ଼ିକ ମଧ୍ୟରୁ ବହୁ ବିଚାର ବିମର୍ଶ ପରେ ସୁରେନ୍ଦ୍ର ଭାବେଙ୍କ ଆବେଦନକୁ ଗ୍ରହଣ କରିଛି ଓସିଏ।

ଦିନେଶଙ୍କ ପୂର୍ବରୁ ମାଇକେଲ ବେଭାନ, ଭେଙ୍କଟପତି ରାଜୁ, ବଲବିନ୍ଦର ସିଂ ସାନ୍ଧୁ, ସବା କରିମ, ୱାସିମ ଜାଫରଙ୍କ ଭଳି ଅନେକ ଅନ୍ତର୍ଜାତୀୟ କ୍ରିକେଟରଙ୍କୁ ମଧ କୋଚ୍ କରିଥିଲା ଓସିଏ। ହେଲେ ମାତ୍ର କିଛି ଦିନ ରହିବା ପରେ ସେମାନେ ମଧ ହଠାତ କୋଚ୍ ପଦ ଛାଡ଼ିଥିଲେ। ଗତବର୍ଷ ଓଡ଼ିଶା କ୍ରିକେଟ ସଂଘର ମୁଖ୍ୟ ପ୍ରଶିକ୍ଷକ ଭାବେ ଦାୟିତ୍ୱ ନେଇଥିଲେ ପୂର୍ବତନ ଭାରତୀୟ କ୍ରିକେଟର ଦିନେଶ ମୋଙ୍ଗିଆ। ତାଙ୍କ ପୂର୍ବରୁ ୱାସିମ ଜାଫରଙ୍କୁ ଦୁଇ ବର୍ଷ ପାଇଁ ଓଡ଼ିଶା ଦଳର କୋଚ୍ ଭାବେ ଦାୟିତ୍ୱ ଦିଆଯାଇଥିଲା। ହେଲେ ତାଙ୍କୁ ବାଂଲାଦେଶ ଜାତୀୟ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ମିଳିବାରୁ ସେ ଅଧାରୁ ଚାଲିଯାଇଥିଲେ। ତେଣୁ ୱାସିମ ଜାଫରଙ୍କ ସହମତିରେ ସିଏସିର ୩ ଜଣିଆ କମିଟି ମୁଖ୍ୟ କୋଚ୍ ଭାବେ ଦିନେଶଙ୍କୁ ନିଯୁକ୍ତି ଦେଇଥିଲେ। ମୋଙ୍ଗିଆ ଓଡ଼ିଶା କ୍ରିକେଟ ପାଇଁ ଘରୋଇ ସିଜିନ୍‌ରେ ସଫଳତା ଆଣିଦେବେ ବୋଲି ଓସିଏ ଆଶା ରଖିଥିଲା। ହେଲେ ଗତ ସିଜିନ୍‌ରେ ଦଳ ଆଶାନୁରୂପ ପ୍ରଦର୍ଶନ କରି ପାରି ନ ଥିଲା। ଏହାପରେ ମୋଙ୍ଗିଆଙ୍କ ଚୁକ୍ତିକୁ ଆଉ ବୃଦ୍ଧି ନ କରି ପୂର୍ବତନ ଭାରତୀୟ କ୍ରିକେଟର ସୁରେନ୍ଦ୍ର ଭାବେଙ୍କ ଉପରେ ଭରସା ପ୍ରକଟ କରିଛି ଓସିଏ।

# ୟୁପିଏସ୍‌ସି ଟପ୍ପର ଅନନ୍ୟାଙ୍କ ପ୍ରେରଣା କୋହଲି



**ନୂଆଦିଲ୍ଲୀ**

ତେଲେଙ୍ଗାନାର ଡି. ଅନନ୍ୟା ରେଡ୍ଡୀ ୟୁପିଏସ୍‌ସି ପରୀକ୍ଷାରେ ତୃତୀୟ ସ୍ଥାନରେ ରହିଛନ୍ତି। ପ୍ରଥମ ପ୍ରଚେଷ୍ଟାରେ ସେ ଏତେବଡ଼ ସଫଳତା ପାଇପାରିଛନ୍ତି। ତେବେ ଏହି ସଫଳତା ପଛରେ ଭାରତୀୟ କ୍ରିକେଟର୍ ବିରାଟ କୋହଲିଙ୍କ ବଡ଼ ହାତ ରହିଥିବା ସେ କହିଛନ୍ତି। କ୍ରିକେଟ୍‌ର ଏହି କିମ୍ବଦନ୍ତୀ ଖେଳାଳିଙ୍କୁ ସେ ତାଙ୍କର ପ୍ରେରଣା ଭାବେ ଗ୍ରହଣ କରିଛନ୍ତି। ଫଳାଫଳ ବାହାରିବା ପରେ ଅନନ୍ୟା ଏକ ସାକ୍ଷାତ୍‌କାରରେ କହିଛନ୍ତି, ବିରାଟ କୋହଲି ତାଙ୍କର ସବୁଠୁ ପ୍ରିୟ ଖେଳାଳି। ସେ ତାଙ୍କୁ ଏକ ପ୍ରେରଣା ଭାବେ ଦେଇଥାନ୍ତି। ବିରାଟଙ୍କଠୁ ସେ ସବୁଠୁ ଅଧିକ ଗ୍ରହଣ କରିଥିବା ବିଷୟ ହେଉଛି, ଆମେ ଯାହା କରିଥାଉ ତାହା ଉପରେ ଆମର ଫଳାଫଳ ନିର୍ଭର କରିଥାଏ। ଏହିପରି ଭାବେ କୋହଲି ଅନେକଙ୍କୁ ପ୍ରେରଣା ଦେଉଥିବା ଅନନ୍ୟା କହିଛନ୍ତି।

# ପ୍ୟାରିସ୍ ଅଲିମ୍ପିକ୍ସର ୧୦୦ ଦିନିଆ ଅବଗଣନା : ବିଶ୍ୱବାସୀଙ୍କୁ ସ୍ୱାଗତ କରିବାକୁ ଫ୍ରାନ୍ସ ପ୍ରସ୍ତୁତ

**ପ୍ୟାରିସ୍**

ଦିନକ ପୂର୍ବରୁ ଗ୍ରୀସ୍‌ର ପୁରାତନ ଅଲିମ୍ପିଆ ସହରରେ ମଶାଲ ପ୍ରଜ୍ୱଳନ ହେବା ସହ ପ୍ୟାରିସ୍ ଅଲିମ୍ପିକ୍ସର ୧୦୦ ଦିନିଆ ଅବଗଣନା ଆରମ୍ଭ ହୋଇଯାଇଛି। ସାରା ବିଶ୍ୱରେ ଏଥିଲାଗି ଉତ୍ସାହ ଓ ଉଲ୍ଲାସର ପରିବେଶ ସୃଷ୍ଟି ହୋଇଛି। ଜୁଲାଇ ୨୬ ତାରିଖରେ ହେବାକୁ ଥିବା ଉଦ୍‌ଘାଟନୀ ଉତ୍ସବ ପାଇଁ ଫ୍ରାନ୍ସ ସରକାର ମଧ ବ୍ୟାପକ ପ୍ରସ୍ତୁତି କରିଛନ୍ତି। ଅଲିମ୍ପିକ୍ସ ଭଳି ବହୁ ପ୍ରତୀକ୍ଷିତ ଉତ୍ସବକୁ ସଫଳ କରିବା ଲାଗି ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି। ଅବଶ୍ୟ ଏଭଳି ଏକ ବଡ଼ ଉତ୍ସବ ପୂର୍ବରୁ ନାନା ପ୍ରଶ୍ନ ଓ ଚିନ୍ତା ପ୍ରକାଶ ପାଇବା ସ୍ୱାଭାବିକ। ଆମେ ଅଲିମ୍ପିକ୍ସ ଆୟୋଜନ କରି ଫ୍ରାନ୍ସର ଅସଲ ସାମର୍ଥ୍ୟକୁ ଦର୍ଶାଇବାକୁ ଚାହୁଁଛୁ। ବିଶ୍ୱବାସୀଙ୍କୁ ସ୍ୱାଗତ କରିବା ଲାଗି ଆମ ଦେଶବାସୀ ଚାତକ ଭଳି ଚାହିଁ ବସିଛନ୍ତି ବୋଲି ୨୦୨୪ ଅଲିମ୍ପିକ୍ସର ମୁଖ୍ୟ ଆୟୋଜକ ଟୋନି ଏଷ୍ଟାନଗ୍ୱେଟ କହିଛନ୍ତି। ତେବେ ଫ୍ରାନ୍ସରେ ବଢ଼ି ଚାଲିଥିବା ସାମ୍ପ୍ରଦାୟିକ ଭେଦଭାବ, ଜାତିଗତ ବିବିଧତା ତଥା ଶରଣାର୍ଥୀ ସମସ୍ୟା ପାଇଁ ଅଲିମ୍ପିକ୍ସ-୨୦୨୪ର ସଫଳ ଆୟୋଜନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷ କରି ସାରା ବିଶ୍ୱରୁ ଆସିବାକୁ ଥିବା ହଜାର ହଜାର କ୍ରୀଡ଼ାବିତ୍, ପ୍ରଶଂସକ ତଥା ଅଧିକାରୀଙ୍କ ସୁରକ୍ଷା ଫ୍ରାନ୍ସ ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହେବ ବୋଲି ଆକଳନ କରାଯାଉଛି। ଏହାକୁ ଆଖି ଆଗରେ ରଖି ଅଲିମ୍ପିକ୍ସ ବେଳେ ତ୍ରିସ୍ତରୀୟ ବ୍ୟବସ୍ଥା କରିବାକୁ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମ୍ୟାକ୍‌ରୋଁ ନିଜ ଦେଶର ସୁରକ୍ଷା ଅଧିକାରୀମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆୟୋଜକ ସହର




ପ୍ୟାରିସ୍‌ର ମେୟର ଆନେ ହିଡାଲ୍‌ଗୋ ଖେଳାଳିଙ୍କ ସୁରକ୍ଷା ବ୍ୟବସ୍ଥାକୁ ପ୍ରଶାସନ ସର୍ବାଧିକ ଗୁରୁତ୍ୱ ଦେଉଥିବା ଘୋଷଣା କରିଛନ୍ତି। ଅଲିମ୍ପିକ୍ସ ବେଳେ ୨୦,୦୦୦ ସେନିକ ଓ ୪୦,୦୦୦ ପୁଲିସ ମୁତୟନ ହେବେ ବୋଲି ସୂଚନା ଦେଇଛନ୍ତି। ସେ ସେହିଭଳି ଏକ ସବୁଜ ଅଲିମ୍ପିକ୍ସ ଆୟୋଜନ ଉପରେ ଜୋର ଦିଆଯାଉଥିବା କହିଛନ୍ତି ଅର୍ଥାତ ଅଲିମ୍ପିକ୍ସ ଯୋଗୁ ପ୍ରକୃତିର ଯେମିତି କୌଣସି କ୍ଷତି ନଘଟେ, ତା ଉପରେ ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ହିଡାଲ୍‌ଗୋ।

ସୂଚନାଯୋଗ୍ୟ ଯେ ଆଧୁନିକ ଅଲିମ୍ପିକ୍ସର ୩୩ତମ ସଂସ୍କରଣ ପ୍ୟାରିସ୍‌ରେ ଜୁଲାଇ ୨୬ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ରେ ଶେଷ ହେବ। ଏଥିରେ ୪୫ କ୍ରୀଡ଼ାର ବିଭିନ୍ନ ଇଭେଣ୍ଟ ୩୫ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ ୨୦୬ ରାଷ୍ଟ୍ରର ୧୦,୫୦୦ରୁ ଅଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ। ୨୦୨୧ ଟୋକିଓ ଅଲିମ୍ପିକ୍ସରେ ଭାରତ ଗୋଟିଏ ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଓ ଚାରିଟି କାଂସ୍ୟ ପଦକ ସହ ମୋଟ୍ ୭ଟି ପଦକ ଜିତିଥିଲା। ଏଥର ଏହି ସଂଖ୍ୟା ବଢ଼ାଇବାକୁ ଲକ୍ଷ୍ୟ ରଖିଛି। ଟୋକିଓ ଅଲିମ୍ପିକ୍ସକୁ ଭାରତ ତା ଇତିହାସର ସର୍ବବୃହତ୍ ଦଳ ପଠାଇଥିଲା। ଏଥିରେ ୧୨୬ଜଣ ଖେଳାଳି ଥିଲେ। ସେମାନେ ୧୮ ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତେବେ ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଏପର୍ଯ୍ୟନ୍ତ ମାତ୍ର ୪୨ ଭାରତୀୟ ଖେଳାଳି ଯୋଗ୍ୟତା ଅର୍ଜନ କରିଛନ୍ତି। ସେଥିମଧ୍ୟରେ ବନ୍ଧୁକ ଚାଳନାରୁ ସର୍ବାଧିକ ୨୦ଜଣ ଥିଲା ବେଳେ ଦୌଡ଼କୁଦରୁ ୯, ଟେବୁଲ ଟେନିସ୍‌ରୁ ୬, ବ୍ୟାଡ୍‌ମିଣ୍ଟନ୍‌ରୁ ୫, ମୁଷ୍ଟିଯୁଦ୍ଧରୁ ୪ ଏବଂ ଭାରୋତ୍ତୋଳନ, ନୌଚାଳନା, ଅଶ୍ୱଚାଳନା ଓ ତୀରନ୍ଦାଜିରୁ ଜଣେ ଲେଖାଏଁ ଖେଳାଳି ଅଛନ୍ତି। ଭାରତୀୟ ପୁରୁଷ ହକି ଦଳ ମଧ ପ୍ୟାରିସ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିସାରିଛି। ତେବେ ଆଗାମୀ ୧୦୦ ଦିନ ମଧ୍ୟରେ ଏହି ସଂଖ୍ୟା ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ଭାରତର ଶ୍ରେଷ୍ଠ ଦାବିଦାରଙ୍କ ମଧ୍ୟରେ ରହିଛନ୍ତି ନୀରଜ ଚୋପ୍ରା (ଜାଭଲିନ), ପିଭି ସିନ୍ଧୁ (ବ୍ୟାଡ୍‌ମିଣ୍ଟନ୍), ମୀରାବାଇ ଚାନୁ (ଭାରୋତ୍ତୋଳନ), ନିଖତ ଜରିନ (ମୁଷ୍ଟିଯୁଦ୍ଧ), ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ-ଚିରାଗ ସେଟ୍ଟୀ (ବ୍ୟାଡ୍‌ମିଣ୍ଟନ୍), ଲଭଲୀନା ବଡ଼ଗୋହାଁଇ, ଅଦିତି ଅଶୋକ, ସିଫ୍‌ତ କୌର ଶର୍ମା ପ୍ରମୁଖ।

## ଟି-୨୦ ବିଶ୍ୱକପ୍ ପାଇଁ ଆମେରିକା ଆସିପାରନ୍ତି ଧୋନୀ : ରୋହିତ

**ନୂଆଦିଲ୍ଲୀ**

ଟି୨୦ ବିଶ୍ୱକପ୍ ପାଇଁ ଟିମ୍ ଇଣ୍ଡିଆ ଘୋଷଣା କରାଯିବା ବାକି ଅଛି ହେଲେ କେଉଁ ଖେଳାଳିଙ୍କୁ ଚୟନ କରାଯିବ, କାହାକୁ ନୁହେଁ, ତାହାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି। ଏସବୁ ମଧ୍ୟରେ ବିଶ୍ୱକପ୍‌ରେ ଖେଳିବା ଲାଗି ଏମ୍‌ଏସ୍ ଧୋନୀଙ୍କୁ ମନାଇବା ଖବର ସାମ୍ନାକୁ ଆସିଛି। ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ୱେଷ୍ଟଇଣ୍ଡିଜ ଏବଂ ଆମେରିକାରେ ଖେଳାଯିବାକୁ ଥିବା ବିଶ୍ୱକପ୍ ଲାଗି ଧୋନୀଙ୍କୁ ରାଜି କରାଇବା ଲାଗି ବୟାନ ଦେଇଛନ୍ତି। ଏହି ସମୟରେ ସେ ଦୀନେଶ କାର୍ତ୍ତିକଙ୍କୁ ନେଇ ମଧ ନିଜ ରାୟ ସ୍ପଷ୍ଟ କରିଛନ୍ତି। ଟି୨୦ ବିଶ୍ୱକପ୍ ଲାଗି ଧୋନୀଙ୍କୁ ରାଜି କରାଇବା ସାମାନ୍ୟ କଷ୍ଟକର। ହେଲେ କାର୍ତ୍ତିକଙ୍କୁ ସାମିଲ କରିବା ସେତିକି ସହଜ ବୋଲି ସେ କହିଛନ୍ତି। ଟି୨୦ ବିଶ୍ୱକପ୍‌ର ସମ୍ଭାବନାକୁ ନେଇ ରୋହିତ ଏକ ୟୁଟ୍ୟୁବ୍ ଚ୍ୟାନେଲକୁ କହିଛନ୍ତି, ଧୋନୀ ଟି୨୦ ବିଶ୍ୱକପ୍ ପାଇଁ ୱେଷ୍ଟଇଣ୍ଡିଜ ଆସିବେ କି ନାହିଁ, ସେନେଇ କୁହାଯାଇପାରିବ ନାହିଁ। ଏଥିଲାଗି ତାଙ୍କୁ ରାଜି କରାଇବା କଷ୍ଟକର। ହେଲେ ସେ ଆମେରିକା ଆସିପାରନ୍ତି। କାରଣ ସେ ଗୋଲ୍ଫ ସହ ଜଡ଼ିତ। ସେଠାରେ ସେ ଗୋଲ୍ଫ ଖେଳିପାରିବେ।

# କନୱେ ବଦଳରେ ରିଚାର୍ଡଙ୍କୁ ଆଣିଲା ଚେନ୍ନାଇ

**ନୂଆଦିଲ୍ଲୀ**

ଆହତ ସମସ୍ୟା ଯୋଗୁ ଚଳିତ ଆଇପିଏଲରୁ ସଂପୂର୍ଣ୍ଣ ଭାବେ ବାଦ୍ ପଡ଼ିଛନ୍ତି ଡେଭୋନ କନୱେ। ପ୍ରାଥମିକ ଭାବେ କୁହାଯାଉଥିଲା ଯେ କନୱେ ଆଇପିଏଲର ଦ୍ୱିତୀୟ ଭାଗରୁ ଚେନ୍ନାଇ ସୁପର କିଙ୍ଗସ ପାଇଁ ଉପଲବ୍ଧ ହେବେ। କିନ୍ତୁ ସେ ସଂପୂର୍ଣ୍ଣ ଫିଟ୍ ହୋଇ ନଥିବାରୁ ବିଧିବଦ୍ଧ ଭାବେ ପୂରା ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଚେନ୍ନାଇ ଇଂଲଣ୍ଡର ଦ୍ରୁତ ବୋଲର ରିଚାର୍ଡ ଗ୍ଲିସନଙ୍କୁ ନିଜ ସହ ସାମିଲ କରିଛି। ବେସ୍ ପ୍ରାଇସ୍ ୫୦ ଲକ୍ଷ ଟଙ୍କାରେ ଚେନ୍ନାଇ ରିଚାର୍ଡଙ୍କ ସହ ଡିଲ୍ କରିଥିବା ସୂଚନା ଦେଇଛି।

୨୦୨୩ ଚେନ୍ନାଇ ବିଜୟରେ କନୱେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ତେବେ ଆଇପିଏଲ ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ରେ ସେ ଆହତ ହୋଇଥିଲେ। ଏଥିପାଇଁ କନୱେ ଆଇପିଏଲରୁ ବାଦ୍ ପଡ଼ିଛନ୍ତି। ତେଣୁ ରିଚାର୍ଡଙ୍କୁ ଚେନ୍ନାଇ ନିଜ ସ୍କ୍ୱାଡ୍‌ରେ ସାମିଲ କରିଛନ୍ତି। ସେ ଇଂଲଣ୍ଡ ପାଇଁ ୬ଟି ଟି-୨୦ ଖେଳି ୯ଟି ୱିକେଟ ନେଇଛନ୍ତି। ସେହିପରି



ରିଚାର୍ଡ ମୋଟ ଉପରେ ୯୦ଟି ଟି-୨୦ ଖେଳି ୧୦୧ ୱିକେଟ ଦଖଲ କରିଛନ୍ତି। ୩୬ ବର୍ଷୀୟ ରିଚାର୍ଡ ନିକଟରେ ଆଇଏଲ ଟି୨୦ରେ ଗଲ୍ଫ ଜାଏଣ୍ଟସ ପାଇଁ ଖେଳିଥିଲେ। ଏଥିରେ ସେ ୫ ମ୍ୟାଚ୍‌ରେ ୫ ୱିକେଟ ନେଇଥିଲେ।

ଚେନ୍ନାଇ ବହୁତ କିଛି ଚିନ୍ତା କରି ରିଚାର୍ଡଙ୍କୁ ସ୍କ୍ୱାଡ୍‌ରେ ସାମିଲ କରିଛି। କାରଣ ଏବେ ଦଳରେ ଥିବା ମୁସ୍ତାଫିଜୁର ରହମାନ ଖୁବଶୀଘ୍ର ବାଂଲାଦେଶ ଫେରିଯିବାର ଅଛି। ସେ ମେ' ୨ ଯାଏ ଚେନ୍ନାଇ ପାଇଁ ଉପଲବ୍ଧ ହେବ। ତେଣୁ ତାଙ୍କ ବଦଳରେ ରିଚାର୍ଡ ଦଳର ବୋଲିଂ ବାହିନୀରେ ସାମିଲ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ଚେନ୍ନାଇ ସ୍କ୍ୱାଡ୍ : ବ୍ୟାଟର୍ସ- ଋତୁରାଜ ଗାଏକ୍ୱାଡ୍, ଅଜିଙ୍କ୍ୟ ରାହାଣେ, ଶେଖ ରଶିଦ ଓ ସମୀର ରିଜଭୀ।

ଅଲରାଉଣ୍ଡର : ଡାରେଲ ମିଚେଲ, ଶିବମ ଦୁବେ, ରବୀନ୍ଦ୍ର ଜାଡେଜା, ମୋଇନ ଅଲୀ, ରଚିନ ରବୀନ୍ଦ୍ର, ମିଚେଲ ସାଣ୍ଟନର, ନିଶାନ୍ତ ସିନ୍ଧୁ।

ୱିକେଟ କିପର : ମହେନ୍ଦ୍ର ସିଂହ ଧୋନି ଓ ଆରଭେଲୀ ଅବିନାଶ।

ବୋଲର : ମୁକେଶ ଚୌଧୁରୀ, ମହୀଶ ତିକଶାନା, ସିମରଜୀତ ସିଂହ, ମୁସ୍ତାଫିଜୁର ରହମାନ, ପ୍ରଶାନ୍ତ ସୋଲାଙ୍କି, ଶାର୍ଦ୍ଦୁଲ ଠାକୁର, ମଥିଶା ପଥିରାଣା, ତୁଷାର ଦେଶପାଣ୍ଡେ, ଅଜୟ ମଣ୍ଡଳ, ଦୀପକ ଚହର, ରାଜ୍ୟବର୍ଦ୍ଧନ ହଙ୍ଗାରେଗେକର ଓ ରିଚାର୍ଡ ଗ୍ଲିସନ।

# ମୁମ୍ବାଇ ଇଣ୍ଡିଆନ୍ସ ସହ ଗୁଜରାଟ ଟାଇଟାନ୍ସକୁ ବି ବୁଡେଇଦେଲେ ହାର୍ଦ୍ଦିକ ପାଣ୍ଡ୍ୟା: ଆକାଶ ଚୋପ୍ରା

**ନୂଆଦିଲ୍ଲୀ**

ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱରେ ଗୁଜରାଟ ଟାଇଟାନ୍ସ ଆଇପିଏଲ ୨୦୨୨ ଜିତିଥିଲା। ଏହା ପରେ ଗୁଜରାଟ ଆଇପିଏଲ ୨୦୨୩ରେ ରନରଅପ୍ ହୋଇଥିଲା। କିନ୍ତୁ ଏହି ସିଜିନ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ଅଛନ୍ତି। ନିକଟରେ ମୁମ୍ବାଇ ଇଣ୍ଡିଆନ୍ସ ଗୁଜରାଟ ଟାଇଟାନ୍ସରୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଟ୍ରେଡିଂ କରିଥିଲା। ତେବେ ଚଳିତ ସିଜନରେ ଏପର୍ଯ୍ୟନ୍ତ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରଦର୍ଶନ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ନିରାଶାଜନକ ହୋଇଛି। ତେବେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ପୂର୍ବତନ ଭାରତୀୟ କ୍ରିକେଟର ଆକାଶ ଚୋପ୍ରାଙ୍କ ଟୁଇଟ୍ ଭାଇରାଲ ହେବାରେ ଲାଗିଛି। ଆକାଶ ଚୋପ୍ରା ତାଙ୍କ ଟୁଇଟ୍‌ରେ ଲେଖିଛନ୍ତି, ବୋଧହୁଏ ବର୍ତ୍ତମାନ ପର୍ଯ୍ୟନ୍ତ ମୁମ୍ବାଇ ଇଣ୍ଡିଆନ୍ସ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଲାଭ ପାଇନାହାନ୍ତି, କିନ୍ତୁ ଗୁଜରାଟ ଟାଇଟାନ୍ସ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିନା ସଂଘର୍ଷ କରୁଛନ୍ତି। ଆକାଶ ଚୋପ୍ରା ବିଶ୍ୱାସ କରନ୍ତି ଯେ ଯଦି ହାର୍ଦ୍ଦିକ ପାଣ୍ଡ୍ୟା ଗୁଜରାଟ ଟାଇଟାନ୍ସର ଅଂଶ ହୋଇଥାନ୍ତେ, ବୋଧହୁଏ ଏହି ଦଳ ଏତେ ସଂଘର୍ଷ କରି ନ ଥାନ୍ତା, କିନ୍ତୁ ମୁମ୍ବାଇ ଇଣ୍ଡିଆନ୍ସ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପସ୍ଥିତିରେ ଲାଭ ପାଇପାରି ନାହିଁ। ପାଣ୍ଡ୍ୟାଙ୍କ ନେତୃତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସ ୬ଟି ମ୍ୟାଚ୍‌ରେ ୪ ପଏଣ୍ଟ ସହ ନବମ ସ୍ଥାନରେ ରହିଛି। ଏପର୍ଯ୍ୟନ୍ତ ଏହି ଦଳ କେବଳ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ଜିତିଛି, କିନ୍ତୁ ଗୁଜରାଟ ଟାଇଟାନ୍ସ, ସନରାଇଜର୍ସ ହାଇଦ୍ରାବାଦ, ରାଜସ୍ଥାନ ରୟାଲ୍ସ ଏବଂ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ପରାଜୟର ସମ୍ମୁଖୀନ ହୋଇଛି। ଏଥି ସହିତ ମୁମ୍ବାଇ ଇଣ୍ଡିଆନ୍ସର କ୍ରମାଗତ ପରାଜୟ ପରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱ ଉପରେ ପ୍ରଶ୍ନ ଉଠିଛି।

# ଟି୨୦ ବିଶ୍ୱକପ୍ ଦଳରେ ସ୍ଥାନ ପାଇଁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଆଗରେ ସର୍ତ୍ତ ରଖିଲା ବିସିସିଆଇ

**ମୁମ୍ବାଇ**

ଭାରତୀୟ ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଚମକ ଚଳିତ ଆଇପିଏଲରେ ଦେଖିବାକୁ ମିଳୁ ନଥିଲା ବେଳେ ସମସ୍ୟା ଆଉ ଟିକିଏ ବଢି ଯାଇଛି। ବର୍ତ୍ତମାନ ସୁଦ୍ଧା ହାର୍ଦ୍ଦିକ ୬ଟି ମ୍ୟାଚ୍‌ରେ ୨୬.୨୦ ହାରରେ ୧୩୧ ରନ୍ ସ୍କୋର କରିଛନ୍ତି। ସେହିପରି ଶେଷ ୪ ମ୍ୟାଚ୍‌ରେ ସେ କ୍ୱଚିତ୍ ବୋଲିଂ କରିଛନ୍ତି ଏବଂ ପ୍ରାୟ ସମସ୍ତ ମ୍ୟାଚ୍‌ରେ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି। ତେବେ ଆଗକୁ ଟି୨୦ ବିଶ୍ୱକପ ଅନୁଷ୍ଠିତ ହେବାକୁ ଥିବାବେଳେ ଦଳରେ ସ୍ଥାନ ପାଇବାକୁ ହେଲେ ପାଣ୍ଡ୍ୟାଙ୍କୁ ବିସିସିଆଇ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛି। ଇଣ୍ଡିଆନ ଏକ୍ସପ୍ରେସନରେ ଏକ ରିପୋର୍ଟ ଅନୁଯାୟୀ, ଭାରତ ଗତ ସପ୍ତାହରେ ମୁମ୍ବାଇର କୋଚ୍ ରାହୁଲ ଦ୍ରାବିଡ୍ ଏବଂ ଅଧିନାୟକ ରୋହିତ ଶର୍ମା ଏବଂ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ହାର୍ଦ୍ଦିକଙ୍କ ଚୟନ କଥା ମଧ ଉଠିଥିଲା, ଯେଉଁଥିରେ ହାର୍ଦ୍ଦିକଙ୍କୁ ନିୟମିତ ବୋଲିଂ କରିବା ଉପରେ ଆଲୋଚନା ହୋଇଥିଲା। ଚଳିତ ସିଜିନରେ ହାର୍ଦ୍ଦିକ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ବୋଲିଂ କରିଥିଲେ ମଧ ଏକ ସକରାତ୍ମକ ଛାପ ଛାଡ଼ିବାକୁ ଅସମର୍ଥ ହୋଇଥିଲେ। ପାୱାରପ୍ଲେ ଓଭରରେ ୪ ଓଭରରେ ସେ ୪୪ କରିଛନ୍ତି ଏବଂ ଶେଷ ଓଭରରେ ୬ ଓଭରରେ ୬୨ ରନ ବ୍ୟୟ କରିଛନ୍ତି। ସେହିଭଳି ଶେଷ ଓଭରରେ ବୋଲିଂ କରି ଗୋଟିଏ ଓଭରରେ ୨୬ ରନ ବ୍ୟୟ କରିଛନ୍ତି। ଅନ୍ୟପଟେ



ଭାରତୀୟ ଦଳରେ ହାର୍ଦ୍ଦିକଙ୍କ ସ୍ଥାନ ପାଇଁ, ଶିବମ୍ ଦୁବେଙ୍କ ନାଁ ତାଲିକାର ପ୍ରଥମ ସ୍ଥାନରେ ରହିଛି। କିନ୍ତୁ ଚେନ୍ନାଇ ସୁପର କିଙ୍ଗସ୍ ଷ୍ଟାର ସହିତ ଏକ ସମସ୍ୟା ମଧ ରହିଛି, ଯେ ସେ କେବଳ ସେମାନଙ୍କ ପାଇଁ ଇମ୍ପାକ୍ଟ ଖେଳାଳୀ ଭାବରେ ଖେଳନ୍ତି। ଦୁବେ ହେଉଛନ୍ତି ଏକ ଉଚ୍ଚ-ସ୍ତରୀୟ ଅଲରାଉଣ୍ଡର କିନ୍ତୁ ଏହି ସିଜିନରେ ସେ ଚେନ୍ନାଇ ପାଇଁ ବୋଲିଂ କରି ନାହାନ୍ତି। ଏହାବ୍ୟତୀତ ସେ ଚେନ୍ନାଇ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ଇନିଂସ ଚଳିତ ସିଜିନରେ ଖେଳିଲେଣି। ବିଶେଷ କରି ତାଙ୍କର ବଡ଼ ହିଟିଂ କ୍ଷମତା ଦଳ ପାଇଁ ବେଶ୍ ଉପଯୋଗୀ ଅଟେ। ଯଦି ସେ ଟି୨୦ ବିଶ୍ୱକପ୍ ପାଇଁ ଚୟନ ହୁଅନ୍ତି, ତେବେ ସେ ଏକ ପାର୍ଟ ଟାଇମ୍ ବୋଲର ଭାବରେ ବ୍ୟବହୃତ ହେବାର ସମ୍ଭାବନା ଅଛି ଏବଂ ଏକ ପୂର୍ଣ୍ଣ-ଗୋଲାକାର ଭାବରେ ନୁହେଁ, ଯିଏ ଦଳ ପାଇଁ ୪ ଓଭର ବୋଲିଂ କରିପାରିବେ।

# ଅସୁରେଶ୍ୱର ପ୍ରସିଦ୍ଧ ଶ୍ରୀ ଶ୍ରୀ ରଘୁନାଥ ଜୀୟୁଙ୍କ ଶ୍ରୀରାମ ନବମୀ ଉତ୍ସବ : ଲକ୍ଷାଧିକ ଭକ୍ତଙ୍କ ସମାଗମ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଳୋ ଗ୍ରାମପଞ୍ଚାୟତ ମଲ୍ଲୀପୁରସ୍ଥିତ ଓଡ଼ିଶା ପ୍ରସିଦ୍ଧ ଅସୁରେଶ୍ୱରର ଶ୍ରୀ ଶ୍ରୀ ରଘୁନାଥ ଜୀୟୁଙ୍କ ପବିତ୍ର ଶ୍ରୀରାମ ନବମୀ ଉତ୍ସବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇ ଯାଇଛି। ଏହି ଅବସରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିରର ପୂଜକ ମାନଙ୍କ ଦ୍ୱାରା ନୀତିକାନ୍ତି ଅନୁଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଓଡ଼ିଶାର ବିଭିନ୍ନ ପୂରପଲ୍ଲୀରୁ ଆସିଥିବା ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତ ପ୍ରଭୁ ରଘୁନାଥଙ୍କ ନିକଟରେ ଧୂପଦୀପ ନୈବେଦ୍ୟ ଦେଇ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଭକ୍ତମାନଙ୍କ ଦ୍ୱାରା ମାନସିକ ବାଣ ଫୁଟାଯାଇଥିଲା। ନିଶ୍ଚିନ୍ତକୋଇଲି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ପ୍ରମୁଖ ବ୍ୟକ୍ତିମାନଙ୍କ ମଧ୍ୟରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଉପାଧକ୍ଷ ଅଶୋକ କୁମାର ଓଝା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଦାସ, ଶୋଭନ କର, ବିଜେପି ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡେଇ, ପିସିସି ସାଧାରଣ ସମ୍ପାଦକ ପ୍ରଦିପ୍ତ କୁମର ଦାସ ପ୍ରମୁଖ ବହୁ



ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ପ୍ରଭୁ ଶ୍ରୀ ରଘୁନାଥଙ୍କ କୃପାଭିକ୍ଷା କରିଥିଲେ। ସେହିପରି ଭାବେ ଏହି ବ୍ଲକର ବନ୍ଧୁପୁରସ୍ଥିତ ଶ୍ରୀ ଶ୍ରୀରଘୁନାଥ ଜୀୟୁ,କୋଳଣପୁର ଗ୍ରାମପଞ୍ଚାୟତ କୁଳିଆ ରଘୁନାଥ ଜୀୟୁଙ୍କ ପୀଠ, ନିଶ୍ଚିନ୍ତକୋଇଲି ରଘୁନାଥ ଜୀୟୁଙ୍କ ପୀଠ, ସିଦ୍ଧ ମହାବୀରଙ୍କ ପୀଠ, ନଟକାଇ ଗ୍ରାମପଞ୍ଚାୟତ ଏକରୁଖି, ସରପଡା ଗ୍ରାମପଞ୍ଚାୟତ ସାଧୁପୁରସ୍ଥିତ ରଘୁନାଥ ମନ୍ଦିରରେ ଆନନ୍ଦ ଉଲ୍ଲାସର ସହ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଐତିହ୍ୟ ଦିବସ ପାଳନ

# ଐତିହ୍ୟର ସଂରକ୍ଷଣ ଓ ଭବିଷ୍ୟତର ପ୍ରୋତ୍ସାହନ ସଂପର୍କରେ ଆଲୋଚନା

**ବାଲେଶ୍ୱର, ନ୍ୟୁଜ୍**

ଐତିହ୍ୟ ସୁରକ୍ଷାକୁ ସ୍ୱତନ୍ତ୍ର ଦାୟିତ୍ୱ ଗ୍ରହଣ କରିବାର ବାର୍ତ୍ତା ନେଇ ଅବିରତ ଭାବେ ସଚେତନଶୀଳ ଫକୀର-ମୋହନ ବିଶ୍ୱବିଦ୍ୟାଳୟ। ବିଶ୍ୱ ବିଦ୍ୟାଳୟର ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗର ପ୍ରୟାସ ଦ୍ୱାରା ସ୍ନାତକୋତ୍ତର ପରିଷଦ ବୈଠକ କକ୍ଷରେ ଗୁରୁବାର ବିଶ୍ୱ ଐତିହ୍ୟ ଦିବସ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରଛାତ୍ରୀ ମାନେ ନିଜର ପୂର୍ବ ପୁରୁଷମାନଙ୍କ ଅସ୍ତିତ୍ୱ, ଅବସ୍ଥିତି ଓ ବିଲୁପ୍ତ ଇତିହାସ ସଂପର୍କରେ ଅନୁସନ୍ଧାନ କରିବାର ପ୍ରୟାସ କରିପାରିଲେ। ବିଶେଷ ଉପକୃତ ହୋଇପାରିବେ ବୋଲି କୁଳପତି ପ୍ରଫେସର ତ୍ରିପାଠୀ ଆଶାବ୍ୟକ୍ତ କରିଥିଲେ। ନିଜର ଆଖପାଖ ଅଞ୍ଚଳରେ ଲୁକ୍କାୟିତ



ଐତିହ୍ୟ ଅନୁସନ୍ଧାନର ଉତ୍ତରଦାୟିତ୍ୱ ବହନ କରିବାକୁ ଉପଦେଶ ଦେଇ ଏହାର ରହସ୍ୟକୁ ଗବେଷଣା ମାଧ୍ୟମରେ ଲୋକଲୋଚନକୁ ଆଣିବା ଓ ଏଥିପ୍ରତି ଅନୁସନ୍ଧିତ୍ସୁ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଉଦ୍ଭାବନ, ସଂରକ୍ଷଣ ସହ ତତ୍‌ସଂପର୍କିତ ଜ୍ଞାନ ଆହରଣ ହିଁ ଛାତ୍ରଛାତ୍ରୀଙ୍କର ମୂଳ ଉଦ୍ଦେଶ୍ୟ ରହିବା ଉଚିତ ବୋଲି ଉଲ୍ଲେଖ କରିଥିଲେ। ଏହି ସ୍ୱତନ୍ତ୍ର ଦିବସ ପାଳନ ନିମନ୍ତେ ସଂପୃକ୍ତ ବିଭାଗର ସମସ୍ତଙ୍କୁ ସେ ଧନ୍ୟବାଦ ଜ୍ଞାପନ କରିଥିଲେ।

ଏହାସହିତ ମୁଖ୍ୟବକ୍ତା ଭାବେ ପ୍ରଫେସର ସୁନୀଲ ପଟ୍ଟନାୟକ ଯୋଗଦେଇ ଐତିହ୍ୟ ସୁରକ୍ଷାକୁ ଏକ ସାମୂହିକ ଦାୟିତ୍ୱ ଭାବରେ ଗ୍ରହଣ କରାଯିବାର ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ପରିବେଶର ପରିବର୍ତ୍ତନ ଯୋଗୁଁ ପ୍ରତ୍ନତାତ୍ତ୍ୱିକ ପରିବର୍ତ୍ତନ ମଧ ଘଟୁଅଛି। ତେଣୁ ଛାତ୍ରଛାତ୍ରୀମାନେ ନିଜର ଗବେଷଣା ଅନ୍ତର୍ଗତ ସାଂସ୍କୃତିକ ଏବଂ ପ୍ରାକୃତିକ ଐତିହ୍ୟର ସଂରକ୍ଷଣ ଦିଗରେ ଉତ୍ସାହିତ ହେବାର ଆବଶ୍ୟକତା ରହିଛି ବୋଲି ଉପଦେଶ ଦେଇଥିଲେ। ଏଥିସହ ସମ୍ମାନୀତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ ଐତିହ୍ୟ ସୁରକ୍ଷା ପାଇଁ ସଚେତନ କରାଇବା, ଏହାର ସଂରକ୍ଷଣର ପନ୍ଥାଗୁଡିକ ସଂପର୍କରେ ଅବଗତ ହେବା ଓ ଆସନ୍ନ ପୀଢ଼ିକୁ ଏହାର ମୂଲ୍ୟବୋଧ ସଂପର୍କରେ ସଚେତନ କରାଇବାର ପଦକ୍ଷେପ ନେବା ଉଚିତ ବୋଲି ଉଲ୍ଲେଖ କରିଥିଲେ।

ଏହି ବର୍ଷ ଐତିହ୍ୟ ଦିବସର ମୁଖ୍ୟ ପ୍ରସଙ୍ଗ ବିବିଧତାକୁ ଆବିଷ୍କାର ଏବଂ ଅନୁଭବ କର ସଂପର୍କରେ ଇତିହାସ ଓ ପ୍ରତ୍ନ ବିଭାଗର ପ୍ରଫେସର ଡକ୍ଟର ପବିତ୍ର ମୋହନ ନାୟକ ଓ ଡକ୍ଟର ଶିଖାଶ୍ରୀ ରାୟ ଆଲୋକପାତ କରିଥିଲେ। ଏହି ଅବସରରେ ବିଭାଗର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ଐତିହ୍ୟ ସଂରକ୍ଷଣର ସଚେତନତା ଧର୍ମୀ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। ଏଥିସହ ବିଭାଗ ତରଫରୁ, ମୟୂରଭଞ୍ଜ ଜିଲ୍ଲା ସ୍ଥିତ ଏକ ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ବାଥୁଡି ଜନଜାତିଙ୍କୁ ପରିଦର୍ଶନ ସହ ସେମାନଙ୍କ ଜୀବନଯାପନ ସଂପର୍କିତ ଏକ ଅଡିଓ-ଭିଜୁଆଲ ସୂଚିତ ଡକ୍ୟୁମେଣ୍ଟାରୀ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମକୁ ଡକ୍ଟର ଶିଖାଶ୍ରୀ ରାୟ ପରିଚାଳନା କରିଥିଲେ ଓ ଡକ୍ଟର ସୌମୀ ସେନଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

ଭୁବନେଶ୍ୱର
୧୯ ଅପ୍ରେଲ
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ନବୀନ ନିବାସରେ ଟିକେଟ ପାଇଥିବା ବିଜେଡି ପ୍ରାର୍ଥୀଙ୍କ ଭିଡ଼



**ଭୁବନେଶ୍ୱର, ୧୮/୦୪ ନ୍ୟୁଜ ବ୍ୟୁରୋ**
ଟିକେଟ ଘୋଷଣା ପରେ ନବୀନ ନିବାସରେ ଲାଗିଛି ବିଜେଡି ବିଧାନସଭା ପ୍ରାର୍ଥୀଙ୍କ ଭିଡ଼। ଟିକେଟ ପାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି ଅନେକ ପ୍ରାର୍ଥୀ। ନବୀନ ନିବାସରେ ପହଞ୍ଚିଥିଲେ ରେଢାଖୋଲ ବିଜେଡି ବିଧାନସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ। ସମ୍ବଲପୁର ବଦଳରେ ରେଢ଼ାଖୋଲରୁ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ପ୍ରାର୍ଥୀ କରିଛି ବିଜେଡି। ସେହିପରି କଟକ ଲୋକସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ହିନ୍ଦୋଳ ବିଧାୟିକା ପ୍ରାର୍ଥୀ ସୀମା ନାୟକ ନବୀନ ନିବାସରେ ପହଞ୍ଚିଥିଲେ। ଜୟପୁର ବିଜେଡି ବିଧାୟିକା ପ୍ରାର୍ଥୀ ଇନ୍ଦିରା ନନ୍ଦ ବି ନବୀନ ନିବାସ ପହଞ୍ଚିଥିଲେ। ଜୟପୁରରୁ ବିଜେଡି ଟିକେଟ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି ଇନ୍ଦିରା। ସ୍ୱାଧୀନତା ପରେ ପ୍ରଥମ ଥର ଲାଗି ଜଣେ ମହିଳା ଜୟପୁର ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଏଥର ବିଜୟ ସୁନିଶ୍ଚିତ ବୋଲି କହିଛନ୍ତି ଇନ୍ଦିରା। ସେହିପରି ଚିତ୍ରକୋଣ୍ଡା ବିଧାୟିକା ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ନାୟକ ଓ ଦେବଗଡ଼ ବିଧାୟିକା ପ୍ରାର୍ଥୀ ଅରୁନ୍ଧତୀ ଦେବୀ, ନିମାପଡା ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ନାୟକ, ଅନୁଗୁଳ ପ୍ରାର୍ଥୀ ସଂଯୁକ୍ତା ସିଂ, ସାନଖେମୁଣ୍ଡି ପ୍ରାର୍ଥୀ ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ପଦ୍ମପୁର ପ୍ରାର୍ଥୀ ବର୍ଷା ସିଂ ବରିହା ନବୀନ ନିବାସରେ ଦଳର ସୁପ୍ରିମୋଙ୍କୁ ସାକ୍ଷାତ କରିଛନ୍ତି।


ଭୁବନେଶ୍ୱର : ନୀତିରେ ବିଭ୍ରାଟ, ୩ଦିନରେ ମାଉସୀ ମା' ମନ୍ଦିରରେ ପହଞ୍ଚିଲା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ। (ଫଟୋ : ସମ୍ବାଦ କଳିକା)

# ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥକାଠ ଚିରଟ ଅନୁକୂଳ



**କଟକ, ୧୮/୦୪ ନ୍ୟୁଜ ବ୍ୟୁରୋ**
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା ଆସନ୍ତା ଜୁଲାଇ ୭ରେ ଅନୁଷ୍ଠିତ ହେବ। ସେହିପରି ଆସନ୍ତା ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହେବ ରଥ ନିର୍ମାଣ କାମ । ରଥ ନିର୍ମାଣ ପାଇଁ ବୁଧବାର ତଥା ପବିତ୍ର ଶ୍ରୀରାମ ନବମୀରେ ରଥକାଠ ଚିରଟ ଅନୁକୂଳ ହୋଇଛି । ଖପୁରିଆ ସ୍ଥିତ ସରକାରୀ କରତ କଳରେ ରଥକାଠ ଚିରଟ ଆରମ୍ଭ ହୋଇଛି। ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରୁ ଅପରାହ୍ନରେ ରଥ କାଠ କଟକକୁ ଆସିଥିଲା । ନୀତି ପ୍ରଶାସକ ଜିତେନ୍ଦ୍ର ଦାସ, ରଥ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବୀନ୍ଦ୍ରନାଥ ଭୋଇ, ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ଭାରପ୍ରାପ୍ତ ଅଧିକାରୀ ରବୀନ୍ଦ୍ରନାଥ ଦାସ, କର୍ମଚାରୀ ବେଣୁଧର ମହାରଣା ପ୍ରମୁଖ ଆଜ୍ଞାମାଳ ଓ ରଥ କାଠ ସହ ଆସିଥିଲେ । ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ତିନୋଟି ଧଉରା କାଠ ପ୍ରଥମେ ଚିରଟ ହୋଇଥିଲା । ତେବେ ଗତବର୍ଷରୁ ପ୍ରାୟ ୨୦୦ ରଥକାଠ ବଳକା ଥିବା ବେଳେ ଚଳିତବର୍ଷ ୪୫୦ ଖଣ୍ଡ କାଠ ଅଣାଯାଇଛି। ଚତୁର୍ଦ୍ଧା ମୂର୍ତ୍ତିଙ୍କ ରଥ ନିର୍ମାଣ ପାଇଁ ମୋଟ ୮୧୨ ଖଣ୍ଡ କାଠର ଆବଶ୍ୟକ। ଫାଶି, ଶିମିଳ, ଅଶନ, ଧଉରା, ରାଇ, ମଇ ଭଳି କାଠ ଚିରଟ ହୋଇ ରଥଖଳାରେ ଅକ୍ଷୟ ତୃତୀୟା ପୂର୍ବରୁ ପହଞ୍ଚିବ।


ରବିବାସରୀୟ କଳିକା
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !
ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।
ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ବିଜେଡ଼ିର ମିଶ୍ରଣ ପର୍ବ : ଶଙ୍ଖ ଧରିଲେ ବର୍ଷା ପ୍ରିୟଦର୍ଶିନୀ



**ଭୁବନେଶ୍ୱର, ୧୮/୦୪ ନ୍ୟୁଜ ବ୍ୟୁରୋ**
ଶଙ୍ଖ ଧରିଲେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ । ଗୁରୁବାର ବିଜେଡି କାର୍ଯ୍ୟାଳୟ ଶଙ୍ଖ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ସେ ବିଧିବଦ୍ଧ ଭାବେ ଦଳରେ ସାମିଲ ହୋଇଛନ୍ତି । ବିଜେଡି ସାଂସଦ ସସ୍ମିତ ପାତ୍ର ତାଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ସ୍ୱାମୀ ଅନୁଭବଙ୍କ ସହ ଦାମ୍ପତ୍ୟ ବିବାଦ ପାଇଁ ଚର୍ଚ୍ଚାରେ ଥିଲେ ବର୍ଷା । କୋର୍ଟ ଉଭୟଙ୍କ ଛାଡପତ୍ରକୁ ଗ୍ରୀନ ସିଗ୍ନାଲ ଦେଇସାରିଥିଲେ ସୁଦ୍ଧା ଆଇନଗତ ପ୍ରକ୍ରିୟା ଶେଷ ହୋଇନି । ବିଜେଡି ଟିକେଟରେ ଥରେ ରାଜ୍ୟସଭା ଓ ଥରେ ଲୋକସଭା ସାଂସଦ ହୋଇଥିବା ଅନୁଭବ ନିକଟରେ ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହୋଇଛନ୍ତି। ଏବେ ପର୍ଯ୍ୟନ୍ତ ଅନୁଭବଙ୍କ ଟିକେଟ ବିଜେପି ସ୍ପଷ୍ଟ କରିନଥିବା ବେଳେ ଏବେ ବର୍ଷା ବିଜେଡିରେ ମିଶିବା ପରେ ସେ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି ।

ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ତରଫରୁ ବର୍ଷାଙ୍କୁ ଦଳକୁ ସ୍ୱାଗତ କରିଛନ୍ତି ବିଜେଡି ସାଂସଦ ସସ୍ମିତ ପାତ୍ର । ବିଜେଡିରେ ସାମିଲ ହେବା ପରେ ବର୍ଷା କହିଛନ୍ତି, ''ମୁଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫ୍ୟାନ । ଏ କଥା ସମସ୍ତେ ଜାଣିଛନ୍ତି। ମୁଁ ଯେବେ ବି ବିଜେଡି ପାଇଁ ପ୍ରଚାର କରିବାକୁ ଯାଇଛି, ତାହା କେବଳ ମୁଖ୍ୟମନ୍ତ୍ରୀଙ୍କୁ ନଜରରେ ରଖି । ମୁଖ୍ୟମନ୍ତ୍ରୀଙ୍କ ପାଇଁ ଏକ ଫିଲ୍ମ 'ନିମକୀ' ମଧ୍ୟ ଡେଡିକେଟ କରିଛି । ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ, ନିର୍ମଳ ବ୍ୟକ୍ତିତ୍ୱ ମୋତେ ବହୁତ ଭଲ ଲାଗେ । ସାର୍ ସବୁବେଳେ ମୋତେ ଅନୁପ୍ରାଣିତ କରିଛନ୍ତି । ସେ ବହୁତ ସରଳ ଲୋକ। ମୁଁ ଯେବେଠାରୁ ସାର୍‌ଙ୍କୁ ଜାଣିଛି, ସେବେଠୁ ତାଙ୍କ ଫ୍ୟାନ ମୁଁ। ସାର୍ କଥା କମ୍ କୁହନ୍ତି କାମ ଅଧିକା କରନ୍ତି। ମୁଖ୍ୟମନ୍ତ୍ରୀଙ୍କର ଓଡ଼ିଶା ପ୍ରତି ବହୁତ ଅବଦାନ ରହିଛି । ସେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତା । ବହୁତ ସାଧା ସିଧା ମଣିଷ । ସେ କାହା ବିରୋଧରେ କିଛି କୁହନ୍ତି ନାହିଁ । ସ୍ୱଚ୍ଛ ଓ ହୃଦୟବାନ ମଣିଷ ।''

କାର୍ଯ୍ୟକ୍ରମ ଅବସରରେ ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର କହିଛନ୍ତି, ''ଆଜି ଏକ ଖୁସିର ଦିନ। ବର୍ଷା ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ତାରକା, ଲେଖିକା ଓ ଜଣେ ସମାଜସେବୀ । ନାରୀ ସଶକ୍ତିକରଣ କ୍ଷେତ୍ରରେ ବି ତାଙ୍କ ଯୋଗଦାନ ଉଲ୍ଲେଖନୀୟ । 'ନିମକୀ' ଫିଲ୍ମରେ ବର୍ଷା ନବୀନ ବାବୁ ଓ ବିଜୁ ବାବୁଙ୍କ ନେତୃତ୍ୱ ପାଇଁ ଏକ ପ୍ରେରଣା । ଋତୁସ୍ରାବ ନେଇ ମହିଳାଙ୍କ ଜୀବନ ସୁଧାରିବା, ଭିନ୍ନକ୍ଷମଙ୍କ ସେବା, ମହାମାରୀ ସମୟରେ ମହିଳାଙ୍କ ଜୀବନ ଜୀବିକା ସୁଦୃଢ କରିଛନ୍ତି । ପାଠାଗାର ମୁଭମେଣ୍ଟ କରି ଶିକ୍ଷାର ବିକାଶ କରିବା ପାଇଁ ତାଙ୍କ ଉଦ୍ୟମ ଯୁବପିଢ଼ି ପାଇଁ ଆଦର୍ଶ। ମୁଖ୍ୟମନ୍ତ୍ରୀଙ୍କ ମହିଳା ସଶକ୍ତୀକରଣ, ବିକଶିତ ଓଡ଼ିଶାର ଯାତ୍ରା ବର୍ଷାଙ୍କ ଯୋଗଦାନ ଦ୍ୱାରା ସଫଳ ହେବ।''

# ଏସ୍‌ସିବିରେ ୧୧ତମ କାଡାଭରିକ୍ କିଡ୍‌ନୀ ପ୍ରତିରୋପଣ

**କଟକ, ୧୮/୦୪ ନ୍ୟୁଜ ବ୍ୟୁରୋ**
ଏସ୍‌ସିବିରେ ଗୁରୁବାର ପୁଣି ଏକ କାଡାଭରିକ୍ କିଡ୍‌ନୀ ପ୍ରତିରୋପଣ କରାଯାଇଛି। ଭୁବନେଶ୍ୱରର ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସଂଯୁକ୍ତା ପାତ୍ର (୫୦)ଙ୍କୁ ମସ୍ତିଷ୍କ ମୃତ ଘୋଷଣା ପରେ ପରିବାର ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଫଳରେ ତାଙ୍କର ଦୁଇଟି କିଡ୍‌ନୀ ଓ ଲିଭର କଢ଼ାଯାଇଥିଲା। ୨ଟି କିଡ୍‌ନୀରୁ ଗୋଟିଏ ଏସ୍‌ସିବିକୁ ଆସିଥିଲା। ଅନ୍ୟଟି ଘରୋଇ ହସ୍ପିଟାଲ ସମ୍ଭରେ ଅନ୍ୟଜଣଙ୍କଠାରେ ପ୍ରତିରୋପଣ କରାଯାଇଛି। ତେବେ ଲିଭର ହାଇଦ୍ରାବାଦ୍ ସ୍ଥିତ ଏଆଇଜି ହସ୍ପିଟାଲକୁ ପଠାଯାଇଛି। ଗ୍ରୀନ୍ କରିଡରରେ କିଡ୍‌ନୀକୁ ଏସ୍‌ସିବିକୁ ଅଣାଯିବା ପରେ ଏସ୍‌ସିବିରେ ରାତିରେ ୟୁରୋଲୋଜି ବିଭାଗ ଓଟିରେ ତିଗିରିଆର ରାଜୀବ ଦାସ (୪୨)ଙ୍କ ଶରୀରରେ କିଡ୍‌ନୀ ପ୍ରତିରୋପଣ କରାଯାଇଛି। ଏହି ପ୍ରତିରୋପଣକୁ ମିଶାଇଲେ ଏସ୍‌ସିବିରେ ଗୁରୁବାର ସୁଦ୍ଧା ୧୧ଟି କାଡାଭରିକ୍ କିଡ୍‌ନୀ ପ୍ରତିରୋପଣ କରାଯାଇଛି। କଟକ ଜିଲ୍ଲା ତିଗିରିଆର ରାଜୀବ ଦୁଇ ବର୍ଷ ହେବ କିଡ୍‌ନୀ ସମସ୍ୟା ଯୋଗୁଁ ଏସ୍‌ସିବିରେ ଚିକିତ୍ସିତ ହେଉଥିଲେ। ତାଙ୍କର ଏସ୍‌ସିବି ନେଫ୍ରୋଲୋଜି ବିଭାଗରେ ଡାଏଲିସିସ୍ ହେଉଥିଲା। ଏବେ ତିଗିରିଆରେ ଡାଏଲିସିସ୍ କେନ୍ଦ୍ର ଖୋଲାଯିବା ପରେ ସେଠାରେ ତାଙ୍କର ଡାଏଲିସିସ୍ କରାଯାଉଥିଲା। ଗୁରୁବାର ତାଙ୍କର କ୍ରସ୍ ମ୍ୟାଚ କରାଯିବାପରେ ରାତିରେ ଏସ୍‌ସିବିରେ କିଡ୍‌ନୀ ପ୍ରତିରୋପଣ କରାଯାଇଛି। ୟୁରୋଲୋଜି ବିଭାଗ ମୁଖ୍ୟ ଡାକ୍ତର ସମୀର ରଞ୍ଜନ ସ୍ୱାଇଁ, ନେଫ୍ରୋଲୋଜି ବିଭାଗ ମୁଖ୍ୟ ଡାକ୍ତର ଅରୁଣା ଆଚାର୍ଯ୍ୟଙ୍କ ନେତୃତ୍ୱରେ ଡାକ୍ତର ସଞ୍ଜୟ ଚୌଧୁରୀ, ଡାକ୍ତର ରାଜେଶ ରାଉତରାୟଙ୍କ ସମେତ୍ ଟିମ୍ ଭୁବନେଶ୍ୱରର ଉକ୍ତ ଘରୋଇ ହସ୍ପିଟାଲରେ ପହଞ୍ଚି ମସ୍ତିଷ୍କ ମୃତ ମହିଳାଙ୍କ ଶରୀରରୁ କିଡ୍‌ନୀକୁ ବାହାର କରିବା ସହ ଏସ୍‌ସିବିକୁ କିଡ୍‌ନୀ ଅଣାଯାଇ ରାଜୀବଙ୍କ ଶରୀରରେ ପ୍ରତିରୋପଣ କରିଛନ୍ତି। ପ୍ରତିରୋପଣ ପରେ ରୋଗୀ ସୁସ୍ଥଥିବା ଡାକ୍ତର ସମୀର ରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି।

## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ମାମଲା

# ଫାଇଲ୍‌ରୁ ହଜିଗଲା ରେକର୍ଡ, ଖୋଜି ବାହାର କରିବାକୁ ରେଜିଷ୍ଟ୍ରିକୁ ନିର୍ଦ୍ଦେଶ



**କଟକ, ୧୮/୦୪ ନ୍ୟୁଜ ବ୍ୟୁରୋ**
ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ ପାଇଁ ପ୍ରାର୍ଥନା କରି ରୁଜୁ ମାମଲାରେ ରାଜ୍ୟ ସରକାର ଯେଉଁ ସତ୍ୟପାଠ ଦାଖଲ କରିଥିଲେ ତାହା ଫାଇଲ୍‌ରୁ ହଜିଯାଇଛି । ଏସଂକ୍ରାନ୍ତରେ ଅବଗତ କରାଯିବା ପରେ ହାଇକୋର୍ଟ ରେଜିଷ୍ଟ୍ରିକୁ ଏହି ସତ୍ୟପାଠ ରେକର୍ଡ ଖୋଜି ବାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମେ' ୧୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଏହି ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ଗତ ମାର୍ଚ୍ଚ ୫ତାରିଖରେ ଏକ ସତ୍ୟପାଠ ଦାଖଲ କରିଥିଲେ । ଯେଉଁଥିରେ ରାଜ୍ୟ ସରକାର ଏହି ଘଟଣାରେ ଆଉ ସିବିଆଇ ତଦନ୍ତର ଆବଶ୍ୟକତା ନଥିବା ଦର୍ଶାଇଥିଲେ । ଏହା ଉପରେ ଆବେଦନକାରୀ ପ୍ରତିଜବାବ ମଧ୍ୟ ଦାଖଲ କରିଥିଲେ । କିନ୍ତୁ ମାମଲାର ଶୁଣାଣି ବେଳେ ଫାଇଲ୍‌ରୁ ଏହି ରେକର୍ଡ ସବୁ ଗାଏବ ହୋଇ ଯାଇଥିବା ଜଣାପଡ଼ିଥିଲା । ଫଳରେ ହାଇକୋର୍ଟ ମାମଲାର ଶୁଣାଣି ଅବସରରେ ଏହି ରେକର୍ଡ ଖୋଜି ବାହାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ଆଡଭୋକେଟ୍ ଦେବାଶିଷ ହୋତା ନିଜେ ମାମଲା ପରିଚାଳନା କରୁଛନ୍ତି ।

# ପରଲୋକରେ ବିଶିଷ୍ଟ ଅଭିନେତା, ନାଟ୍ୟକାର ତଥା ନିର୍ଦ୍ଦେଶକ ସଚ୍ଚି ଦାସ



**କଟକ, ୧୮/୦୪ ନ୍ୟୁଜ ବ୍ୟୁରୋ**
ପରଲୋକରେ ବିଶିଷ୍ଟ ଅଭିନେତା, ନାଟ୍ୟକାର ତଥା ନିର୍ଦ୍ଦେଶକ ସଚ୍ଚି ଦାସ। ୯୧ ବର୍ଷ ବୟସରେ ସଚ୍ଚି ଦାସଙ୍କ ଦେହାନ୍ତ ହୋଇଛି। କଟକ ତୁଳସୀପୁର ସ୍ଥିତ ଘରୋଇ ହସ୍ପିଟାଲରେ ତାଙ୍କ ପରଲୋକ ଘଟିଛି। ଓଡ଼ିଆ ଚଳଚ୍ଚିତ୍ର, ଧାରାବାହିକ ଜଗତର ପ୍ରଖ୍ୟାତ ଅଭିନେତା ଓ ଯାତ୍ରା ଜଗତର କିମ୍ବଦନ୍ତୀ ନିର୍ଦ୍ଦେଶକ ଡ଼ଃ ସଚ୍ଚି ଦାସଙ୍କର ଚିକିତ୍ସିତ ଅବସ୍ଥାରେ ଦେହାନ୍ତ ହୋଇଛି। ଏହି ଖବର ଜଣା ପଡିବା ପରେ ତାଙ୍କ ଜନ୍ମସ୍ଥାନ ବରୀ ସହିତ ସମଗ୍ର ରାଜ୍ୟରେ ଗଭୀର ଶୋକର ଛାୟା ଖେଳିଯାଇଛି। ବିଶେଷ କରି ରାଜ୍ୟର ସମସ୍ତ କଳାକାର ଓ ଅଗଣିତ ଦର୍ଶକଙ୍କୁ ଏହି ଖବର ବ୍ୟଥିତ କରିଛି। ଓଡ଼ିଶା ନାଟ୍ୟମଞ୍ଚର ଅପ୍ରତିଦ୍ୱନ୍ଦ୍ୱୀ ଅଭିନେତା ଓ ନିର୍ଦ୍ଦେଶକ ସଚ୍ଚି ଦାସଙ୍କ ମର ଶରୀର କଟକରୁ ବରୀ ଆନନ୍ଦପୁର ସ୍ଥିତ ତାଙ୍କ ବାସ ଭବନକୁ ଅଣାଯାଇ ନିଜ ପୈତୃକ ଗାଁ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି। ଯାଜପୁର ବରୀରେ ଏକ ଜମିଦାର ପରିବାରରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ପିଲା ବେଳୁ କଳା ପ୍ରତି ତାଙ୍କର ଅହେତୁକ ଦୁର୍ବଳତା ଥିଲା । ବୟସ ବଢ଼ିବା ସହିତ ସେ କଳା ଜଗତରେ ନିଜକୁ ବେଶ୍ ପ୍ରତିଷ୍ଠିତ କରିଥିଲେ। ସେ ବିଭିନ୍ନ ଚଳଚ୍ଚିତ୍ର, ମେଗା ଧାରାବାହିକରେ ଅଭିନୟ କରିବା ସହିତ ଜଣେ ନିର୍ଦ୍ଦେଶକ ଭାବେ ମଧ୍ୟ ବେଶ୍ ସୁନାମ ଅର୍ଜନ କରିଥିଲେ। ବିଶେଷ କରି ଯାତ୍ରା ଜଗତରେ ଜଣେ ନିର୍ଦ୍ଦେଶକ ଭାବେ ସେ ସୁନାମ ଓ ଲୋକପ୍ରିୟତା ଅର୍ଜନ କରିଥିଲେ। ତାଙ୍କ ନିର୍ଦ୍ଦେଶନାରେ ଅନେକ ଯାତ୍ରା ବିଶେଷ ଲୋକପ୍ରିୟ ହୋଇ ପ୍ରଶଂସା ସାଉଁଟିଥିଲା ବେଳେ ତାଙ୍କ ନିର୍ଦ୍ଦେଶନାରେ ଶାଗୁଣା ବସିଛି ଡେଣା ମେଲାଇ ନାଟକ ବେଶ୍ ସଫଳ ଓ ଲୋକପ୍ରିୟ ହୋଇଥିଲା। ଶାଗୁଣା ବସିଛି ଡେଣା ମେଲାଇ' ଯାତ୍ରା ନାଟକ ଏପର୍ଯ୍ୟନ୍ତ ସର୍ବମାନ୍ୟ ରେକର୍ଡ ଅର୍ଜନ କରିଛି। ଓଡ଼ିଆ ଚଳଚ୍ଚିତ୍ର 'ତଅପୋଇ', 'ମେଘମୁକ୍ତି', 'ଅଗ୍ନି ପରୀକ୍ଷା', 'ଏ ନୁହେଁ କାହାଣୀ'ର ସହକାରୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଅର୍ଦ୍ଧ ସହସ୍ର ମଞ୍ଚ ନାଟକ ଓ ଚାରିଶହରୁ ଅଧିକ ଯାତ୍ରା ନାଟକରେ ନିର୍ଦ୍ଦେଶନା ଦେଇଥିଲେ। ଓଡ଼ିଆ ଯାତ୍ରା ଜଗତକୁ ନୂତନ ତଥା ଆଧୁନିକ ରୂପ ଦେବାରେ ତାଙ୍କର ଅଗ୍ରଣୀ ଭୂମିକା ରହିଛି। ମଞ୍ଚ, ଯାତ୍ରା, ଧାରାବାହିକ ଓ ଚଳଚ୍ଚିତ୍ର ଜଗତ ପ୍ରତି ଅବଦାନ ନିମନ୍ତେ ୨୦୧୮ରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପାଇଥିଲେ। ୨୦୦୦-୨୦୦୧ ମସିହାରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ନାଟ୍ୟ ନିର୍ଦ୍ଦେଶନା ପୁରସ୍କାରରେ ସମ୍ମାନିତ ଏବଂ ୨୦୧୫-୧୬ରେ ନାଟ୍ୟକଳା କ୍ଷେତ୍ରରେ ଆଜୀବନ ସାଧନା ପାଇଁ ଓଡ଼ିଶା ସଂଗୀତ ନାଟକ ଏକାଡେମୀର ସର୍ବୋଚ୍ଚ ପୁରସ୍କାର 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ' ସମ୍ମାନରେ ସମ୍ମାନୀତ ହୋଇଥିଲେ ସଚ୍ଚି ଦାସ।

# ପୁଲିସ ହାତରେ ସାଇବର ଠକ ସ୍ୱାମୀ-ସ୍ତ୍ରୀ ଗ୍ୟାଙ୍ଗ




**ଭୁବନେଶ୍ୱର, ୧୮/୦୪ ନ୍ୟୁଜ ବ୍ୟୁରୋ**
କମିଶନରେଟ ପୁଲିସ ହାତରେ ଧରାପଡିଛନ୍ତି ସାଇବର ଠକ ସ୍ୱାମୀ-ସ୍ତ୍ରୀ ଗ୍ୟାଙ୍ଗ। ସାଇବର ଥାନା ପୁଲିସ ଗ୍ୟାଙ୍ଗର ୪ଜଣ ଠକଙ୍କୁ ଗିରଫ କରିଛି। ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ ହେଉଛି ଏକାମ୍ର ବିହାରରେ ରହୁଥିବା ତୃପ୍ତି ରଞ୍ଜନ ପାତ୍ର ଓ ତାଙ୍କ ସ୍ତ୍ରୀ ବନଲତା ସାହୁ। ଉଭୟ ଗଞ୍ଜାମ ଜଗନ୍ନାଥ ପ୍ରସାଦରୁ ଆସି ଏକାମ୍ର ବିହାରରେ ରହୁଥିଲେ। ଅନ୍ୟ ଦୁଇଜଣ ହେଲେ ବଲାଙ୍ଗୀର ଜିଲ୍ଲାର ମାନସ ରଞ୍ଜନ ସୁନା ଓ ଏୟାରଫିଲ୍ଡ ଥାନା କଣ୍ଟିଲୋ ଗ୍ରାମର ନିହାର ରଞ୍ଜନ ପାଇକରାୟ। ଡିସିପିଙ୍କ ସୂଚନା ଅନୁସାରେ ଟେଲିଗ୍ରାମ ଜରିଆରେ ଲୋକଙ୍କୁ ଠକୁଥିଲେ ଏହି ଗ୍ୟାଙ୍ଗ। କଲ୍ କରି ଇନଭେଷ୍ଟମେଣ୍ଟ କରି ୨୦ ପ୍ରତିଶତ ହାରରେ ଟଙ୍କା ପାଇବା ପାଇଁ ଲୋଭନୀୟ ଅଫର ଦେଉଥିଲା ଗ୍ୟାଙ୍ଗ। ଆକାଉଣ୍ଟ ଜରିଆରେ ଲକ୍ଷ ଲକ୍ଷ ଟଙ୍କା ଠକେଇ କରି ଲୋକଙ୍କୁ ଚୁନ ଲଗାଉଥିଲେ। ଗତ ୧୧ତାରିଖରେ ମଞ୍ଚେଶ୍ୱର ଥାନା ଅଞ୍ଚଳର ଅବଦୁଲ ଆକବର ଖାନ ଏହି ଠକେଇର ଶିକାର ହେବା ପରେ ଥାନାରେ ଅଭିଯୋଗ କରିଥିଲେ। ପାଖାପାଖି ୧୧ ଲକ୍ଷ ଟଙ୍କାର ଠକେଇର ଶିକାର ହୋଇଥିଲେ ଅବଦୁଲ। ଏହାପରେ ପୁଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।


ସମ୍ପାଦକୀୟ
ପୃଷ୍ଠା-୪
୮ ପୃଷ୍ଠା
୧୮୬୬ରେ ପ୍ରକାଶିତ
ଓଡ଼ିଶାର ସର୍ବପୁରାତନ
ସମ୍ବାଦପତ୍ର
RNI Regd. No. : ODIODI/2016/67976
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol -7 • Issue-50 • 10th-16th April 2024 • Bhubaneswar
ନେତାଙ୍କ ଟାର୍ଗେଟ୍‌ରେ ପାର୍କ
ଭୋଟ୍ ପାଇଁ ଭିଡ଼
ସମସ୍ୟା ସମାଧାନ ପାଇଁ ଥରୁଟିଏ ଭାବି ନାହାନ୍ତି
ଭୁବନେଶ୍ୱରରେ ହେବ ବାଙ୍ଗାଲୁରୁ ସ୍ଥିତି, ମିଳିବନି ପାଣି !

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !
ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।
ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ରାଜଧାନୀ ରାସ୍ତାପାର୍ଶ୍ୱ ପାଲଟିଛି କବାଡ଼ିଖାନା



**ଭୁବନେଶ୍ୱର, ୧୮ ।୪ ନ୍ୟୁଜ ବ୍ୟୁରୋ**
ରାଜଧାନୀର ରାସ୍ତାପାର୍ଶ୍ୱରୁ ପରିତ୍ୟକ୍ତ ହୋଇ ପଡିରହିଥିବା ଗାଡ଼ି, କ୍ୟାବିନ ଏବଂ ଅନ୍ୟାନ୍ୟ ଅଦରକାରୀ ସାମଗ୍ରୀଗୁଡିକୁ ତୁରନ୍ତ ହଟାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ନିଷ୍ପତ୍ତି ନେଇଥିଲା। ସହରର ସୌନ୍ଦର୍ଯ୍ୟକରଣର ଆଉ ଏକ ପଦକ୍ଷେପ ସ୍ୱରୁପ ଏହି ନିୟମ ପ୍ରାୟ ୧୦ମାସ ତଳେ କରାଯାଇଥିଲା। ଦୀର୍ଘଦିନ ଧରି ରାସ୍ତାକଡ଼ରେ ପଡି ରହିଥିବା ଗାଡ଼ିକୁ ବୁଲିବୁଲି ବିଏମ୍‌ସି କର୍ମଚାରୀମାନେ ନୋଟିସ୍ ମାରିଥିଲେ। ୭ଦିନ ମଧ୍ୟରେ ସମ୍ପୃକ୍ତ ଗାଡ଼ିର ମାଲିକ ଏହାକୁ ନ ଉଠାଇଲେ ବିଏମ୍‌ସି ନିଜେ ସେଗୁଡିକ ଉଠାଇନେବ ବୋଲି ଚେତାବନୀ ଦିଆଯାଇଥିଲା। ମାତ୍ର ଏବେ ନିଜ ନିୟମକୁ ନିଜେ ଭୁଲି ଯାଇଛି ବିଏମ୍‌ସି। ସହରର ବିଭିନ୍ନ ଅଞ୍ଚଳ ଏପରିକି ମୁଖ୍ୟ ରାସ୍ତାକଡ଼ରେ ପରିତ୍ୟକ୍ତ ଗାଡ଼ି, ଭଙ୍ଗା କ୍ୟାବିନ୍ ପଡି ରହିଥିଲେ ବି ସେଗୁଡିକୁ ହଟାଯାଉ ନାହିଁ କିମ୍ବା ସମ୍ପୃକ୍ତ ମାଲିକଙ୍କୁ ତାଗିଦ୍ ମଧ୍ୟ କରାଯାଉନାହିଁ। ଫଳରେ ଏବେ ରାସ୍ତାକଡ଼ ଏକ ପ୍ରକାରର କବାଡ଼ିଖାନାରେ ପରିଣତ ହୋଇଛି। ଶହୀଦନଗରସ୍ଥିତ ରାଜ୍ୟ ରାଜସ୍ୱ ଓ ଆୟକର ବିଭାଗ ଅଫିସ ନିକଟରେ ପ୍ରାୟ ୭ଟି ପରିତ୍ୟକ୍ତ ଗାଡ଼ି ପାଦଚଲା ରାସ୍ତା ଉପରେ ପଡ଼ିରହିଛି। ସେହିପରି କଳ୍ପନାରୁ ବଡ଼ଗଡ଼କୁ ଯିବା ରାସ୍ତାରେ ୨ଟି ପରିତ୍ୟକ୍ତ ଜିପ୍, ଶହୀଦନଗର କଲ୍ୟାଣ ମଣ୍ଡପ ସାମ୍ନା ରାସ୍ତା, ମଞ୍ଚେଶ୍ୱର ଥାନା ସମ୍ମୁଖ ରାସ୍ତା କଡ଼ରେ ମଧ୍ୟ ଦୁଇଟି ପରିତ୍ୟକ୍ତ ଗାଡ଼ି ଥୁଆ ହୋଇଛି। କେବଳ ସେତିକି ନୁହେଁ, ଖଣ୍ଡଗିରିରୁ ବରମୁଣ୍ଡା ଯିବା ରାସ୍ତାରେ ରାଜପଥ କଡ଼ରେ ପରିତ୍ୟକ୍ତ କ୍ୟାବିନ୍ ରହିଛି, ଯାହାକୁ ବିଏମସି ଉଚ୍ଛେଦ କରୁନାହିଁ। ଏନେଇ ବିଏମ୍‌ସିର ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତାକଡ଼ରେ ପଡି ରହୁଥିବା ଠେଲାଗାଡ଼ି, ଟ୍ରଲି ଆଦିକୁ ବିଏମ୍‌ସି ଉଠାଇ ନେଉଛି। ରାସ୍ତା ପାର୍ଶ୍ୱରେ ପଡି ରହୁଥିବା ଭଙ୍ଗାରୁଜା ଜିନିଷକୁ ଗତ ସୋମବାର ଉଠାଯାଇଥିଲା। ମାତ୍ର ପରିତ୍ୟକ୍ତ ଗାଡ଼ି ଉଠା କାମ ଏଯାବତ୍ ଆରମ୍ଭ ହୋଇନି, କେବଳ ନୋଟିସ୍ ମରାଯାଉଛି। ପରିତ୍ୟକ୍ତ ସାମଗ୍ରୀକୁ ଉଠାଇବା ଆରମ୍ଭ କଲେ ସେମାନେ ନେଇ ଯାଉଛନ୍ତି। ନଚେତ୍ ସମ୍ପୃକ୍ତ ଜୋନ୍ ଅଫିସ୍‌ରେ ଏହାକୁ ରଖାଯାଉଛି। ସେହିପରି ପୋଲିସ୍ ଜବତ ଗାଡି ରଖିଥିବା ସ୍ଥାନରେ କିଛି ଉନ୍ନତିମୂଳକ କାମ ଚାଲିଲେ ସେଗୁଡିକୁ ଉଠାଇବା ପାଇଁ ଥାନାଧିକାରୀଙ୍କୁ କୁହାଯାଉଛି। ତେବେ ଯେଉଁ ଗାଡ଼ି ଉପରେ କୋର୍ଟରେ କେସ୍ ଚାଲିଛି ସେଗୁଡିକ ଏଭଳି ପଡି ରହୁଛି। ଏହାର ସମାଧାନ ପାଇଁ ଖୁବ୍‌ଶୀଘ୍ର କିଛି ବାଟ ବାହାର କରିବୁ। ସେହିପରି ଡିସିପି ପ୍ରତୀକ ସିଂ କହିଛନ୍ତି, ପ୍ରତିଦିନ ଦୁର୍ଘଟଣା ହେଉଛି, ଗାଡ଼ି ଜବତ କରାଯାଉଛି। ପରେ ଫେରାଯାଉଛି। ଏହାଏକ ନିୟମିତ ପ୍ରକ୍ରିୟା। ପରିତ୍ୟକ୍ତ ଗାଡ଼ି ଯେପରି ପଡି ନ ରୁହେ ସେ ନେଇ ଧ୍ୟାନ ଦିଆଯାଉଥିବା ଡିସିପି କହିଛନ୍ତି।

# ଖରସ୍ରୋତାରେ ବୁଡି ୨ ଯୁବକ ନିଖୋଜ

**ଯାଜପୁର, ୧୮/୦୪ ନ୍ୟୁଜ ବ୍ୟୁରୋ**
ନଦୀକୁ ଗାଧୋଇବାକୁ ଯାଇ ୨ ଯୁବକ ନିଖୋଜ ହୋଇଛନ୍ତି। ଏଭଳି ଅଘଟଣ ଘଟିଛି ଯାଜପୁର ଜିଲ୍ଲାର ଯୋକଡିଆ ଗାଁରେ। ସୂଚନା ଅନୁସାରେ ଗୁରୁବାର ଅପରାହ୍ନରେ ଯୋକଡ଼ିଆ ଗାଁ ନିକଟ ଖରସ୍ରୋତା ନଦୀର ଶାଖା ପାଟିଆ ନଦୀରେ ବୁଡି ଯାଇ ୨ ଜଣ ନିଖୋଜ ହୋଇଯାଇଛନ୍ତି । ଉଭୟ ସମ୍ପର୍କରେ ଭାଇ ବୋଲି ଜଣାପଡିଛି । ସେମାନେ ହେଲେ ଯାଜପୁର ରୋଡ ଥାନା ସାପଗଡ଼ିଆ ଅଞ୍ଚଳର ବଡ଼ଭାଇ ଶାଶ୍ୱତ ରଞ୍ଜନ ସ୍ୱାଇଁ ଓ ସାନଭାଇ ସ୍ୱସ୍ତିକ ରଞ୍ଜନ ସ୍ୱାଇଁ ବୋଲି ଜଣାପଡିଛି ।

